
ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ସମ୍ପୂର୍ଣ୍ଣ ଓଡ଼ିଆରେ ପ୍ରକାଶିତ ମାସିକ ସାହିତ୍ୟ ଇ-ପତ୍ରିକା
ଆସ୍ପାମ
ମଇ. ୨୦୧୫ ସଂସ୍କରଣ
ସଂପତ୍ତି
ଦ୍ରୁଷ ବଟିକା
ଅଲୋଡ଼ା ଧନ
ରାଗ ଭୈରବୀ
କୋପିତ ବସୁଧା
ବାଘବେଶ ଓ ଲଣ୍ଡାବେଶ
ତଥାପି ସ୍ୱପ୍ନ ବାକି ଅଛି
ଆମ ଜାତୀୟ ପଶୁ
ନୈତିକତା ବନାମ ଧାର୍ମିକତା

ଦଶମ ବର୍ଷ, ପଞ୍ଚମ ସଂଖ୍ୟା
ମଇ, ୨୦୧୫

www.aahwaan.com

# ଆହ୍ୱାନ

ଓଡ଼ିଶାରୁ ପ୍ରକାଶିତ ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟ ଇ-ପତ୍ରିକା

ପ୍ରତିଷ୍ଠାତା - ସମ୍ପାଦକ

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ଏମ୍.ବି.ବି.ଏସ୍., ପି.ଜି.ଡ଼ି,ଏମ୍.ସି.ଏଚ୍, ପି.ଜି.ଡ଼ି.ଏଚ୍.ଏମ୍

ବୀମା ନଗର, ଦ୍ୱିତୀୟ ଗଳି, ବ୍ରହ୍ମପୁର, ୭୬୦୦୧୦, ଓଡ଼ିଶା

ଫୋନ୍ : ୯୦୪୦୯୮୫୪୬୩ ଇ-ମେଲ୍ : aahwaan@gmail.com

'ଆହ୍ୱାନ'ରେ ପୂର୍ଣ୍ଣତଃ ମୌଳିକ, ଅପ୍ରକାଶିତ ଲେଖାଗୁଡ଼ିକୁ ହିଁ କପିରାଇଟର ବ୍ୟବସ୍ଥାରେ ଚୟନ କରାଯାଏ । କୌଣସି ବେନାମୀ ଲେଖା ଉପରେ ଆମର କୌଣସି କର୍ତ୍ତବ୍ୟ / ଦାୟିତ୍ୱ ରହିବ ନାହିଁ, ଯେତେବେଳଯାଏଁ କୌଣସି ସୂଚନା କିମ୍ବା ନିର୍ଦ୍ଦେଶ ଦିଆଯାଇନାହିଁ । ଲେଖାରେ ଦିଆଯାଇଥିବା ବିଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ, ତାହା ଉପରେ ସମ୍ପାଦକ କିମ୍ବା ପ୍ରକାଶକଙ୍କ ସହମତ ରହିବ ବୋଲି କୌଣସି ଲିଖିତ ନିୟମ ନାହିଁ । ଯଦିଓ ସମ୍ପାଦକ ସବୁ ଲେଖାକୁ ଭଲଭାବରେ ପଢ଼ିବା ଏବଂ ବୁଝିବା ପରେ ହିଁ ପ୍ରକାଶିତ କରିଥାନ୍ତି । ତଥାପି ଲେଖାର ଶତପ୍ରତିଶତ ସତ୍ୟତାର ଦାବୀ କେବଳ ଲେଖକଙ୍କର । କୌଣସି ଲେଖାକୁ ନେଇ ଉଠିଥିବା ବିବାଦର ଉତ୍ତରଦାୟିତ୍ୱ କେବଳ ଲେଖାର ମୂଳ ଲେଖକଙ୍କର, ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ନାହିଁ ।

ଏହି ପତ୍ରିକାର କୌଣସି ଅଂଶ ବା ଲେଖା ସମ୍ପାଦକଙ୍କ ଲିଖିତ ଅନୁମତି ବିନା ଅନ୍ୟ କୌଣସି ମାଧ୍ୟମ (ପତ୍ର ପତ୍ରିକା / ଗଣ ମାଧ୍ୟମ / ସମ୍ବାଦପତ୍ର ଇତ୍ୟାଦି)ରେ ପ୍ରକାଶିତ କରିବା ଏକ ଅପରାଧ । ଦୟାକରି ଏହି ବିଷୟ ପ୍ରତି ବିଶେଷ ଧ୍ୟାନ ଦେବେ । ଲେଖକମାନେ ଚାହିଁଲେ ନିଜ ଲେଖାର ପ୍ରଚାର ହେତୁ ସେମାନଙ୍କ ଲେଖା ପ୍ରକାଶିତ ହୋଇଥିବା ପୃଷ୍ଠାମାନଙ୍କ ପ୍ରତିଛବି ଗଣମାଧ୍ୟମରେ / ଇଣ୍ଟରନେଟରେ ଦେଇ ପାରିବେ ।

# ସମ୍ପାଦକୀୟ

ମଇ ମାସ ପ୍ରଥମ ସପ୍ତାହ ସରିଗଲାଣି । ରାଜ୍ୟରେ ଅନ୍ୟୁନ ଦଶଟି ଜିଲ୍ଲାରେ ଦିନବେଳର ତାପମାତ୍ରା ଚାଳିଶି ଡିଗ୍ରୀ ଟପିଗଲାଣି ବୋଲି ଖବର କାଗଜରୁ ଜାଣିପାରିଲି । ଅଂଶୁଘାତର ସମୟ । ଓଡ଼ିଶାରେ ପ୍ରତିବର୍ଷ ଅନେକ ଲୋକ ରୌଦ୍ରତାପ ହେତୁ ପ୍ରାଣ ହରାଇଥାନ୍ତି, ଏବଂ ଚଳିତ ବର୍ଷ ମଧ୍ୟ ଏହାର ପୁନରାବୃତ୍ତି ହେବନାହିଁ, ବୋଲି କେହି କହିପାରିବ ନାହିଁ । ତେଣୁ ସମସ୍ତ ଓଡ଼ିଶାବାସୀଙ୍କ ମଙ୍ଗଳ କାମନା କରି ଉପସ୍ଥାପନ କରୁଛି ଚଳିତ ମାସର ଆହ୍ୱାନ ଇ-ପତ୍ରିକା ।



ଉପକୂଳବର୍ତ୍ତୀ ଓଡ଼ିଶା ପାଇଁ ଅବଶ୍ୟ ବର୍ତ୍ତମାନ ବି ଦିନବେଳର ତାପମାତ୍ରାରେ ବିଶେଷ ପରିବର୍ତ୍ତନ ପରିଲକ୍ଷିତ ହୋଇନାହିଁ । ବ୍ରହ୍ମପୁର ସହରରେ ବିଗତ ଦୁଇ ସପ୍ତାହ ପ୍ରତିଦିନ ଅପରାହ୍ନରେ ମେଘ ଦ୍ୱାରା ଆକାଶ ଘୋଡ଼େଇ ହୋଇ ରହିବା ଫଳରେ ତାପମାତ୍ରା ବିଶେଷ ବଢୁନାହିଁ । ସେହିପରି ଉପକୂଳ ଓଡ଼ିଶାରେ ସାମୁଦ୍ରିକ ପବନ ହେତୁ ଲୋକମାନଙ୍କୁ ରୌଦ୍ରତାପରୁ କିଛି ମାତ୍ରାରେ ତ୍ରାହି ମିଳିଯାଉଛି । ଏହିପରି ସମୟରେ ଚଳିତବର୍ଷ ଅନୁଷ୍ଠିତ ହେଉଥିବା ପୁରୀ ଶ୍ରୀ ମନ୍ଦିରର ଚତୁର୍ଦ୍ଧାମୂର୍ତ୍ତିଙ୍କ ନବକଳେବର ଲୋକଙ୍କ ମଧ୍ୟରେ ନୂତନ ଆଶା ଓ ଧାର୍ମିକ ଚେତନାର ଅଭ୍ୟୁଦୟ କରାଉଛି କହିଲେ ଅତ୍ୟୁକ୍ତି ହେବନାହିଁ । ଜଗତସିଂହପୁର ଠାରେ ଦେବତାମାନଙ୍କ ପାଇଁ ଉଦ୍ଦିଷ୍ଟ ଦାରୁ ସନ୍ଧାନ ହେବା ସହ ସେ ସବୁକୁ କାଟି ଧରାଶାୟୀ କରାଯାଇ ଚଉପଟ କରାଯାଇଛି । ଦାରୁ ଦର୍ଶନ ପାଇଁ ଭକ୍ତଙ୍କ ପ୍ରାବଲ୍ୟ ହେତୁ ସେହି ସବୁ ଅଞ୍ଚଳରେ ଲୋକମାନଙ୍କ ସମୁଦ୍ର ସମାନ ଗହଳି ଦେଖିବାକୁ ମିଳୁଛି ।

ଚଳିତବର୍ଷର ନବକଳେବର ଅନ୍ୟ ସମସ୍ତ ବର୍ଷର ତୁଳନାରେ ଅନେକ ଦୃଷ୍ଟିରୁ ଭିନ୍ନ ।

ପ୍ରତିଦିନର ଖବର ଲୋକମାନେ ଟିଭିର ପରଦାରେ ଦେଖିପାରୁଛନ୍ତି, ଏବଂ ଫେସବୁକ ଓ ହ୍ୱାଟସ୍ଆପରେ ନବକଳେବର ବିଷୟରେ ଅନେକ ଉପାଦେୟ ତଥ୍ୟ ପ୍ରସାରଣ ହେବା ଦ୍ୱାରା ଯେଉଁମାନେ ଏହି ସବୁ ଘଟଣାରେ ରୁଚି ନେଉନଥିଲେ ସେମାନେ ମଧ୍ୟ ରୁଚି ନେଉଛନ୍ତି । କହିବାକୁ ଗଲେ ଏକ ପ୍ରକାରର ସୂଚନା ପ୍ରଦ୍ୟୋଗିକୀ ଜ୍ଞାନ କୌଶଳକୁ ନେଇ ଧାର୍ମିକ ଭାବନାକୁ ଜାଗ୍ରତ କରାଯାଉଛି । ଏହି ପରିପ୍ରେକ୍ଷୀରେ ସୁଦୂର ନୂଆଦିଲ୍ଲୀରେ ଥିବା ଓଡ଼ିଆପୁଅ ସଂଗଠନ ଏବଂ ଅନ୍ତର୍ଜାତୀୟ ଜଗନ୍ନାଥ ସଚେତନା ସଂଘ ତରଫରୁ ମିଳିତ ଭାବରେ ଏକ ନବକଳେବର ଯାତ୍ରାର ଆୟୋଜନ କରାଯାଉଛି । ଏହା ଆସନ୍ତା ୧୨ ତାରିଖରେ ନୂଆ ଦିଲ୍ଲୀଠାରେ ଆରମ୍ଭ ହେବ ଏବଂ ପୁରୀ ଶ୍ରୀମନ୍ଦିରରେ ନବକଳେବର ପୂର୍ବରୁ ଏହା ଦେଶବ୍ୟାପୀ ଯାତ୍ରା କରି ପୁରୀଠାରେ ପହଞ୍ଚିବ । ଆହ୍ୱାନ ଓଡ଼ିଆ ପରିବାର ତରଫରୁ ନବକଳେବର ଯାତ୍ରାପାଇଁ ସମସ୍ତ ପ୍ରକାର ସହାୟତା କରିବାର ପ୍ରତିଶ୍ରୁତି ଦେବାସହିତ ଏହି କାର୍ଯ୍ୟକ୍ରମର ସଫଳତା ପାଇଁ ପ୍ରାର୍ଥନା କରୁଛୁ ।

ବିଗତ ମାସରେ ଭାରତରେ ଅନେକ ଘଟଣା ଘଟିଛି, ସେଥିମଧ୍ୟରୁ ଉଲ୍ଲେଖନୀୟ ହେଉଛି ଦିଲ୍ଲୀରେ ଆମ୍ ଆଦମୀ ପାର୍ଟିର ଆହ୍ୱାନରେ ହେଉଥିବା କୃଷକରାଲିରେ ସର୍ବସମ୍ମୁଖରେ ଜଣେ କୃଷକ ଗଛରୁ ଝୁଲି ପଡ଼ି ଆତ୍ମହତ୍ୟା କରିବା ଘଟଣା, ଏବଂ ନେପାଳ ସମେତ ସମଗ୍ର ଉତ୍ତରଭାରତରେ ଭୂମିକମ୍ପର ବିଭୀଷିକା । କୃଷକ ମାନଙ୍କ ଅବସ୍ଥାରେ କୌଣସି ପ୍ରକାର ଉନ୍ନତି ହୋଇନାହିଁ ବୋଲି ବିଭିନ୍ନ ରାଜନୈତିକ ଦଳ ଶାସକ ବିଜେପି ଉପରେ ଆରୋପ ଲଗାଉଥିବା ବେଳେ ଦେଶବ୍ୟାପୀ ଅନେକ ସ୍ଥାନରେ କୃଷକମାନେ ଦାରିଦ୍ର୍ୟର ତାଡ଼ନା ସହିନପାରି ଆତ୍ମହତ୍ୟା କରୁଥିବା ଘଟଣାମାନ ଆମ ଦେଶରେ ଥିବା ଶାସକୀୟ ବ୍ୟବସ୍ଥାର ଅପାରଗତାକୁ ଦର୍ଶାଉଛି । ଏହି ବିଷୟ ସମ୍ବଳିତ ଏକ ପ୍ରବନ୍ଧ ଏହି ପତ୍ରିକାରେ ଦିଆଯାଇଛି । ସେହିପରି ବିଗତ ମାସରେ ନେପାଳରେ ଆସିଥିବା ଭୟଙ୍କର ଭୂମିକମ୍ପ ଫଳରେ ସମଗ୍ର ନେପାଳରେ ଏହାର ଭୟଙ୍କର ପ୍ରଭାବ ଦେଖିବାକୁ ମିଳିଛି । ଏହା ଫଳରେ ସମଗ୍ର କାଠମାଣ୍ଡୁ ସହର ଧ୍ୱଂସସ୍ତୁପରେ ପରିଣତ ହୋଇଛି । ମୁଖ୍ୟତଃ ପର୍ଯ୍ୟଟନ ଉପରେ ନିର୍ଭରଶୀଳ ଏହି ରାଷ୍ଟ୍ରର ଅନେକ ପର୍ଯ୍ୟଟନସ୍ଥଳୀ ବର୍ତ୍ତମାନ ନିଶ୍ଚିହ୍ନ ହୋଇଯାଇଛି । ସାତହଜାରରୁ ଅଧିକ ଜନଜୀବନ ଏହାଦ୍ୱାରା ନଷ୍ଟ ହେବା ସହ ଅକଥନୀୟ ଦୁର୍ଦ୍ଦଶା ଦେଖାଦେଇଛି । ଏହିପରି ସମୟରେ

ଭାରତୀୟ ସରକାରଙ୍କ ଦ୍ୱାରା ତ୍ୱରିତ ପ୍ରକ୍ରିୟା ଦ୍ୱାରା ସହାୟତା ପହଞ୍ଚାଇବା ଏବଂ ଉଦ୍ଧାର ଓ ଅନ୍ୟାନ୍ୟ କାର୍ଯ୍ୟରେ ନିୟୋଜିତ ହୋଇ ପଡ଼ୋଶୀ ରାଷ୍ଟ୍ରକୁ ସହାୟତା ଯୋଗାଇଦେଇ ବିଶ୍ୱ ଭାତୃତ୍ୱର ବାର୍ତ୍ତାକୁ ସୁଦୃଢ଼ ଭାବରେ ସମସ୍ତଙ୍କୁ ଶୁଣାଇଦେଇଛି । ନେପାଳର ଏହି ଦୁର୍ଦ୍ଦିନ ସମୟରେ ଆହ୍ୱାନ ଓଡ଼ିଆ ପରିବାର ତରଫରୁ ସମବେଦନା ଜ୍ଞାପନ କରୁଛୁ ଏବଂ ସମସ୍ତେ ଭଲରେ ଥାଆନ୍ତୁ ବୋଲି ପ୍ରାର୍ଥନା କରୁଛୁ ।

ଆଗାମୀ ମାସର ସଂସ୍କରଣରେ ଖରାଦିନ, ଗ୍ରୀଷ୍ମ, ନିଦାଘ ଓ ଦାରୁଣ ପରିବେଶ ସମ୍ବଳିତ ଲେଖାମାନ ପ୍ରକାଶପାଇବ, ତେଣୁ ଇଚ୍ଛୁକ ଲେଖିକା ଓ ଲେଖକବନ୍ଧୁମାନେ ନିଜଦ୍ୱାରା ରଚିତ, ଗଳ୍ପ, କବିତା, ପ୍ରବନ୍ଧ, ବ୍ୟଙ୍ଗ, ଶିଶୁକଥା, ଘରେଇ, ରୋଷେଇ, ଜୀବନ, ସ୍ୱାସ୍ଥ୍ୟ, ସମାଜ ଆଦି ସମ୍ବଳିତ ଲେଖା ଆମ ନିକଟକୁ ଶୀଘ୍ର ପଠାଇବା ପାଇଁ ଅନୁରୋଧ କରାଯାଉଛି ।

ଆଶା କରୁଛି ଚଳିତ ମାସର ଆହ୍ୱାନ ଆପଣମାନଙ୍କୁ ଆନନ୍ଦ ଆଣିଦେବ ।

ଧନ୍ୟବାଦ

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

# ନେପାଳରେ ହୋଇଥିବା ଭୂମିକମ୍ପରେ ମୃତ୍ୟୁବରଣ କରିଥିବା ଆତ୍ମାଙ୍କ ସଦଗତି ନିମନ୍ତେ ପ୍ରାର୍ଥନା କରୁଛୁ ।

# ଚଳନ୍ତ ସଂସ୍କରଣରେ...


| | | | |
|---|---|---|---|
| ସମ୍ପାଦକୀୟ | ୪ | ବିଦ୍ରୋହୀ ବନ୍ଧୁ | ୪୧ |
| ଶ୍ରଦ୍ଧାଞ୍ଜଳୀ | ୭ | *ସ୍ୱରୂପ କୁମାର ମଲ୍ଲ* | |
| ତଥାପି ସ୍ୱପ୍ନ ବାକି ଅଛି | ୧୦ | ଦୁଃସ୍ୱପ୍ନ | ୪୨ |
| *ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ* | | *ଅନୁପମ୍ ବେହେରା* | |
| ଗଗ ଭୈରବୀ | ୧୭ | ବ୍ରହ୍ମପୁରର ବାଘବେଶ | ୪୩ |
| *ମମତା ଦାଶ* | | *ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ* | |
| ଅଲୋଡ଼ା ଧନ | ୨୮ | ବ୍ରହ୍ମପୁରର ଲଣ୍ଡାବେଶ | ୪୮ |
| *ଅନିଲ୍ କୁମାର ବୋଇତି* | | *ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ* | |
| ସ୍ୱପ୍ନାଲୋକ ଓ ଫେସବୁକ | ୩୩ | ଆଦର୍ଶ | ୫୧ |
| *ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ* | | *ପ୍ରହଲ୍ଲାଦ ଖଟୋଇ* | |
| ବୁଝି ବିଗ୍ଣର କର୍ମ କଲେ | ୩୭ | ମନ ତୁ କାନ୍ଦୁଛୁ କାହିଁ | ୫୨ |
| *ପ୍ରୀତି ପ୍ରିୟଦର୍ଶିନୀ ମହାପାତ୍ର* | | *ପ୍ରସନ୍ନ କୁମାର ଦାସ* | |
| ସ୍ୱପ୍ନ | ୪୦ | ଛଡା | ୫୪ |
| *ଶ୍ରୀ ସୂର୍ଯ୍ୟକାନ୍ତ ଦାଶ* | | *କିଶୋରଚନ୍ଦ୍ର ସାହୁ* | |


**http://www.facebook.com/odiaparibar**

ଅକ୍ଷୟ ତୃତୀୟା ୫୬
*ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ*

ଏମିତି ବି ପ୍ରେମ ହୁଏ ୫୯
*ପ୍ରଶାନ୍ତ କୁମାର ନାଥ*

ମୋ ଚପଲ ୬୧
*ସୁଶ୍ରୀ ମାହେଶ୍ୱରୀ ରଥ*

କୃଷକ ଆତ୍ମହତ୍ୟା କାହିଁକି ୬୨
*ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ*

ଆମ ଜାତୀୟ ପଶୁ ୬୬
*ଡା ସୌମ୍ୟରଞ୍ଜନ ମିଶ୍ର*

କୋପିତ ବସୁଧା ୭୧
*ହିମାଂଶୁ ଶେଖର ବାରିକ*

ନୈତିକତା ବନାମ ଧାର୍ମିକତା ୭୩
*ବାଲ୍ମୀକି ନାୟକ*

ନେପାଳ ୭୭
*ଇଂ ସରୋଜ ମହାପାତ୍ର*

ଛେନାକ୍ଷୀରି ୭୮
*କୁନି ମିଶ୍ର*

କୁନି କୁନି ପିଲାଙ୍କ ପାଇଁ ୭୯
*ରାହୁଲ ପଣ୍ଡା*

ସମ୍ପତ୍ତି (ଧାରାବାହିକ) ୮୧
*ଶ୍ରୀମତି ସରିତା ପଣ୍ଡା*

ସାମାଜିକ ଦାୟିତ୍ୱ ଓ ଡାକ୍ତର ୯୧
*ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ*

ହସ ବଟିକା ୯୫
*ଡ: କୁଳାଙ୍ଗାର*

ଆଶୀର୍ବାଦ ୯୬
*କମଳକାନ୍ତ ସୁବୁଦ୍ଧି*

ବିଶେଷ ସୂଚନା ୯୬


ଆହ୍ୱାନ ଇ-ପତ୍ରିକାର ଆଗାମୀ ସଂସ୍କରଣ ଆସନ୍ତା ମାସ (ଜୁନ୍) ଦଶ ତାରିଖରେ ପ୍ରକାଶିତ ହେବ, ନିଜ ଲେଖା ପତ୍ରିକାରେ ପ୍ରକାଶିତ କରିବା ଇଚ୍ଛୁକ ଲେଖକଲେଖିକା ନିଜ ଲିଖିତ କୃତିକୁ ଆମ ନିକଟକୁ ଇମେଲ୍‌ଦ୍ୱାରା ପଠାଇ ପାରିବେ କିମ୍ବା ଚିଠିଦ୍ୱାରା ପଠାଇ ପାରିବେ । ଅଧିକ ସୂଚନା ପାଇଁ ପତ୍ରିକାର ଶେଷ ପୃଷ୍ଠାକୁ ପଢ଼ନ୍ତୁ ।


**http://www.facebook.com/groups/aahwaan**

ଦଶମ ବର୍ଷ, ପଞ୍ଚମ ସଂଖ୍ୟା
ମଇ, ୨୦୧୫



# ତଥାପି ସ୍ୱପ୍ନ ବାକିଅଛି !!

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ



ଅଙ୍କଲ୍ । ଅଙ୍କଲ୍ .... ଡାକି ଡାକି ଘର ଭିତରକୁ ପଶିଆସିଥିଲା ପଡ଼ିଶା ମିଶ୍ରବାବୁଙ୍କ ସାନ ଝିଅ ରଙ୍କି । ଟେବୁଲ୍ ଉପରେ ଥାଳିରେ କିଛି ପିଠା ଥୋଇଦେଇ କହଲା, ବୋଉ ଦେଇଛନ୍ତି, ଆଜି ଘରେ ପୂଜା ଥିଲା ତ । ଖାଇଦିଅ । ମୁଁ ପରେ ଆସି ପ୍ଲେଟ୍ ନେଇଯିବ । ସେ ସେମିତି ଗ୍ଳଲଗଲା । ମୁଁ ଚେୟାର୍ ଉପରୁ ଉଠି ଯାଇ କବାଟଟା ବନ୍ଦ କରିଦେଇ ଆସିଲି । ଟେବୁଲ୍ ଉପରେ ଥିବା କାକର୍ ପିଠାର ବାସ୍ନା ଆଉ ସମ୍ଭାଳି ପାରୁନଥିଲି । ଇଚ୍ଛା ହେଉଥିଲା ସବୁ ଗୁଡ଼ାକ ଏକାଥରେ ଖାଇ ଦେବି । ଅନେକ ଦନ ହେବ ଏମିତି ପିଠା ଖାଇନଥିଲି । ପିଲା ବେଳେ ବୋଉ କେବେ କେବେ ପିଠା କରୁଥିଲା, ମୋ ପାଇଁ କାକର୍ ନିଶ୍ଚୟ କରୁଥିଲା । ଟେବୁଲ୍ ପାଖକୁ ଯାଇ ଦେଖିଲି, ପ୍ଲେଟ୍‌ରେ ଗ୍ଳରିଟା କାକର୍ ଆଉ ଦୁଇଟା ମଣ୍ଡା ପିଠା ଅଛି । ଗୋଟିଏ କାକର୍‌କୁ ହାତରେ ଧରି ଦେଖିଲି, ମୁହଁ ପାଖକୁ ଆଣିଲା ବେଳକୁ ତା ବାସ୍ନାରେ ମୋ ପାଟିରେ ଜୁଆର ଆସିଲା । କିନ୍ତୁ ମନେ ପଡ଼ିଗଲା, ମୋତେ ତ ଡାକ୍ତର ମନା କରିଛନ୍ତି ମିଠା ଖାଇବା ପାଇଁ । ହେଲେ ଘରେ ତ ଆଉ କେହି ନାହିଁ । ପିଠା ଟା ଫେରାଇ ଦେବା ଟା ଠିକ୍ ହୋଇଥାନ୍ତା । କିନ୍ତୁ କାଲେ ସେମାନେ ଖରାପ ଭାବିବେ । ତେଣୁ ପିଠାକୁ ଗୋଟିଏ ପ୍ଲେଟରେ ରଖି ଫ୍ରିଜ୍‌ରେ ରଖିଦେଲି । ଫାଳେ କାକର୍ ଧରି ପୁଣି ଟିଭି ସାମନାରେ ବସି ପଡ଼ିଲି । ଟିଭି ସେମିତି ଗ୍ଳଲୁଥିଲା ମୋତେ ମୋ ପିଲା ଦିନ ମନେ ପଡୁଥିଲା । ଦିନ ସତେ କେତେ ଶୀଘ୍ର ଗ୍ଳଲିଯାଏ । ଏଇ ଘରକୁ ଯେଉଁଦିନ ପ୍ରଥମେ ଆସିଥିଲୁ, ମୁଁ ସବୁଠୁ ବେଶୀ ରାଗିଥିଲି । ମୋ ପାଇଁ ଅଲଗା ରୁମ୍ ନଥିଲା । ବାପା ସବୁଦିନ ପରେ ଶାନ୍ତସ୍ୱରରେ କହିଥିଲେ, ‘ତୁ ଗ୍ଳକିରୀ କଲେ ୟା’ଠୁ ବି ବଡ଼ ଘରଟେ କରିବୁ । ସେଠି ଅଲଗା ଅଲଗା ରୁମ୍ ରଖିବୁ ।’ ରାଗିଯାଇ କହୁଥିଲି, ‘ହଁ, ନିଶ୍ଚୟ କରିବି । ଏଇ ଦିଆସିଲି ପେଡ଼ି ଭଳି ଘରେ ମୁଁ ରହିବିନି ।’ ସେତେବେଳକୁ ମୁଁ +୨ ପଢୁଥିଲି । ସେଇ ବର୍ଷ ମୋର ଇଞ୍ଜିନିୟରିଂ ଏଣ୍ଟ୍ରାନ୍‌ସରେ

ଭଲ ନମ୍ବର ଆସିଥିଲା ଆଉ ମୁଁ ରାଉରକେଲା ଯାଇଥିଲି ଇଞ୍ଜିନିୟରିଂ ପଢ଼ିବା ପାଇଁ । ଅଳ୍ପଦିନ ହିଁ ଏହି ଘରେ ରହିବାକୁ ପାଇଥିଲି । ରାଉରକେଲାରେ ଇଞ୍ଜିନିୟରିଂ ପଢୁଥିବା ବେଳେ ହଷ୍ଟେଲରେ ରହୁଥିଲି ଆଉ ପାଠ ସରିବା ପରେ କ୍ୟାମ୍ପସରେ ଚାକିରୀ ପାଇ ପଳେଇ ଯାଇଥିଲି ବାଙ୍ଗାଲୋର୍ ।

ଭାଗ୍ୟଦେବୀ ପ୍ରସନ୍ନ ଥିଲେ, ବାଙ୍ଗାଲୋରରେ ବର୍ଷେ ରହିବାପରେ ବିଦେଶ ଯିବାର ସୁଯୋଗ ମିଳିଲା । ବୋଉ ଅନେକ କାନ୍ଦିଥିଲା, କହିଲା ତୁ ନ ଗଲେ ଚଳିବନି ? ଯଦି ଯିବୁ ବାହା ସାହା ହେବା ପରେ ଯା । ହେଲେ ମିଳୁଥିବା ସୁଯୋଗକୁ କେମିତି ବା ଛାଡ଼ିଦେଇଥାନ୍ତି । ପୁଣି ଦରମା ମିଳିବ ଦୁଇଗୁଣାରୁ ଅଧିକ । ମୋ ପାଇଁ ସତେ ଯେମିତି ଲଟେରୀ ଲାଗିଯାଇଥିଲା । ବାପା ସବୁବେଳ ପରି ନୀରବ ରହିବାକୁ ହିଁ ଶ୍ରେୟ ମଣିଥିଲେ । ଆମେରିକାରେ ଚାକିରୀ । ମିଳିବ ଡଲାରରେ ଦରମା । ବର୍ଷେ ଦୁଇଟା ରହି ଆସିଲେ ମୁଁ ଆମ ଘରଠୁ ବଡ଼ ଘରଟେ କରିବି । ଏଇ ଆଶାରେ ଚାଲିଗଲି ବିଦେଶ ।

ଦେଖୁ ଦେଖୁ ବର୍ଷେ ବିତିଗଲା । ବାପାବୋଉ ଦେଉଥିବା ଚିଠି ଖଣ୍ଡେ ଖଣ୍ଡେ ମାସେ ଅଧେରେ ପାଉଥିଲି । କେବେ ଫେରିବୁ ବୋଲି ଅନେକ ପଚାରୁଥିଲେ । ମୋତେ ଆଉ ଇଚ୍ଛା ହେଉ ନଥିଲା ଫେରିବା ପାଇଁ । ଥରେ ଆସିବା ଆଉ ଯିବାରେ ମୋର ଦୁଇ ମାସର ଦରମା ଚାଲିଯିବ । ତା'ପରେ ପୁଣି ସମସ୍ତଙ୍କ ପାଇଁ କିଛି କିଛି ଉପହାର ନ ଆଣିଲେ ସବୁ ମୁହଁ ମୋଡ଼ିବେ ବୋଲି ଯଥା ସମ୍ଭବ ଫେରିବା ଯୋଜନାକୁ ସୀମିତ ରଖିଥିଲି । କିଛି କିଛି ଟଙ୍କା ସଞ୍ଚୟ କରୁଥିଲେ ବି ଖର୍ଚ୍ଚ ମଧ୍ୟ ଅନୁରୂପ ହେଉଥିଲା । ଥରେ ଅଧେ ଦେହ ଖରାପ ହୋଇଥିଲା ଯେ, ସଞ୍ଚିତ ଅର୍ଥର ଗୋଟେ ବଡ଼ଭାଗ ଚିକିତ୍ସାରେ ହିଁ ସରିଗଲା । ଦୁଇ ବର୍ଷ ହେଲାଣି ଆମେରିକାରେ ରହି । ଘର ବହୁତ ମନେ ପଡ଼େ, ପାଖରେ ଯାହା ସଞ୍ଚୟ କରିଥିଲି ସେତିକି ଯଥେଷ୍ଟ ନଥିଲା ଗୋଟିଏ ଘର କିଣିବାପାଇଁ । ତେଣୁ ଆଉ କିଛି ଦିନ ବିଦେଶରେ ରହିବା ଯୋଜନା କରି ଫେରିବା କାର୍ଯ୍ୟକ୍ରମକୁ ପୁଣିଥରେ ଗଡ଼େଇ ଦେଲି । ଏଣେ କମ୍ପାନୀରୁ ବି କୌଣସି ସ୍ପଷ୍ଟ ନିର୍ଦ୍ଦେଶ ମିଳୁନଥିଲା ।

କିଛି ମାସ ପରେ ଖବର ଆସିଲା, ଗାଁରେ ଜେଜେବାପାଙ୍କ ଦେହ ବହୁତ ଖରାପ । ପିଲାଦିନୁ ମୋତେ ବହୁତ ସ୍ନେହ କରି ବଡ଼ କରିଥିଲେ । କିନ୍ତୁ ଖାଲି ତାଙ୍କୁ ଦେଖା କରିବାପାଇଁ ଲକ୍ଷେ ଟଙ୍କା ଖର୍ଚ୍ଚ କରିବାକୁ ମନ ହେଉନଥିଲା । ତେଣେ ବୋଉ ବି ଜିଦ୍ ଧରି ବସିଥିଲା ଯେ ବୟସ ଗଡ଼ିଯାଉଛି ବାହା ହେଇପଡ଼ । ବୋଉକୁ ଫୋନରେ ଜଣେଇ ଦେଇଥିଲି, ଯେ ଜେଜେବାପାଙ୍କୁ ଦେଖିବା ପାଇଁ ଆସିବି,

ମାତ୍ର ଛୁଟି ମିଳୁଚି ସବୁ ଦଶ ଦିନର । ଯଦି ବାହାଘର କଥା ଚିନ୍ତା କରୁଛୁ ତ ଦେଖ୍ ଏଇ ଭିତରେ ଯଦି ହବ ବାହାଘର କାମଟା ବି ସାରିଦେବି । କାରଣ ପୁଣି ଥରେ ମୋତେ ଛୁଟି ଆଉ ବର୍ଷେ ପର୍ଯ୍ୟନ୍ତ ମିଳିବ ନାହିଁ । ବୋଉ ଖୁସି ହୋଇଯାଇଥିଲା । ବାପା କହିଲେ, ଦଶ ଦିନ ମଧ୍ୟରେ ବାହାଘର କେମିତି ହେବ ? କହିଦେଲି, ଜାତକ ତମ ପାଖରେ ଅଛି, ଦେଖ ଯଦି କୌଣସି ଭଲ ପ୍ରସ୍ତାବ ଆସୁଛି ଦେଖି ହଁ କରିଦିଅ । ବୋଉ କହିଲା, ଝିଅ ନ ଦେଖି କେମିତି ବାହା ହେବୁ ? ମୁଁ କହିଲି ବୋଉ ଝିଅ ଦେଖିବା ନିର୍ବନ୍ଧ କରିବା ଆଦି କାର୍ଯ୍ୟକ୍ରମ ପାଇଁ ମୋ ପାଖରେ ସମୟ ନାହିଁ । ଭଲ ଝିଅ ବୋଲି ଯଦି ଭାବିବୁ ବାହାଘର ଠିକ୍ କରିଦେବୁ । ବଡ଼ ଭଉଣୀ ଫୋନରେ କହିଥିଲା, 'ଦେଖ କୁନା, ତୁ ଫରେନ୍ ରେ ରହୁଛୁ । ତୋ ବାହାଘର ବି ସେମିତି ଥାଟ୍ ରେ ହେବାକୁ ପଡ଼ିବ । ନହେଲେ ଲୋକ ଛି ଛାକର କରିବେ । ତୁ ସିନା ବିଦେଶ ପଳେଇବୁ ଏଠି ବାପାବୋଉ ସବୁ ନିନ୍ଦା ଶୁଣିବେ ।' ମୁଁ କହିଲି, 'ତୁମ ମାନଙ୍କ ଯାହା ଇଚ୍ଛା କର ।' ନାନୀ ଖାଲି ଏତିକି କହିଲା, 'ବାପାଙ୍କ ପାଖରେ ଏତେ ପଇସା ନାହିଁ, ତୁ ଯଦି ଟଙ୍କା ଆଣିବୁ ତୋ ବାହାଘର ଭଲରେ ହେବ ।'

ଦଶଦିନର ଛୁଟିପାଇଁ କହିଥିଲି । ହେଲେ ଖାଲି ଯିବା ଆସିବା ପାଇଁ ଯାହା ଖର୍ଚ୍ଚ ହେବାର ଥିଲା ତା ବ୍ୟତୀତ ସମସ୍ତଙ୍କ ପାଇଁ କିଛି କିଛି ଉପହାର, ଆଉ ବାହାଘର ପାଇଁ ଟଙ୍କା । ଅନିଚ୍ଛା ସତ୍ତ୍ୱେ ମୋ ସଞ୍ଚୟ ପୁଣି ମୋ ହାତରୁ ବାଲିଭଳି ଖସିଯାଉଥିଲା । ଅନ୍ୟୋପାୟ ନଥିଲା । ଚିନ୍ତା କରୁଥିଲି, ହଉ ଆଉ କିଛି ବର୍ଷ ଏଠି ରହିଯିବି, ସବୁ ସମାନ ହୋଇଯିବ । ଭାରତ ଆସି ପହଞ୍ଚିବା ପରେ ପରେ ଗାଁକୁ ଯାଇ ଜେଜେଙ୍କୁ ଦେଖିଲି ଆଉ ସାଥିରେ ନେଇ ଆସିଥିଲି । ବୋଉ ଝିଅମାନଙ୍କର ମୁଠାଏ ହେବ ଫୋଟୋ ଟେବୁଲ୍ ଉପରେ ଥୋଇଦେଇ କହିଲା, ଦେଖ୍ ତୋତେ କିଏ ଭଲ ଲାଗୁଛି । ନାନୀ ଆଉ ଜେଜେ ପାଖରେ ବସିଲେ । ଘଣ୍ଟାଏ ଲାଗିଲା, ଶେଷରେ ଝିଅ ଠିକ୍ ହୋଇଗଲା । ସେଇ ଦଶ ଦିନରେ ବାହାଘର ଆଉ ସବୁ ଆନୁସଙ୍ଗିକ କାର୍ଯ୍ୟକ୍ରମ ସରିଗଲା । ବିବାହିତା ପତ୍ନୀଙ୍କୁ ଭଲ ଭାବରେ ଦେଖିବା କି ବସି କଥାବାର୍ତ୍ତା ଟିକେ ହେବା ଭଳି ସୁଯୋଗ ମିଳିଲାନି । ମୋତେ ଏକା ଫେରିବାକୁ ପଡ଼ିଲା । ଦଶ ମାସ ଲାଗିଗଲା ମୋ ସ୍ତ୍ରୀ ଅନିତାର ଭିସା ଆଉ ପାସପୋର୍ଟ ପାଇଁ । ସେ ଏକା ଆସିପାରିବନି ବୋଲି କହିଦେଇଥିଲା, ତେଣୁ ପୁଣିଥରେ ପୁଳାଏ ଟଙ୍କା ଖର୍ଚ୍ଚ କରି ମୋତେ ଆସିବାକୁ ପଡ଼ିଲା, ଆଉ ସ୍ତ୍ରୀଙ୍କୁ ନେଇ ଫେରିଲି ।

ନୂଆ ନୂଆ ବିବାହିତା ଅନିତା । ସେ ବି ନୂଆ ଦୁନିଆରେ ଘର ଚଳେଇବାର ସମସ୍ତ କଳା ଭଲଭାବରେ ଜାଣିନଥାଏ । ରୋଷେଇକରିବା, ଘର ସଫା କରିବା, ଏମିତିରେ ତା ଦିନ ବିତୁଥିଲା । ଭାରତକୁ ଫୋନ କଲେ ମିନିଟକୁ ପଚିଶିଟଙ୍କା ଦେବାକୁ ପଡୁଥିଲା ବୋଲି ମୁଁ ଅକାଳେ ସକାଳେ ଘରକୁ ଫୋନ କରୁଥିଲି, ହେଲେ ଅନିତା ଆସିବାପରେ ପ୍ରାୟ ସପ୍ତାହରେ ତିନି ଚାରିଥର ଫୋନ ହେଲା, ଥରେ ଫୋନ ଧରିଲେ ସେ ଭୁଲିଯାଉଥିଲା ଯେ ଏଇଟା ଆମେରିକା । ପଡ଼ିଶାଘରେ ବସି କଥା ହେବାଭଳି ଅଧା ଅଧାଘଣ୍ଟା କଥା ହୁଏ । ବହୁଦୂରରେ ନିଜ ବାପାମାଆଙ୍କୁ ଛାଡ଼ି ଆସିଛି, ବୋଲି କିଛି କହୁନଥିଲି, ହେଲେ ଫୋନରେ ହିଁ ମୋ ଆୟର ଏକ ଭାଗ ଖର୍ଚ୍ଚ ହେଉଥିବା କଥା ଦିନେ ତାଙ୍କୁ ଜଣେଇଦେଲି । ଏହାପରେ ସେ କିଛି କହିନଥିଲା । ହେଲେ ଦିନେ ଅପରାହ୍ନରେ ଅଫିସରୁ ଫେରି ସୋଫା ଉପରେ ବସିଲା ବେଳକୁ ଦେଖିଲି ଅନିତାର ମୁହଁ ଟା ହାଣ୍ଡିପରି ଫୁଲିଯାଇଛି । କଥା କଣ ପଚାରିବାପରେ କହିଲା, ତମେ ମୋତେ କାହିଁକି ବାହା ହୋଇଥିଲ ? ଏଇଠିକୁ ଆଣି ଚାକରାଣୀ କରିବାପାଇଁ । ମୁଁ ସବୁ କାମ କରିପାରୁନି । ଘରେ ଚାକରାଣୀ ରଖ ନହେଲେ ମୋତେ ନେଇ ଘରେ ଛାଡ଼ିଦିଅ । ଚାକରାଣୀ ? ଜାଣିଛ, ଆମେରିକାରେ ଚାକରାଣୀ କେତେ ଦରମା ନିଏ ? ମାସକୁ ଭାରତୀୟ ମୁଦ୍ରାରେ ଅତି କମରେ ତିରିଶି ହଜାର ଟଙ୍କା । ହେଲେ ସେ ନିଚ୍ଛୋଡ଼ବନ୍ଧା । ଅବସ୍ଥା ଭାରି ଗମ୍ଭୀର । କଣ କରିବି କିଛି ବୁଦ୍ଧିବାଟ ଦିଶୁନଥିଲା ।

ବନ୍ଧୁମାନଙ୍କୁ ପରାମର୍ଶ କରିବାପରେ ସେମାନେ ମତ ଦେଲେ ଯେ, ବାହା ହେବାପରେ ତୁ ଭାଉଜଙ୍କୁ ଆଣି ସିନା ଆମେରିକାରେ ରଖିଦେଲୁ, ହେଲେ ତାଙ୍କୁ ଆମେରିକା ବୁଲାଇ ଦେଖେଇଲୁନି, ସେଇଥିପାଇଁ ବୋଧହୁଏ ସେ ରାଗିଥିବେ । କଥାଟା ବି ଠିକ୍ । ସେ ଆସିଲା ଦିନରୁ ମେସିନ୍ ଭଳି ଖଟି ଚାଲିଛି । କିଛି ବନ୍ଧୁ ମୋ ପାଇଁ ଭ୍ରମଣ କାର୍ଯ୍ୟକ୍ରମଟିଏ ଯୋଗାଡ଼ କରିଦେଲେ । ସପ୍ତାହକ ପାଇଁ ଯାଇ ବୁଲାବୁଲି କରି ଆସିଲି । କହିବା ଅନାବଶ୍ୟକ ଯେ ଏହା ଫଳରେ କିଛି ବଡ଼ ଧରଣର ଖର୍ଚ୍ଚ ବି କରିବାକୁ ପଡ଼ିଥିଲା । ଫେରିବାପରେ ବି ଅନିତାର ଅବସ୍ଥା ସୁଧୁରିବା ଭଳି ଲାଗୁନଥିଲା । ସେ ଖାଲି କହୁଥିଲା, ମୋତେ ଏ ଆମେରିକା ଭଲ ଲାଗୁନି ଚାଲ ଫେରିଯିବା । ଆମ ଦେଶ ହିଁ ଭଲ । ହେଲେ ତାକୁ କହିପାରୁନଥିଲି, ଯେ ଏଇ ଦେଶକୁ ଆସିବାର ମୋର ମୂଳ ଉଦ୍ଦେଶ୍ୟ କଣ ଥିଲା । ମୁଁ ଚାହୁଁଥିଲି କିଛି ଅର୍ଥ ସଞ୍ଚୟ କରିବାପାଇଁ, ଯାହାଦ୍ୱାରା ମୁଁ ଗୋଟିଏ ଭଲ ଘର ଅନ୍ତତଃ କରିପାରିବି । ବାପାବୋଉ

ଫୋନରେ କହୁଥିଲେ ପିଲାଝିଲା ହୋଇଗଲେ ସବୁ ସମାଧାନ ହୋଇଯିବ । ବାହା ହୋଇ ବର୍ଷେ ଉପରେ ସମୟ ହେଲାଣି ।

ହଠାତ୍ ଦିନେ ଜଣା ପଡ଼ିଲା ମୁଁ ବାପା ହେବାକୁ ଯାଉଛି । ଖୁସିରେ ବାପାବୋଉଙ୍କୁ ଫୋନକରି କହିଦେଲି । ବଜାରକୁ ଯାଇ ଭଲ ଭଲ ଖେଳଣା କିଣି ଆଣି ଘରର ଗୋଟିଏ ରୁମରେ ରଖିଦେଲି । ଅନିତା ବି ବହୁତ ଖୁସିଥିଲା । ତା ଗର୍ଭଧାରଣ ପରେ ପୁଣିଥରେ ଖର୍ଚ୍ଚ ବଢ଼ିବାକୁ ଲାଗିଥିଲା । ଯେତେଥର ଡାକ୍ତର ପାଖକୁ ଯାଉଥିଲି, ସେତେ ଅଧିକ ଖର୍ଚ୍ଚ ହେଉଥିଲା । ପାଞ୍ଚମାସ ଗର୍ଭ ହେବାପରେ ସେ କାମ କରିବାକୁ ଆଉ ସକ୍ଷମ ହେଲାନି । ମୋତେ ଘର ଆଉ ଅଫିସ ଉଭୟକୁ ଦେଖିବାକୁ ପଡ଼ିଲା । ତଥାପି ତା'ର ସବୁ ପ୍ରକାର ସେବାଶୁଶ୍ରୁଷା କରିବା ଭଳି ବଳ ମୋର ଆଉ ନଥିଲା । ବୋଉକୁ କହିଲି ତୁ ଆସ ଆମେରିକା, ଏଠି ଅନିତାର ପିଲା ଜନ୍ମ ହେବାଯାଏଁ ରହିବୁ । ସେ କହିଲା, ତୁ ଅନିତାକୁ ନେଇ ପଳେଇଆସ । ଏଠି ସମସ୍ତେ ଅଛନ୍ତି ଅସୁବିଧା ହେବନି । ହେଲେ ପୁଣି ଚିନ୍ତା କରୁଥିଲି, ଏଠି ଛୁଆ ଜନ୍ମହେଲେ ସେ ଆମେରିକାର ନାଗରିକ ବୋଲି ପ୍ରମାଣିତ ହୋଇଯିବ । ପିଲାର ଭବିଷ୍ୟତ ସୁଧୁରିଯିବ । ତେଣୁ ଜିଦ୍ କରିବାପରେ ବୋଉ କହିଲା, ବାପାଙ୍କୁ ଦେଖିବାପାଇଁ କେହି ନାହାନ୍ତି । ତେଣୁ ସେ ଆସିପାରିବ ନାହିଁ । ଅଗତ୍ୟା ଅନିତାର ମାଙ୍କୁ ଆମେରିକା ଆସିବାକୁ ପଡ଼ିଲା । ଏମିତି ଦୁଇଥର ହୋଇଥିଲା ।

ଆମେରିକାରେ ରହିବାର ଅନେକ ବର୍ଷ ବିତିଯାଇଥିଲା । ଦିନକୁ ଦିନ ଖର୍ଚ୍ଚ ବଢୁଥିଲା ସିନା କମିବାର ନାଁ ନେଉନଥିଲା । ମୋର ଦୁଇଟି ପୁଅ ସ୍କୁଲରେ ପଢ଼ିବା ଆରମ୍ଭ କରିଥିଲେ । କିନ୍ତୁ ଅନିତା ତଥାପି ଖୁସି ନଥିଲା, ତା ଦେହ ବି ସବୁବେଳେ ଖରାପ ରହିବା ହେତୁ ସେ ବାରମ୍ବାର ଭାରତ ଫେରିବା ପାଇଁ କହୁଥିଲା । ପିଲାମାନେ ସାନ ଅଛନ୍ତି ଚାଲ ଫେରିଯିବା, କିଛି ଅସୁବିଧା ହେବନି । ହେଲେ ଭାରତ ଫେରିଲେ ମୋତେ ଆଉ କେହି ଏତେ ଅଧିକ ଦରମା ଦେବେନି ଘର ଚଳିବା ଅସୁବିଧା ହେବ ବୋଲି ଚିନ୍ତା କରି କରି ମୋ ମାନସିକ ଅବସ୍ଥା ଖରାପ ହେବାକୁ ଲାଗିଥିଲା । ଘରଠାରୁ ହଜାର ହଜାର ମାଇଲ୍ ଦୂରରେ ଥିଲି । ବାପା ଚାକିରୀରୁ ଅବସର ନେଇସାରିଥିଲେ । ବୋଉର ଅବସର ନେବା ଅସମ୍ଭବ ଥିଲା । ତା ରୋଷେଇ କାମ କିଏ କରିବ ? ହଁ, ମୁଁ ଯଦି ଘରେ ରହୁଥାନ୍ତି, ତା ହେଲେ ହୁଏତ ଅନିତା ସେ ସବୁ କାମ କରିଥାନ୍ତା, ବାପା ବୋଉ ବିଶ୍ରାମ କରିଥାନ୍ତେ । ହେଲେ ସେ ସବୁ ବି ସମ୍ଭବ ହେଉନଥିଲା ।

ଭାରତ ଯିବାକଥା ପଡ଼ିଲେ ମୋ ଦୁଇ ପୁଅ ସିଧା ମନା କରିଦେଉଥିଲେ । ମା ପୁଅଙ୍କ ବିରୋଧାଭାସରେ ମୁଁ ମଝିରେ ଘୋରି ହୋଇଯାଉଥିଲି ।

ଦିନେ ଖବର ଆସିଲା, ବାପାଙ୍କ ଦେହ ବହୁତ ଖରାପ । ଛୁଟିନେଇ ଯିବାପାଇଁ ମନ ଥିଲେ ବି ପୁଅମାନେ ନ ଯିବାପାଇଁ ଜିଦ୍ କରିଥିଲେ ଆଉ ଠିକ୍ ସେଇ ସମୟରେ କମ୍ପାନୀରେ କିଛି ଗୁରୁତ୍ତ୍ୱପୂର୍ଣ୍ଣ କାର୍ଯ୍ୟ ରହିବା ହେତୁ ଯାଇ ପାରିନଥିଲି । କକାପୁଅକୁ ଫୋନ କରି କହିଲି ଯାଇ ବାପାଙ୍କୁ ଦେଖାଶୁଣା କରିବାପାଇଁ । ଦିନକୁ ଦିନ ବାପାଙ୍କ ଦେହ ଖରାପ ହେବାକୁ ଲାଗିଥିଲା । ଏଣେ ବିଦେଶରେ ରହି ବିଭିନ୍ନ ଚିନ୍ତାରେ ମୋର ବି ଦେହ ଦିନକୁ ଦିନ ଖରାପ ହେବାକୁ ଲାଗିଥିଲା । ବ୍ଲଡ୍ ପ୍ରେସର ଆଉ ଡାଇବେଟିସ ଏମିତି ଆସିଲେ ଯେ ମୋତେ ସମ୍ପୂର୍ଣ୍ଣ ଦୁର୍ବଳ କରିଦେଲେ । ଘରକୁ କିଛି କିଛି ଟଙ୍କା ପଠାଉଥିଲି, ବାପାଙ୍କ ଚିକିତ୍ସାପାଇଁ ଆବଶ୍ୟକ ସବୁ ବ୍ୟବସ୍ଥା କରିବାସତ୍ତ୍ୱେ ଦିନେ ଖବର୍ ଆସିଲା ବାପା ଆଉ ନାହାନ୍ତି । ବାପାଙ୍କ ପଛେ ପଛେ ବୋଉର ବି ହୃଦ୍‌ଘାତରେ ମୃତ୍ୟୁହୋଇଥିଲା । ମୁଁ କେତେ ଅଭାଗା ଥିଲି, ନିଜ ବାପାମାଙ୍କୁ ଶେଷ ସମୟରେ ଟିକେ ଦେଖିବି ପାରିଲିନି । ବାପାବୋଉଙ୍କ ଶେଷକୃତ୍ୟ କରିବାପାଇଁ ଭାରତ ଆସିବାକୁ ପଡ଼ିଲା । ବାପାଙ୍କ ଆଜୀବନ ଆୟର ମୂକସାକ୍ଷୀ ସେଇ ଗୋଟିଏ ବଖରି ଘର ସେମିତି ଥିଲା । ସେଇ ଘରକୁ ଦେଖି ମୁଁ ମନେ ମନେ ହସୁଥିଲି, କାହିଁ ମୁଁ ଏଇ ଗୋଟିଏ ବଖରି ଘର ବି କରିପାରିଲିନି ତ ? ଏଣେ ଜମିର ଦର, ଘରର ଦାମ ଆକାଶଛୁଆଁ ହୋଇଯାଇଥିଲା । ବାପାଙ୍କ କାର୍ଯ୍ୟ ସରିବାପରେ ଫେରିବା ବେଳକୁ ଅନିତା ଜିଦ କରି କହିଲା ସେ ଆଉ ଯିବନି । ପିଲାମାନେ ତ ଆଉ ସାନ ହୋଇନାହାନ୍ତି, ସେମାନେ ନିଜ ଖିଆଲ୍ ନିଜେ ନେଇ ପାରିବେ ।

ପୁଅମାନେ କିନ୍ତୁ ଏଠାରେ ରହିବାକୁ ଆଉ ପସନ୍ଦ କଲେନି । ଅଗତ୍ୟା ମୋତେ ବାଧ୍ୟହୋଇ ଦୁଇପୁଅଙ୍କୁ ନେଇ ଆମେରିକା ଫେରିବାକୁ ପଡ଼ିଲା । ଅନିତା ସହ ମୋର ସମ୍ପର୍କ ଯାହା ବି ଥିଲା ସେ ବି ସପ୍ତାହରେ ଥରେ ଅଧେ ଫୋନ କଲରେ ସୀମିତ ହେଉ ହେଉ ଦିନେ ସମ୍ପୂର୍ଣ୍ଣ ଭାବେ ବନ୍ଦ ହୋଇଗଲା । ସେ ବି ଦିନେ ଆଖି ବୁଜିଦେଲା । ମୋ ସ୍ୱପ୍ନ ତଥାପି ଅସମ୍ପୂର୍ଣ୍ଣ ଥିଲା, କିନ୍ତୁ କାହାପାଇଁ ? ଆଉ ଘର କଲେ ସେ ଘରେ ରହିବ କିଏ ? ନା ବାପାବୋଉ ନା ସ୍ତ୍ରୀ ପିଲା । କେହିନଥିଲେ । ହଠାତ୍ ମୋତେ ଲାଗିଲା ସତେ ଯେମିତି ମୁଁ ତ ସର୍ବହରା ହୋଇଗଲି । ସବୁକିଛି ଥିଲାବାଲା ଦେଶରେ ଆସି ମୁଁ ସବୁଠାରୁ ବଡ଼ ଗରୀବ ହୋଇଗଲି । ଆଉ ଆମେରିକାର ମୋହ ନଥିଲା । ଜୀବଦ୍ଦଶାରେ ଯାହା ସଞ୍ଚୟ କରିଥିଲି

ସେ ସବୁ ପିଲାମାନଙ୍କ ଶିକ୍ଷାଦୀକ୍ଷାରେ ଖର୍ଚ୍ଚ କରିସାରିଥିଲି । ଆଉ ଯାହା କିଛି ସମ୍ବଳ ବାକିଥିଲା ତାକୁ ନେଇ ଭାରତ ଫେରି ଆସିଲି । ପୁଅମାନେ କିନ୍ତୁ ଆଉ ଫେରିବା ସପକ୍ଷରେ ନଥିଲେ । ବାପା କରିଥିବା ସେଇ ଏକ ବଖରିଆ ଘରେ ଏବେ ମୁଁ ଜୀଅନ୍ତା ଭୂତ ପରି ବୁଲୁଛି । ଚାକିରୀ କରିବାପାଇଁ ବଳ ନାହିଁ କି ବୟସ ବି ନାହିଁ ।

ଯାହା ସଞ୍ଚୟ କରିଥିଲି ସେତିକକୁ ସମ୍ବଳ କରି ବଞ୍ଚିଛି । ହଁ ଦେହପା' ଖରାପ ହେଲେ, ପୁଅମାନଙ୍କୁ ଫୋନ କଲେ ସେମାନେ କହୁଛନ୍ତି ପଡ଼ୋଶୀମାନଙ୍କ ଠାରୁ ସାହାଯ୍ୟ ନେବାପାଇଁ । ମୋ ବାପାବୋଉ ପାଇଁ ମୁଁ ଯେଉଁ ବ୍ୟବସ୍ଥା କରିଥିଲି ଏବେ ମୁଁ ବି ସେଇ ଅବସ୍ଥାରେ ଅଛି । ପାଖରେ ପତ୍ନୀନାହିଁ, କି ପୁଅ ନାହିଁ । ଦେହ ଖରାପ ହେଲେ ଦେଖିବାକୁ କେହି ନାହିଁ । ବଡ଼ଘରର ସ୍ୱପ୍ନ ଏବେ ସ୍ୱପ୍ନରେ ହିଁ ରହିଯାଇଛି ।

ବିମାନଗର, ବ୍ରହ୍ମପୁର

ଫୋନ୍ : ୯୦୪୦୯୮୫୪୬୩

ଇମେଲ୍ : aahwaan@gmail.com

# ଗ୍ଭଗ ଭୈରବୀ

ମମତା ଦାଶ, ଲେଖିକା, ମୁମ୍ବାଇ



ଦୀର୍ଘ ଗ୍ଭରବର୍ଷ ପରେ ମୁଁ ମୋ ଘରକୁ ଫେରୁଛି । ଷ୍ଟେସନରେ ଓହ୍ଲେଇ ଭ୍ବଲ ଘରକୁ ଯିବା ପୂର୍ବରୁ ମୁଁ ମୋ ମାଉସୀ ଝିଅ ଘର ଦେଇ ତାକୁ ଟିକେ ଦେଖି ଯିବ । ବୋଉକୁ ଫୋନ କର କହଲ – ବ୍ୟସ୍ତ ହେବୁନ, ମୁଁ ଆଗ ଇନାକ୍ଷୀ ଘରକୁ ଯାଉଛ । ପରେ ଘରକୁ ଯିବ । ଷ୍ଟେସନ ଆଉ ମୋ ଘର ମଝିରେ ହେଉଛ ଇନାକ୍ଷୀର ଶାଶୁଘର । ଇନାକ୍ଷୀର ବାହାଘର ସାତ ମଙ୍ଗଳା ପରଠାରୁ ତା ସାଙ୍ଗରେ ମୋର ଆଉ ଦେଖା ସାକ୍ଷାତ ହୋଇ ପାର ନଥିଲ । ବାଟଯାକ ମୁଁ ଭ୍ବ-ଭ୍ବ ଗ୍ଭଲୁଥାଏ । ଇନାକ୍ଷୀ ମୋତେ ଦେଖି କେତେ ଖୁସି ହେ । ମୋତେ ଆଦରରେ ପାଖ୍ଗେଟି ନେବ, କେତେ ଖୁସି-ଗପ କରବ । ଠିକ୍ ବାହାଘରର ପୂର୍ବପର ଆମେ ଦୁଇଜଣ ମିଶି ବହୁତ ମଉଜ କରବୁ । ଏମିତ ଅନେକ କଥା ଭ୍ବ-ଭ୍ବ ମୁଁ ଯାଇ ପହଞ୍ଚିଲ ଇନାକ୍ଷୀର ଶାଶୁଘରେ । ଦନ ୧୧ଟା ସମୟ । ଝାଞ୍ଜି ଖରାରେ ଗରମ ପବନ ବହୁଥାଏ । ମୁଁ ଯାଇ ଦୁଆରମୁହଁ ପାଖରେ ପହଞ୍ଚିଗଲ । କବାଟ ଖୋଲାଥିଲା । ସେଥିପାଇଁ ମୋତେ ଆଉ କଲଙ୍ଗ୍ ବେଲ୍ ବଜାଇବାକୁ ପଡିଲା ନାହିଁ । ସିଧା ଘର ଭିତରେ ପ୍ରବେଶ କଲ । ସୁନ-ଶାନ୍ ଘରେ ଗୋଡ ରଖୁରଖୁ ମୋତେ ଅନୁଭବ ହେଲା ଯେ ଏ ଘରେ କୌଣସି ଅତୃପ୍ତ ଆତ୍ମା ଘୂର ବୁଲୁଛ । ମୁହଁ ବୁଲେଇ ଦେଖିଲ ଇନାକ୍ଷୀର ଗୋସେଇଁ ଶାଶୁ ପ୍ରବେଶ ଘରର ଦୁଆର ମୁହଁରେ ପଡିଥିବା ଏକ ପୁରୁଣା ଖଟ ଉପରେ ବସି କ'ଣ କେଜାଣି ଗୁଣୁ-ଗୁଣୁ ହୋଇ କହ ଗ୍ଭଲଥାନ୍ତି । ବୟସ ପାଖାପାଖି ୧୦୦ ହୋଇଯିବ । ତାଙ୍କୁ ଦେଖି ମୁଁ ଗୋଟିଏ ଜୁହାର ପକେଇଲ । ସେ ମୋତେ ଚିହ୍ନି ନପାର ଖାଲ ବଲ-ବଲ କର ଗ୍ଭହିଁଲେ । ଆଖି ଦଇଟା ଭିତରକୁ ପଶିଯାଇଥାଏ । ଦେହର ଚମଡା ସବୁ ଲୋଗ୍ଭ-କୋଗ୍ଭ ମାରଗଲାଣି । ଶରୀରର ରଙ୍ଗ କଜ୍ୱଳ ପର କଳା । ବାଳ ଗୁଡାକ ମଧ୍ୟ ଝୋଟ ପର ପାଚିଯାଇଛ । କପାଳରେ ବାର୍ଦ୍ଧକ୍ୟର ରେଖା ସ୍ୱଷ୍ଟ ଗଣି ହୋଇ ଯାଉଛ । ନାକଟି ଶୁଆ ପର ତୀକ୍ଷଣ ।

ଧଳା ଶାଢ଼ୀ ପିନ୍ଧି ସେହି ପୁରୁଣା ତେଲ-ଚକଟା ଖଟ ଉପରେ ବସିଥାନ୍ତି । ଭୀଷଣ ଗରମରେ ମୁଣ୍ଡ ଉପରେ ବୁଲୁଥିବା ପଙ୍ଖାର ଘରର୍-ଘରର ଶବ୍ଦ ପରି ସୁନଶାନ୍ ଘରଟିର ଆତ୍ମା ମଧ ପଙ୍ଖାର ତନୋଟି ପଙ୍ଖ ପରି ସେହି ଘର ଭିତରେ ଗୋଲ-ଗୋଲ ଘୁରି ବୁଲୁଥାଏ । ଲାଗୁଥାଏ ସେ ଯେପରି ଦନ-ରାତ ବୋଧେ ସେଇ ଘଟ ଉପରେ ବସିଥାନ୍ତି । ମୁଁ ଟିକେ ତାଙ୍କ ପାଖକୁ ଲାଗିଯାଇ ପଚାରିଲି-ମାଁ, କେମିତ ଅଛନ୍ତି । ମୁଁ ଇନାକ୍ଷୀର ଭଉଣୀ । ସେ ମୋତେ ବଡ-ବଡ ଆଖିରେ ଚାହିଁ ପୁଣି କଣ ଗୁଣୁ-ଗୁଣୁ କରିବାକୁ ଲାଗିଲେ । ମୋତେ ଅନୁଭବ ହେଲା ଯେମିତ – ସେ ବାର୍ଦ୍ଧକ୍ୟର ଶେଷ ଅବସ୍ଥାରେ ରାଗ ଭୈରବୀର କରୁଣ ରସରେ ନଜକୁ ହଜାଇ ଦେଇ ଅପେକ୍ଷା କରିଛନ୍ତି ପୂର୍ବାଧ ଏବଂ ଉତ୍ତରାର୍ଧର ମିଳନ ପାଇଁ ।

ଏହା ଭିତରେ ମୋ ପାଟି ଶୁଣି ଇନାକ୍ଷୀ ଭିତରୁ ବାହାରି ଆସିଲା । କାଖରେ ତାର ଗୋଟିଏ ଛୁଆ । ମୋତେ ଦେଖି ତାର ଚେହେରା ବିସ୍ମୟ ଆଉ ଖୁସିରେ କଛି କ୍ଷଣ ପାଇଁ ଚମକ ଗଲା । ଆରେ ! ଇଏ କଣ ମୁଁ ଦେଖିଲି ! ତା ମୁଖ-ମଣ୍ଡଳର ଚମକ ହଠାତ୍ କର୍ପୂରର ବାସ୍ନା ପରି ଉଡିଗଲା । ଏବଂ ପୁଣି ସେ ତାର ପୂର୍ବାବସ୍ଥାକୁ ଫେରିଆସି କହିଲା-ଭିତରକୁ ଆସ୍ । ମୁଁ ମଧ ତା ପଛେ-ପଛେ ଭିତରକୁ ପ୍ରବେଶ କଲି । ଇନାକ୍ଷୀ ମୋତେ ସୋଫା ଉପରେ ବସେଇ ଦେଇ କହିଲା- "ତୁ ଏଠି ବସିଥା, ମୁଁ ତୋ ପାଇଁ ସର୍ବତ୍ ନେଇଆସେ ।" ଗରମଟା ଜୋରରେ ହେଉଥାଏ । ସର୍ବତଟା ନହାତ ଦରକାର ଥିଲା । ମୁଁ ମଧ ତା କଥାରେ ହଁ ଭରିଦେଲି । ସେ ଛୁଆଟାକୁ ତଳେ ବସେଇ ଦେଇ ରୋଷେଇଘରକୁ ଗଲା । ଏହା ଭିତରେ ଛୁଆଟା ଭେ........ଭେ....... କରି କାନ୍ଦି ଉଠିଲା । ମୁଁ ଦଉଡ଼ି ଯାଇ ଛୁଆଟାକୁ କାଖେଇ ପକେଇଲି । ମୋତେ ଦେଖି ସେ ଆହୁରି ଜୋରରେ କାନ୍ଦିବାକୁ ଲାଗିଲା । ଏହା ଭିତରେ ଇନାକ୍ଷୀ ସର୍ବତ ଆଣି ମୋ ହାତକୁ ବଢାଇ ଦେଲା ।

ମୁଁ ପଚାରିଲି – "ପୁଅର ନାଁ କଣ ?"

ସେ କହିଲା – ସମସ୍ତେ ଆକୁ "ଜୁଜୁ" ବୋଲି ଡାକନ୍ତି ।

ମୁଁ ପଚାରିଲି – ସେ ଏତେ କାନ୍ଦୁଛି କାହିଁକି ?

ଇନାକ୍ଷୀ କହିଲା – ଏଇଟା ନୁଆ କଥା ନୁହେଁ । ସେ ସବୁବେଳେ ଏମିତ କାନ୍ଦେ ।

ମୁଁ କହିଲି – କଣ ଦେହ ଖରାପ ଅଛି କି ? ଡାକ୍ତରଙ୍କୁ ଦେଖଉନୁ କାହିଁକି ?

ସେ କହିଲା – ଦେହ ଠିକ୍ ଅଛି । କନ୍ତୁ ତା ପାଇଁ କାହା ପାଖରେ ସମୟ ନାହିଁ ।

ପୁଣି ମୁଁ ପଗ୍ଚରିଲି – କାହିଁକି, ମୁଁ ତ ଶୁଣିଥିଲି ତାର ବୁଢା ବାପା, ମା, କକେଇ ସମସ୍ତେ ଅଛନ୍ତି ।
ହଁ ଅଛନ୍ତି, କିନ୍ତୁ ସେମାନଙ୍କ ପାଖରେ ସମୟ ନାହିଁ । ଏତିକ କହି ଇନାକ୍ଷୀ ବାରମ୍ବାର କାନ୍ଥରେ ଥିବା ଘଣ୍ଟାକୁ ଗ୍ଚହୁଁଥାଏ !

ଠିକ୍ ଏତିକ ବେଳେ ଅସିତ ବାବୁ (ଇନାକ୍ଷୀର ଦିଅର) ଆସି ପହଞ୍ଚିଗଲେ ଲଞ୍ଚ ପାଇଁ । ଅସିତ ବାବୁ ଅବିବାହିତ । ମୋତେ ଦେଖି ତାଙ୍କ ଖୁସିର ଧାରିରେ ଜୁଆର ଛୁଟିଲି ଭଳି ଲାଗିଲି । ଭାଉଜର ଭଉଣୀ ତ ମୋର ଶାଳୀ । ଏହା ଭାବି ମୋ ସାଙ୍ଗରେ ଗପସପ ଆରମ୍ଭ କରିଦେଲେ । ମୁଁ ମଧ୍ୟ ଭାବିଲି – ଯାହାହେଉ, ଏତେ ସମୟ ପରେ କିଏ ତ ଜଣେ ମିଳିଲି ଯାହାଦ୍ୱାରି ମୁଁ ଇନାକ୍ଷୀ ଓ ତାର ପରିବାର ବିଷୟରେ ଜାଣି ପାରିବି । ଏହା ଚିନ୍ତି ମୁଁ ମଧ୍ୟ ଅସିତ ବାବୁଙ୍କୁ କଥା-କଥାରେ ଇନାକ୍ଷୀ କଥା ପଗ୍ଚରୁଥାଏ । ଠିକ ଏତିକ ବେଳେ ଇନାକ୍ଷୀ ଆମ ଦୁଇଜଣଙ୍କ ପାଇଁ ଟେବୁଲ ଉପରେ ଖାଇବା ଆଣି ପରିଷେି ଦେଲି । ଭାତ, ଡାଲି, ମାଛ ତରକାରୀ, କଖାରୁଫୁଲ ଭଜା, କଲରି ପତ୍ର ଭଜା, ଶାଗ ଭଜା – “ଛ ତିଅଣ, ନ ଭଜା” କହିଲେ ଅତ୍ୟୁକ୍ତି ହେବ ନାହିଁ । ଏତେ ଆଇଟମ୍ ଦେଖି ମୁଁ ଖୁସିତ ହେଲି, କିନ୍ତୁ ଏହା ପଛରେ ଇନାକ୍ଷୀକୁ କେତେଯେ ପରିଶ୍ରମ କରିବାକୁ ପଡିଥିବ ଭାବି ମୋତେ ଗ୍ଲାନି ଅନୁଭବ ହେଲି । ମୁଁ ଅସିତ ବାବୁଙ୍କୁ ପଗ୍ଚରିଲି-ଆପଣଙ୍କ ଘରେ କଣ ସବୁଦିନେ ଏତିକ ଆଇଟମ ବନେ ନା ଆଜି ମୁଁ ଆସିଛି ବୋଲି ଏତେ ଆଇଟମ ତିଆର ହୋଇଛି ? ମୋ କଥା ଶୁଣି ଅସିତ ବାବୁ ଠୋ........ଠୋ କରି ହସି କହିଲେ – ଇନାକ୍ଷୀ ଭାଉଜ ଆମର ସବୁଦିନ ଏତିକ ଆଇଟମ ବନାନ୍ତି । ନହେଲେ ପରି ଆମ ବୋଉର ପାଟିକି ଅରୁଚି ମାରିଯାଏ ।
ମୁଁ ପଗ୍ଚରିଲି – ଆପଣଙ୍କ ବୋଉ କାହାନ୍ତି ?
ଅସିତ ବାବୁ କହିଲେ – ସେ ପରି ଜଣେ ଶିକ୍ଷକ । ଏବେ ତାଙ୍କର ସ୍କୁଲ ଟାଇମ୍ । ଦିନ ଗ୍ଚରିଟା ପରେ ବାପା-ବୋଉ ଘରକୁ ଫେରନ୍ତି ।
ପୁନଃ ମୁଁ ପଗ୍ଚରିଲି- ଆପଣ କେତେବେଳେ ଫେରନ୍ତି ?

ସେ ମୋତେ ହସି କହିଲେ-ମୋର ତ ଓଡିଶା ସରକାରଙ୍କ ଗ୍ଚକିରୀ । ମୁଁ ଆଗ୍ରମରେ ପ୍ରାୟ ସାଢେ ଦଶଟା ବେଳକୁ ଘରୁ ଖାଇ-ପିଇ ଅଫିସ୍ ଯାଏ । ପୁନଃ ସାଢେ ଗୋଟେ ବେଳେ ଲଞ୍ଚରେ ଖାଇବାକୁ ଆସେ । ପୁଣି ପାଞ୍ଚଟା ବେଳେ ଫେରି ଘରେ ଜଳଖିଆ ଖାଏ ।

ଆଚ୍ଛା ! ଏତେ ଯତ୍ନ ଆପଣଙ୍କର କଏ ନିଅନ୍ତି ? ବୋଉ ?

ନାଁ, ନାଁ, ଆମ ଇନାକ୍ଷୀ ଭାଉଜ ।

ଆଚ୍ଛା..................

ମୁଁ ପୁଣି ପଚାରିଲି – ଆପଣଙ୍କ ବଡଭାଇ ଅମିତ ବାବୁ (ଇନାକ୍ଷୀର ସ୍ୱାମୀ) କାହାନ୍ତି ?

କଣ ଭାଇ ? ସେ ପରା ନଟାରେ ଘରୁ ବାହାରି ଯାଆନ୍ତି । ରାତି ଦଶଟା ବେଳକୁ ଘରକୁ ଫେରନ୍ତି । ସେ ଏକ ବ୍ୟାଙ୍କରେ ଚାକିରୀ କରନ୍ତି । ସେଥିପାଇଁ ତାଙ୍କୁ କେତେବେଳେ ବେଳ ନଥାଏ । ସବୁବେଳେ ଅଫିସ୍ କାମରେ ବ୍ୟସ୍ତ ଥାଆନ୍ତି ।

ତେବେ ଇନାକ୍ଷୀ କଣ ଏକୁଟିଆ ଏତିକି ଘରେ ଏମିତି କାମ କରୁଥାଏ ?

ହଁ, ଘର କାମ, ଆଉ କରିବ କଏ ?

ବାଃ ରେ ପରିବାର । ଯେଉଁଠି ପରିବାରର ଏତେ ସଦସ୍ୟଙ୍କ ଦାୟିତ୍ୱ କେବଳ ଜଣେ ସ୍ତ୍ରୀ ଉପରେ ଛାଡିଦିଏ ? ଏବେ ମୁଁ ଇନାକ୍ଷୀର ଦୟନୀୟ ଅବସ୍ଥା ଧିରେଧିରେ ବୁଝିବାକୁ ଲାଗିଲି । ଭାବିଲି ଆଜି ରାତିଟା ଏଇଠି ରହିଯିବି । ଦେଖେ ଆଗକୁ କଣ ହେଉଛି.......

ମୁଁ ଇନାକ୍ଷୀକୁ ପଚାରିଲି – ଏବେତ ଦୁଇଟା ବାଜି ଗଲାଣି । ତୁ କଣ ଖାଇବୁନି କି ? ସେ ବଡ ଜୋରରେ ହୁଁ ମାରି କହିଲା – ମୋ ଖାଇବାରେ କଣ ଅଛି । ଠିକ୍ ଏତିକି ବେଳେ ଜୁଜୁ ଖଟ ଉପରୁ ଦୁମ୍ କରି ପଡିବାର ଶବ୍ଦ ଶୁଣାଗଲା । ଘର ଭିତରକୁ ଦଉଡିଯାଇ ଦେଖୁ ତ ଜୁଜୁ ମୁଣ୍ଡ ଫାଟି ଯାଇଛି ଏବଂ ସେ ବିକଳରେ ଭେ.....ଭେ..... କରି କାନ୍ଦିବାରେ ଲାଗିଛି । ମା, ଛୁଆଙ୍କର ଏହି ଦୟନୀୟ ଅବସ୍ଥା ଦେଖି ମୋ ଆତ୍ମାରୁ ଏକ ଶବ୍ଦ ନିଃସୃତ ହେଲା – ହେ ମା, ହେ ଜନ୍ମଦାତ୍ରୀ ମା, ତୁ ତୋ ଛୁଆର ଏହି କରୁଣ ବେଦନାକୁ କିପରି ସହନ କରୁଛୁ । କ'ଣ ପାଇଁ ତୁ ଚୁପ୍ ହୋଇଯାଇଛୁ । ତୁ ଉଠ୍, ତୁ ସେଇ ଇନାକ୍ଷୀ ଯାହା ପାଖରେ ହନୁମାନ ପରି ବିଶାଳ ସମୁଦ୍ର ପାର କରିବାର ସାହସ ଅଛି, ତୁ ଚୁପ୍ କ'ଣ ପାଇଁ, ତୁ ଉଠ୍................

ଧିରେ ଧିରେ ଇନାକ୍ଷୀ ଜୁଜୁକୁ କୋଳେଇ ନେଇ ପ୍ରଥମଥର ପାଇଁ ମୋ ଆଖିରେ ଆଖି ମିଶେଇବାକୁ ସାହସ କଲା । କିନ୍ତୁ ଏ କ'ଣ ! ପୂର୍ବବତ୍ ଇନାକ୍ଷୀର ଆଖି ପୁନଃ ଅବସାଦରେ ତଳକୁ ହୋଇଗଲା । ତଥାପି ସେହି କିଛିକ୍ଷଣ ଭିତରେ ମୁଁ ଇନାକ୍ଷୀ ଆଖିରେ ଏକ ବିଚିତ୍ର ଭାବ ଦେଖିଥିଲି ।

ଯେମିତକି ତା ଭିତରର ଆତ୍ମା ବାରମ୍ବାର ଚେଷ୍ଟା ଚଳାଇଛି ଛିଣ୍ଡି ଯାଇଥିବା ଅନ୍ତରର ତନ୍ତ୍ରକୁ ପୁର୍ନଜୀବିତ କରିବାପାଇଁ । କିନ୍ତୁ ଶୀର୍ଣ୍ଣ ବଳରେ ବାରମ୍ବାର ତାର ଚେଷ୍ଟା ଯେମିତି ଅସଫଳ ହୋଇଯାଉଛି । ଲାଗୁଛି ଯେମିତି ରାଗ ଭୈରବୀର ସ୍ୱରରେ ସମସ୍ତ ଯନ୍ତ୍ରଣା, ହତାଶକୁ ଅନ୍ତ କରିଦେବାର ଶକ୍ତି ମା ଭୈରବୀ ଦେଇ ପୁନଃ ଫେରେଇ ନେଉଛନ୍ତି......

କିଛି କ୍ଷଣ ପାଇଁ ମୁଁ ଭାବିଲି ଏ ହେଉଛି ସେ ଇନାକ୍ଷୀ ଯିଏକି ବାହାଘରର କିଛି ଦିନ ପୁର୍ବରୁ ସମସ୍ତଙ୍କୁ କହିଆସୁଥାଏ – ମୋତେ କେହି କାନ୍ଦେଇବନି, କି ମୋ ଆଗରେ କେହି କାନ୍ଦିବନି । ଆଉ ଯଦି ମୁଁ କାନ୍ଦିବି ତାହେଲେ ମୋର ମେକଅପ୍ ଖରାପ ହୋଇଯିବ, ମୁଁ ଅସୁନ୍ଦର ଦେଖାଯିବି । ଆଖିରେ ଅନେକ ସୁଖଦ ସ୍ୱପ୍ନନେଇ ହସିହସି ମୋ ଆଗରେ ବାପଘରୁ ବିଦାୟ ନେଇଥିଲା ସେଇ ଇନାକ୍ଷୀ । କିନ୍ତୁ ସାତ ମଙ୍ଗଳା ଦିନ ଯେତେବେଳେ ସେ ବାପଘରକୁ ବୁଲିବାକୁ ଆସିଥିଲା, ଫେରନ୍ତା ସମୟରେ କଇଁ-କଇଁ ହୋଇ କାନ୍ଦି-କାନ୍ଦି ଖାଲି ସମସ୍ତଙ୍କୁ କହୁଥାଏ – ମୁଁ ଆଉ ଫେରିବନି..... କିନ୍ତୁ ତା କଥା କେହି ବୁଝି ନପାରି ପୁନଃ ତାକୁ ତା ଘର ଲୋକ ଶାଶୁଘରକୁ ଫେରାଇ ଦେଇଥିଲେ । ବାହାଘର ଦିନଠାରୁ କ'ଣ ଇନାକ୍ଷୀ ଏଇ ଯନ୍ତ୍ରଣାରେ ଛଟପଟ ହେଉଛି..... ସାତମଙ୍ଗଳା ଦିନ କାନ୍ଦିରେ ତାରେ କି ଯନ୍ତ୍ରଣା ଲୁଚି ରହିଥିଲା.......? ଏମିତି ଭାବୁ ଭାବୁ ହଠାତ୍ କବାଟ ବାଡେଇବାର ଖଟ୍-ଖଟ୍ ଶବ୍ଦ ଶୁଣାଗଲା । ସେଇ ଶବ୍ଦରେ ଇନାକ୍ଷୀ ଚମକି ପଡି ଘଣ୍ଟାକୁ ଦେଖି କହିଲା – ଗ୍ଟରଟା ବାଜଗଲା..... । ମୁଁ ଯାଇ କବାଟ ଖୋଲିଲି । ଇନାକ୍ଷୀ ଜୁଜୁକୁ କାନ୍ଧରେ ପକାଇ ରୋଷେଇଘରକୁ ଗ୍ଟଲିଗଲା ।

ମୁଁ କବାଟ ଖୋଲି ଦେଖେ ତ ଇନାକ୍ଷୀର ଶାଶୁ-ଶ୍ୱଶୁର ବିଦ୍ୟାଳୟରୁ ବାହୁଡିଲେଣି । ମୋତେ ଦେଖି ସେମାନେ ବିଶେଷ ଖୁସି ଅନୁଭବ କରି ନଥିଲେ । ମୋ ନମସ୍କାରର ପ୍ରତ୍ୟୁତରରେ ତାର ଶାଶୁ ହୁଁ ମାରି ଗ୍ଟଲି ଯାଇଥିଲେ । ଶ୍ୱଶୁର ଯଦିଓ କିଛି ଭଲ-ମନ୍ଦ ପଗ୍ଟରିଥିଲେ, ଲାଗିଲା କେବଳ ସମ୍ବନ୍ଧ ଦୃଷ୍ଟିରୁ ।

ମୁଁ ରୋଷେଇଘରେ ଯାଇ ଦେଖେ ତ ଇନାକ୍ଷୀ ଗୋଟିଏ ହାତରେ ଜୁଜୁକୁ ଧରି ଆଉ ଗୋଟିଏ ହାତରେ ଗ୍ଟ, ଜଳଖିଆ ବନାଇବାରେ ଲାଗିଛି ଆଉ ଜୁଜୁ ଭେ.....ଭେ..... କରି କାନ୍ଦିବାରେ ଲାଗିଛି । ଜୁଜୁ ପ୍ରତି ଇନାକ୍ଷୀର ଧ୍ୟାନ ବିଲକୁଲ୍ ନାହିଁ, ଧ୍ୟାନ ତାର ଗ୍ଟ,ଜଳଖିଆ ବନେଇବାରେ । ଏହା ଦେଖି କିଛି କ୍ଷଣ ପାଇଁ ମୁଁ ସ୍ତବ୍ଧ ହୋଇଗଲି । ମୋ ମନରେ ପୁଣି ବିଦ୍ରୋହିର ସ୍ୱର ଉଙ୍କି ମାରି କହିଲା – ହେ ମାଁ,

ଦୟାମୟୀ ମା, କରୁଣାମୟୀ ମା, ସ୍ନେହମୟୀ କୋମଳମତୀ ମା, ତୋର ଏ କୋମଳ ହୃଦୟ କ'ଣ ପାଇଁ ପାଷାଣ ପାଲଟି ଯାଇଛି । ଯେଉଁଠି ଏକମାତ୍ର ସନ୍ତାନର କ୍ରନ୍ଦନ ଧ୍ୱନୀରେ ତୁ ଆତୁର ନହୋଇ ତୋର ଆତ୍ମାକୁ ମାରି ପଥର ପାଲଟି ଯାଇଛୁ । ଆଗକୁତ ତୋର ସାରା ଜୀବନ ପଡିଛି........

ଏହା ଭିତରେ ଇନାକ୍ଷୀର ଶାଶୁ ଗୁଡାଖୁ ହାତରେ ଧରିଆସି ସୋଫା ଉପରେ ବସି ଦାନ୍ତ ଘସିବା ସହିତ ଟି.ଭି. ମଧ୍ୟ ଦେଖିବାକୁ ଲାଗିଲେ । କିଛି ସମୟ ପରେ ଶ୍ୱଶୁର ମଧ୍ୟ ଆସି ଯୋଗଦେଲେ । ଏପଟେ ଇନାକ୍ଷୀ ଅପେକ୍ଷା କରିଛି ଯେ କେତେବେଳେ ଚା-ଜଳଖିଆର ପର୍ବ ସରିଲେ ସେ ଜୁଜୁକୁ ଟିକେ ସମୟ ଦେବ । ଏହା ଭିତରେ ଅସିତ ବାବୁ ଆସି ପହଞ୍ଚିଗଲେ । ବାଃ.....ରେ ବାଃ..... ଲଞ୍ଚ ପରେ ହାଇ ଟି । ଏପଟେ ଘରର ବୋହୂ ଖାଇଲାକି ନାହିଁ କେହି ଦେଖିବାକୁ ଅଛି ନା କେହି ପଚାରିବାକୁ । ବୋହୂ ନୁହେଁ ତ, ଚାକରାଣୀ କହିଲେ ଅତ୍ୟୁକ୍ତି ହେବନାହିଁ ।

କିଛି ସମୟ ଅପେକ୍ଷା କଲାପରେ ଇନାକ୍ଷୀର ଶାଶୁ ଦାନ୍ତ ଘସି, ଗରମ ପାଣିରେ କୁଳି କରି ସଫା ହୋଇ ବସିଗଲେ ଚା ପିଇବା ପାଇଁ । ନା ତାଙ୍କର ଜୁଜୁ ପ୍ରତି ଲକ୍ଷ୍ୟ ଥିଲା ନା ଇନାକ୍ଷୀ ପ୍ରତି । ଲକ୍ଷ୍ୟ ଅଛି ତ କେମିତି ନିଜର ସ୍ୱାର୍ଥ ହାସଲ କରି ଅନ୍ୟକୁ କଷ୍ଟ ଦେବ । ସ୍ୱାର୍ଥ ହାସଲ ତାଙ୍କ ପରିବାରର ମୂଳ ଲକ୍ଷ୍ୟ । ବାପା-ମା ପୁଅ-ବୋହୂଙ୍କଠାରୁ, ସାନ ପୁଅ ଭାଇଭାଉଜଙ୍କ ଠାରୁ, ଭଉଣୀମାନେ ଉଭୟଙ୍କଠାରୁ, କେବଳ ଜଣେ ମନୁଷ୍ୟ ଇନାକ୍ଷୀ ତା ନିଜ ସ୍ୱାର୍ଥକୁ ତ୍ୟାଗକରି ପରସେବାରେ ଲାଗିରହିଛି । ଯେମିତି ମାନିନେଇଛି ସେବାହିଁ ପରମ ଧର୍ମ । କିନ୍ତୁ ନିଜକୁ, ନିଜ ପିଲାକୁ କଷ୍ଟ ଦେଇ ସେବା କରିବା କେତେଯେ ନୀତି ପରକ ମୁଁ ଜାଣିବାକୁ ଏମିତି ଭାବିପାରନ୍ତି, କହିବାକୁ ଅକ୍ଷମ ।

ଚା ପର୍ବ ସରିଲା ପରେ ଇନାକ୍ଷୀ ଜୁଜୁକୁ ନେଇ ଚୁପ-ଚାପ୍ ତା ରୁମକୁ ପଶିଗଲା । ମୁଁ ମଧ୍ୟ ତା ପଛେ ପଛେ ଚାଲିଗଲି । ଇନାକ୍ଷୀ ଜୁଜୁକୁ ଗୋଡରେ ପକେଇ ଶୁଆଉଥାଏ । ମୁଁ ଇନାକ୍ଷୀକୁ ପଚାରିଲି ତୁ କ'ଣ ଏକୁଟିଆ ଘରର ସବୁ କାମ କରୁ ? ମୋ ପ୍ରଶ୍ନରେ ଇନାକ୍ଷୀ ଉତ୍ତର ବଦଳରେ ଏକ ଦୀର୍ଘ ଶ୍ୱାସ ସହିତ ଗୋଟିଏ ଲମ୍ବା ହୁଁ ମାରି ପୁନଃ ଶାନ୍ତ ହୋଇଗଲା । ପୁଣି ମୁଁ ପଚାରିଲି ଏଠି କ'ଣ କେହି କାମବାଲି ନାହାନ୍ତି ? ଭାଇନାତ ବ୍ୟାଙ୍କରେ ଚାକିରି କରିଛନ୍ତି । ତାଙ୍କୁତ Servant Allowance ମିଳୁଥିବ । ତୁ ଏକ ଚାକରାଣୀ ରଖୁନାହୁଁ କାହିଁକି ? କିଛି ସମୟ ପରେ ମନରେ କ'ଣ କେଜାଣି ଭାବି ମୋତେ ସେ ଉତ୍ତର ଦେଲା – ଚାକରାଣୀତ ମୁଁ ! Allowance ଶାଶୁ-ଶ୍ୱଶୁରଙ୍କର । ଏକଥା ଶୁଣି ମୁଁ ନୀରବ ରହିଗଲି ।

ଦୁଇଜଣ କିଛି ସମୟ ନୀରବ ରହିଲୁ ପରେ ନୀରବତାକୁ ଭାଙ୍ଗିବା ପାଇଁ ମୁଁ ପୁଣି କଥା ଛଳରେ ପଚାରିଲି – ତୁ କ'ଣ ଖାଲି ଘର କାମ କରୁଛୁ ନା କିଛି ପଢା-ପଢି କରୁଛୁ । ତୋର ତ ପିଲାଦିନରୁ ପଢିବା ଆଉ ଲେଖିବାରେ ବହୁତ ଆଗ୍ରହ ଥିଲା । ତୁ କ'ଣ ଲେଖିବା ମଧ୍ୟ ଛାଡିଦେଲୁଣି ? ଶୁଖିଲା ମୁହଁରେ ମୋତେ ସେ କହିଲା ଏଠି କିଛି ପଢିବାକୁ ନାହିଁ । ମୁଁ ଆଶ୍ଚର୍ଯ୍ୟ ହୋଇ ଭାବିଲି – ଶିକ୍ଷକର ଘର, ପୁଣି କିଛି ପଢିବାକୁ ନାହିଁ । ଶିକ୍ଷକର ଦାୟିତ୍ୱ ଯେଉଁଠି ଛାତ୍ର ମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ ଗଢିବାରେ ସେଠି ସେ ନିଜ ଘରର ଉଚ୍ଚଶିକ୍ଷିତା ବୋହୁର ଭବିଷ୍ୟତକୁ ନିଜ ହାତରେ ଜାଳି ପୋଡି ନଷ୍ଟ କରିଦେଉଛନ୍ତି । ତାଙ୍କର ବିଦ୍ୟାଳୟରେ ଛାତ୍ରମାନଙ୍କୁ ଶିକ୍ଷା ଦେବାର କି ଯୋଗ୍ୟତା ଥିବ ତାହା ମୁଁ ଅନୁମାନ କରିପାରୁଛି ।

ଏତିକି କଥାବାର୍ତା ଭିତରେ ଇନାକ୍ଷୀ ରୁମ୍ ଭିତରକୁ ସମସ୍ତଙ୍କର ଅନାବାଧ ପ୍ରବେଶ ଦେଖି ମୁଁ ଆଶ୍ଚର୍ଯ୍ୟ ହୋଇଗଲି । ଜବାନ ଦିଅରର କେବୁଲ ତାର ବାହାନାରେ, ଶଶୁରଙ୍କର ଠାକୁରଙ୍କୁ ଧୁପ ଦେବା ବାହାନାରେ, ଶାଶୁଙ୍କରତ ଅଧିକାର ଅଛି ଅର୍ଡର ଦେବାରେ, ସେ କେତେବେଳେବି ପ୍ରବେଶ କରିପାରନ୍ତି । ସବୁ ଆରାମ ତାଙ୍କ ଭାଗରେ, ବୋହୁର କିଛି ଭାଗ ନାହିଁ ଯେମିତି ଆରାମରେ । ଠିକ୍ ଏତିକି ବେଳେ ବାହାରରୁ ଶବ୍ଦ ଶୁଣାଗଲା – ହଇଲୋ, କେତେ ଗପ କରୁଛୁ । ରାତି ପାଇଁ ରୋଷେଇ ହେବ କେତେବେଳେ । ଶିଘ୍ର ଖାଇ ଶୋଇଲେ ପରା ପୁଣି ସକାଳୁ ଉଠି ସ୍କୁଲକୁ ଯିବୁ । ଇନାକ୍ଷୀ ତର-ତର ହୋଇ ଜୁଜୁକୁ ଶୁଆଇଦେଇ ପୁନଃ ରୋଷେଇଶାଳକୁ ବାହାରିଗଲା ଛପନଭୋଗ ରାନ୍ଧିବା ପାଇଁ । ଶାଶୁ, ଶଶୁର, ଦିଅର ଗୋଡ ଉପରେ ଗୋଡ ପକେଇ ବସି, ଟି.ଭି. ଦେଖି ମନୋରଞ୍ଜନ କରିବା ସହିତ ଛପନଭୋଗ ଅପେକ୍ଷାରେ ଥାଆନ୍ତି........... ।

ରାତି ଆଠଟା ବାଜିଗଲା । ଅମିତ ବାବୁ (ଇନାକ୍ଷୀର ସ୍ୱାମୀ) ଘରକୁ ବାହୁଡିଲେ, ଗୋଠରୁ ବାହୁଡିଲା ଗାଈ ପରି । ଗାଈତ ଗୋଠରୁ ସନ୍ଧ୍ୟା ପୂର୍ବରୁ ବାହୁଡେ, ଏଠି କିନ୍ତୁ ରାତି ହୋଇଯାଇଥିଲା । ବାହାଘର ଦିନହିଁ ମୁଁ ଅମିତ ବାବୁଙ୍କୁ ଦେଖିଥିଲି । ତାପରଠାରୁ ଆଉ ଆମର ଦେଖା ସାକ୍ଷାତ ହୋଇପାରି ନଥିଲା । ଭାବିଥିଲି ଭଣୋଇ ଆସିଲେ ବହୁତ ଖୁସିଗପ କରିବି । କିନ୍ତୁ ଏ କଣ ! ଭଣୋଇତ ସିଧା ଯାଇ ବୋଉ କୋଳରେ । "ସକଳ ତୀର୍ଥ ତୋ ଚରଣେ – ବଦ୍ରିକା ଯିବି କି କାରଣେ" । ଆଜ୍ଞା, ଏ ଉକ୍ତି ଟା ଏ ମାଁ କ୍ଷେତ୍ରରେ କେତେଯେ ଯଥାର୍ଥ ମୁଁ ବୁଝି ପାରିଲିନି ତ ଇନାକ୍ଷୀ ଭଳି ସାଧା-ସିଧା ସରଳ

ଝିଅ କଣ ବା ବୁଝିଥିବ । ବଡ ପୁଅଙ୍କୁ ଦେଖି ମାତାଙ୍କର ଦୁଇ ନୟନରରୁ ଗଙ୍ଗା-ଯମୁନା ପରି ଅଶ୍ରୁଧାର ବୋହିବାରେ ଲାଗିଲା । ମୁଁ ଜାଣିପାରିଲିନି ଯେ ଏତେ ଆଗ୍ରହ ପରେ ଏ ଅଶ୍ରୁଧାରର କାରଣ କଣ । ପଚ୍ଚାରୁ ପଚ୍ଚାରୁ ଜଣା ପଡିଲା ଯେ ଅତ୍ୟଧିକ ଆଗ୍ରହ କରିବାରୁ ବସି-ବସି ମାଙ୍କ ହାତ ଦଟା ବନ୍ଧୁଛି । ବଡ ପୁଅ ମାଁଙ୍କୁ ଆଉଁସା-ଆଉଁସି କରି ସାନ୍ତ୍ୱନା ଦେଇ ଫ୍ରେସ୍ ହେବାପାଇଁ ଚ୍ଚାଲିଗଲେ । ସ୍ତ୍ରୀ ଏପଟେ ଦିନଯାକ ଗେଷେଇ ଘରେ, ପଚ୍ଚାରିବାକୁ ଆଗ୍ରହ ହେଲାନି ଭାଇନାଙ୍କର । ସ୍ତ୍ରୀ କଥା ଛାଡନ୍ତୁ, ନିଜ ପୁତ୍ର ପ୍ରତି ମଧ କିଛି ବିଶେଷ ସ୍ନେହ ମୁଁ ଦେଖି ନଥିଲି । ଏହାର ଫାଇଦା ଘରର ଅନ୍ୟ ସଦସ୍ୟ ମାନେ ଯେଣତେଣ ପ୍ରକାରେଣ ହାସିଲ କରି ନେଉଥିଲେ ।

ଏଠି ମୁଁ ମୋ ଅନ୍ତରାତ୍ମାରୁ ଏକ ସମ୍ବାଦ ସଂସାରର ସମସ୍ତ ସ୍ୱାମୀ ମାନଙ୍କୁ ଦେବାକୁ ଚ୍ଚାହେଁ – ହେ ସ୍ୱାମୀ –ଟିକେ ଭାବନ୍ତୁ, ଆପଣମାନେ ନିଜ ସହଧର୍ମଣୀଙ୍କୁ ପଛରେ ରଖି କେମିତି ଆଗକୁ ବଢି ପାରିବେ ? ଧର୍ମଣୀ ସହିତହିଁ ଆପଣଙ୍କର ମଙ୍ଗଳ । ଧର୍ମଣୀ ରହିତ ହୋଇତ ସ୍ୱୟଂ ଜଗନ୍ନାଥ ମହାପ୍ରଭୁ ଦ୍ୱାର ଦ୍ୱାର ଭିକ୍ଷା ମାଗିବା ପାଇଁ ବାଧ ହୋଇଥିଲେ । ତାତ୍ପର୍ଯ୍ୟ, ସ୍ତ୍ରୀର ସମ୍ମାନରେ ସ୍ୱାମୀର ସମ୍ମାନ ଲୁଚି ରହିଛି । ଯେଉଁ ସ୍ୱାମୀ ସ୍ତ୍ରୀକୁ ପରିବାର ଆଗରେ ସବୁବେଳେ ଅପମାନିତ କରେ, ଭବିଷ୍ୟତରେ ତାର ଅପମାନ ସୁନିଶ୍ଚିତ, ତାତ୍ପର୍ଯ୍ୟ, ଇନାକ୍ଷୀର ଅବଦାନରେ ଅମିତ ବାବୁ ପରିବାରଠାରୁ ସମ୍ମାନ ପାଉଛନ୍ତି । ଯେଉଁଦିନ ଇନାକ୍ଷୀ ତ୍ୟାଗ କରିବା ଛାଡିଦେବ, ସେହିଦିନଠାରୁ ଅମିତ ବାବୁଙ୍କ ପରିବାର ପ୍ରଥମେ ଅମିତ ବାବୁଙ୍କୁ ହିଁ ଅସମ୍ମାନ କରିବ । ଇନାକ୍ଷୀର ତ୍ୟାଗରେ ହିଁ ଅମିତ ବାବୁଙ୍କର ସମ୍ମାନ । କିନ୍ତୁ ଏହା ସେ ବୁଝିବାକୁ ଅକ୍ଷମ ବୋଧେ ।

କିଛି ସମୟ ପାଇଁ ମୁଁ ମୌନ ବସିଗଲି । ଏହା ଭିତରେ ଅମିତ ବାବୁଙ୍କର ମନେପଡିଲା ଯେ ଶାଳି ଘରକୁ ଆସିଛି । ସେ ଆସି ମୋ ପାଖରେ ବସିଲେ । ମୁଁ ତାଙ୍କସାଙ୍ଗରେ ପ୍ରଥମଥର ପାଇଁ କଥାହେବାର ସୁଯୋଗ ପାଇଲି । ବାହାଘର ଦିନତ ଏତେ ଭଲରେ କଥାବାର୍ତ୍ତା ହୋଇପାରି ନଥିଲା । ଆମେ ଦୁଇଜଣ ବସି କଥାବାର୍ତ୍ତା ଆରମ୍ଭ କଲୁ । ମୁଁ ତାଙ୍କ ଚ୍ଚାକିରୀ ବିଷୟରେ, ତାଙ୍କ ଜୀବନ ବିଷୟରେ ପଚ୍ଚାରିଲି । ଏମିତି ଅନେକ ବିଷୟରେ ଯାହାକି ପ୍ରଥମ ସାକ୍ଷାତକାରରେ ପଚରାହୁଏ । ଅମିତ ବାବୁ ନିତ୍ୟଦିନ ସକାଳୁ ଉଠି ପାଖାପାଖି ୯ଟା ବେଳକୁ ଅଫିସ ବାହାରିଯାନ୍ତି । ଲଞ୍ଚ ଟାଇମରେ ଘରକୁ ଆସିପାରନ୍ତି ନାହିଁ । କିନ୍ତୁ ବେଳେ ବେଳେ ସମୟ ହେଲେ ଅଫିସରୁ ବାହାରି ଲେଡିଜ୍ ଷ୍ଟାଫଙ୍କ ସାଙ୍ଗରେ ମିଶି ଲଞ୍ଚ

ପାଇଁ ବାହାରକୁ ଯାଆନ୍ତି । ସମୟ ମିଳିଲେ ମ୍ୟାଙ୍ଗୋ ଡେ, ବାନାନା ଡେ ମଧ୍ୟ ବନାନ୍ତି । ଆଉ ମଝିରେ ମଝିରେ ଟୁରରେ ବାହାରକୁ ମଧ୍ୟ ଚାଲିଯାଆନ୍ତି । ଇନାକ୍ଷୀ ପାଇଁ ତାଙ୍କପାଖରେ ସମୟ ନଥାଏ । ଘରେ ବାପା-ବୋଉ ତ ଅଛନ୍ତି । ସେଥିପାଇଁ ସେ ନିଶ୍ଚିନ୍ତରେ ଘରୁ ବାହାରିଯାନ୍ତି । ସେ ଜାଣିନାହାନ୍ତି ଯେ ତାଙ୍କ ଜୀବନ ମଧ୍ୟ ଇନାକ୍ଷୀ ପରି ନୀରବ, ନୀରସ, ନିର୍ଜିବ, ନିରୁଦ୍ଦିଷ୍ଟ ଏବଂ ନିରୁପାୟ ହୋଇ ଅମିତ ଶୂନ୍ୟପଥରେ ଘୂରିବୁଲୁଛି ଏବଂ ରାଗ ଭୈରବୀର ମଧୁର ରାଗରେ ନିଜ ଆତ୍ମାକୁ ତୃପ୍ତ କରିବା ପାଇଁ ବାରମ୍ବାର ଚେଷ୍ଟା କରି ଚାଲିଛି....... ।

ଏହା ଭିତରେ ରାତି ୯ଟା ବାଜିସାରିଥାଏ । ରାତ୍ରି ଭୋଜନର ସମୟ । ଇନାକ୍ଷୀ ଛପନ ଭୋଗ ଆଣି ଟେବୁଲ୍ ଉପରେ ସଜେଇଦେଲା । ସମସ୍ତେ ଖାଇବାପାଇଁ ବସିପଡିଲେ । ମୁଁ ଇନାକ୍ଷୀକୁ ପଚାରିଲି – ତୁ ଖାଇବୁନି କି ? ସକାଳେତ ବ୍ୟସ୍ତରେ ଖାଇଲୁକି ନାହିଁ ଜଣାନାହିଁ । ଏବେ ତ ଆସ୍, ମୋ ସାଙ୍ଗରେ ଖାଇବୁ । ହଠାତ୍ ଅମିତ ବାବୁ ବାହାରିପଡି କହିଲେ, ସେ ସମସ୍ତଙ୍କ ପଛରେ ଖାଏ । ଶାଶୁ ମଧ୍ୟ ତୁରନ୍ତ ବୁଲିପଡି କହିଲେ, ଆମ ଘରର ନିୟମ, ସମସ୍ତ ସଦସ୍ୟ ଖାଇସାରିଲା ପରେହିଁ ବୋହୁର ଖାଇବା ଉଚିତ ଏବଂ ଏହା ତାର କର୍ତ୍ତବ୍ୟ । ମୁଁ ମନେମନେ ଭାବିଲି, ଆପଣତ ମଧ୍ୟ ଜଣେ ବୋହୁ । ଆପଣଙ୍କ ଶାଶୁ ଏବେ ମଧ୍ୟ ବଞ୍ଚିଛନ୍ତି । କାହିଁ, ବୋହୁର କର୍ତ୍ତବ୍ୟ କରିବା ଆପଣଙ୍କୁ କଣ ଜଣାନାହିଁ । ଆପଣଙ୍କର କର୍ତ୍ତବ୍ୟତ ମୁଁ ଏପର୍ଯ୍ୟନ୍ତ ଦେଖି ପାରିଲିନାହିଁ । ରାମ.......ରାମ...... । କହିବାକୁ କାହାର ସାହସ ଅଛି । ଖାଲି ଆମେ ମନରେ ଭାବିବା ! ସମସ୍ତଙ୍କ ଭୋଜନ ସମାପ୍ତି ପରେ ଇନାକ୍ଷୀ ଖାଇବାପାଇଁ ବସିଲା । ଜୁଜୁ କାନ୍ଦୁଥାଏ । ଅମିତ ବାବୁ ଆସି ଜୁଜୁକୁ ଇନାକ୍ଷୀଠାରୁ ନେଇଗଲେ । ଭାବିଲି ଏବେ ଟିକେ ସେ ଶାନ୍ତିରେ ଖାଇପାରିବତ । ମୁଁ ଇନାକ୍ଷୀକୁ ଗଭୀର ଭାବରେ ଦେଖୁଥାଏ । ସେ ବହୁତ ଧିରେ-ଧିରେ ଖାଉଥାଏ । ସେତବେଳକୁ ରାତି ୧୦ଟା ବାଜି ସାରିଥାଏ । ତାର ମୁଖମଣ୍ଡଳର କାନ୍ତି ଆଉ ଶରୀର ଯେମିତ ନିସ୍ତେଜ୍ ହୋଇଯାଇଛି । ଖାଇବାକୁ ଇଚ୍ଛା ନାହିଁ । ବଞ୍ଚିବା ପାଇଁ ବାଧହୋଇ ଖାଉଛି...ବୋଧେ ? ମୁଁ ଅମିତ ବାବୁଙ୍କୁ କହିଲି-ଆପଣ ତ ବହୁତ ଥକି ଯାଇଥିବେ । ଯାଇ ଶୋଇପଡନ୍ତୁ । ସେ ମୋତେ କହିଲେ- ହଁ, ଥକିତ ଯାଇଛି......., ବହୁତ କ୍ଲାନ୍ତ ମଧ୍ୟ ଅନୁଭବ କରୁଛି । ଏହା କହି ସେ ଶୋଇବାକୁ ଚାଲିଗଲେ । ଇନାକ୍ଷୀ ଏହାଭିତରେ ଖାଇସାରି ବାସନ ମାଜିବାପାଇଁ ଚାଲିଗଲା ।

ରାତି ୧୧ଟା ପାଖାପାଖି ହୋଇଯିବ । ସମସ୍ତେ ଯିଏ ଯାହାର ଖାଇପିଇ ଶୋଇବା ପାଇଁ

ପଳେଇଲେଣି । ମୁଁ ବାହାର ଅଗଣାରେ ଗୋଟିଏ ଚଉକି ପକେଇ ବସି ଆକାଶକୁ ଚାହିଁ ଦେଖିଲି । ସେଦିନ ଥିଲା ପୂର୍ଣ୍ଣିମାର ରାତ୍ରି ଏବଂ ଗଗନ ଥିଲା ଅନଭ୍ର । ମୁଁ ଦେଖିଲି - ସେହି ଶୁଷ୍କ, ନିର୍ଜୀବ ଘରର ଛାତ ପୂର୍ଣ୍ଣିମୀ ରାତ୍ରିରେ ଚନ୍ଦ୍ରମାର ଶୀତଳ ମନ ମୁଗ୍ଧକର ଚାନ୍ଦିନୀରେ ଚନ୍ଦ୍ରକୁ ଚାହିଁ ଚକ୍-ଚକ୍ କରି ଉଠୁଥିଲା ।

ମୁଁ ଦେଖିଲି..... ମନ୍ଦ-ମନ୍ଦ ବାୟୁରେ କିଛି ବୃକ୍ଷ ଝୁଲି-ଝୁଲି ଗାଉଛନ୍ତି କିଛି ମଧୁର ରାଗ – ସେ ରାଗରେ ଅଶାନ୍ତି ନାହିଁ.....ଦ୍ୱେଷ ନାହିଁ..... ହିଂସା ନାହିଁ..... ନାହିଁ ମଧ୍ୟ ସ୍ୱାର୍ଥପରତା ।

ମୁଁ ଦେଖିଲି - ଧିରେ-ଧିରେ ରାତ୍ରୀ ଚଢି ଆସୁଥାଏ । ଚନ୍ଦ୍ରମାର ସ୍ୱଚ୍ଛ, ଶୀତଳ, ଶ୍ୱେତ ରଙ୍ଗର ଚାନ୍ଦିନୀରେ ତାରା ସମୁହ ଉତ୍ସବମୂଖରିତ ହୋଇ ଉତ୍ସାହରେ ଉତ୍ସବ ପାଇଁ ସିଙ୍ଗାର କରୁଥାନ୍ତି । ଚତୁର୍ଦ୍ଦିଗେ ନିର୍ମଳ ପ୍ରକାଶ, ଏହି ପ୍ରକାଶରେ ମଗ୍ନ ବୃକ୍ଷମାନେ ଗୁପ୍-ଚୁପ୍ ବାର୍ତାଳାପରେ ବ୍ୟସ୍ତଥାନ୍ତି । ସେହି ବୃକ୍ଷ କୋରଡରେ ବାସ କରୁଥିବା କପୋତ ଯୁଗଳ ସ୍ୱଚ୍ଛ ଚାନ୍ଦିନୀରେ ପ୍ରେମ-ପ୍ରଣୟରେ ଥାନ୍ତି ମଗ୍ନ..... ।

ମୁଁ ଦେଖିଲି – ନୀଳ ଆକାଶର ଛାଇରେ କିଛି ଖଗ ଚେଁ.....ଚେଁ..... ଶବ୍ଦ କରି ଚାନ୍ଦିନୀ ରାତ୍ରିର ନିର୍ଜନତାକୁ ଭଙ୍ଗ କରିବାକୁ ଚେଷ୍ଟା କରୁଥାନ୍ତି....... ।

କିନ୍ତୁ ଏହିସବୁ ଦୃଶ୍ୟ ଖାଲି ମୁଁ ଦେଖୁଥିଲି......ଖାଲି......... ମୁଁ.........ଏବଂ ଏହି ନିର୍ଜନତାରେ ଆଉ ଗୋଟିଏ ଶବ୍ଦ ମଧ୍ୟ ମୋ କାନରେ ବାଜୁଥାଏ । ଇନାକ୍ଷୀର ବାସନ ମଜା ଝନ୍....... ଝନ୍......ଝନ୍.........

ଭାବୁଥାଏ କେତେବେଳେ ଇନାକ୍ଷୀ ରାଗ ଭୈରବୀ ଗାଇ ସଭା ସମାପ୍ତ କରିବ । ଭୈରବୀ ଦେବୀଙ୍କୁ କ୍ରିୟା ଶକ୍ତିର ରୂପ ଦିଆ ଯାଇଛି । ଯାହାକୁ ସ୍ମରଣ କଲେ ଶରୀରରୁ ସମସ୍ତ ବ୍ୟାଧୀ ନିଷ୍କାସିତ ହୋଇ ଶରୀରକୁ ପୂର୍ଣ୍ଣ ଜୀବିତ କରିଥାଏ । ରାଗ ଭୈରବୀ ଏମିତି ଏକ ରାଗ ଯାହାକୁ ଗାଇ ସଭା ସମାପ୍ତ କରିବାର ପ୍ରଥା ମଧ୍ୟ ପ୍ରଚଳିତ ଅଛି । ଏହି ରାଗ ଭାବ-ଅଭିବ୍ୟକ୍ତି ପାଇଁ ମଧ୍ୟ ବହୁତ ଅନୁକୁଳ ଏବଂ ପ୍ରଭାବକାରୀ ଅଟେ ।

କିନ୍ତୁ ଇନାକ୍ଷୀ ଏଠି ନା ତା ଶରୀରର ବ୍ୟାଧିକୁ ନିଷ୍କାସିତ କରିବାକୁ ଚାହୁଁଛି ନା ତା ନିଜର ଭାବନାକୁ କାହା ଆଗରେ ଅଭିବ୍ୟକ୍ତ କରୁଛି, ନା ରାଗ ଭୈରବୀ ଗାଇ ଦିନଯାକର କାର୍ଯ୍ୟକ୍ରମକୁ ସମାପ୍ତ କରିବାକୁ ଚେଷ୍ଟା କରୁଛି ? କିଣ ଚାହୁଁଛି ସେ ?

ସମାଜରେ ଏମିତ ଅନେକ ଇନାକ୍ଷୀ ଥିବେ ଯିଏକ ବୋହୁ ରୂପରେ ଏହ ଅସମାନତା ପ୍ରଥାର ଶିକାର ଘରେ ଘରେ ହୋଇ ଆସୁଛନ୍ତ । ମାଁ ସେମାନଙ୍କୁ ଶକ୍ତି ପ୍ରଦାନ କରନ୍ତୁ ଗ୍‌ଗ ଭୈରବୀ ଗାଇ ସମାଜରେ ପ୍ରଚଳତ ଏହ ଅସମାନତା ପ୍ରଥାକୁ ସମୁଳେ ବନାଶ କର ସମାନତାରେ ପରଣତ କରବା ପାଇଁ, ମା ଭୈରବୀଙ୍କ ପାଖରେ ମୋର ଏତକ ବନତୀ ।

mamata.dash1234@gmail.com

# ଅଲୋଡ଼ା ଧନ

ଅନଲ କୁମାର ବୋଇତ



ହେଇଟି ଶୁଣୁଚ କାଲ ନା ଦପୁ ମୋତେ ଗ୍‌ତସାର୍‌ ଶୁଏଇ ଦେଇନ । ଶୁଣୁଚ ନା ନାହିଁ, ଦପୁ କାଲ ଗ୍‌ତ ସାର୍‌ ଖାଲ କାନ୍ଦି କାନ୍ଦି କହୁଥାଏ ଜେଜେକୁ ଦେଖା କରବାକୁ ଯିବ । ମୁଁ ଯେତେ କହଲ କାଲ ସକାଳେ ବାପାଙ୍କୁ କହବ ରବବାର ଦନ ତତେ ନେଇଯିବେ । ନାଇଁ କେବଳ ତାର ଗୋଟାଏ ଜଦି ମୁଁ ଏବେ ଦେଖା କରବ । ଶୁଣୁଚ ନା ନାହିଁ ତମ କାନରେ କଛ ପଶୁଛ ସକାଳୁ ସକାଳୁ ଇଞ୍ଜିନୟର ବାବୁ ପେପର ଧର କ ବସିଗଲେ । ମୁଁ ଗ୍‌ତସାର୍‌ ନ ଶୋଇ କଣ ମୋର ହେଉଛ ମୁଁ ଜାଣେ । ତମେ କଛ ବୁଝୁନ କାହିଁକ ଦପୁର କଥା କଛ ବୁଝ । କାନ୍ଦି କାନ୍ଦି ଦପୁ ଆସି ପହଞ୍ଚିଛ ବାପାଙ୍କ ପାଖରେ । ବାପା ବାପା ମୋତେ ଜେଜେଙ୍କୁ ଦେଖା କରବାର ଅଛ । ବାପା ଜେଜେ ଆମ ପାଖରେ କାହିଁକ ରହୁନାହାନ୍ତ । ଜାଣିଛ ନା ବାପା ସ୍କୁଲ ଗଲ୍‌ବେଳେ ସବୁ ପିଲ୍‌ଙ୍କୁ ତାଙ୍କ ଜେଜେ ନେଇକ ଯାଉଛନ୍ତ । ଚକଲେଟ୍‌ କଣି ଦେଉଛନ୍ତ । କେତେ ଗେହ୍ଲା କରୁଛନ୍ତ । ତା'ପରେ ସ୍କୁଲ ଛୁଟି ହେଲ୍‌ପରେ ସ୍କୁଲରୁ ଆଣିବାକୁ ବ ଯାଉଛନ୍ତ । ସନ୍ଧ୍ୟାରେ ପାର୍କ ଯାଉଛନ୍ତ । ତାଙ୍କ ସାଙ୍ଗରେ ଖେଳୁଛନ୍ତ ହେଲେ ମୋ ଜେଜେ ଥାଇ ମଧ ତାଙ୍କ ସାଙ୍ଗରେ ମୁଁ ଖେଳପାରୁଛ ନା ତାଙ୍କ ସାଙ୍ଗରେ ମୁଁ ସ୍କୁଲ ଯାଇପାରୁଛ ।

ମୋ ସାଙ୍ଗମାନେ ମୋତେ କହନ୍ତ ଦପୁ ତୋ ଜେଜେ ତତେ କାହିଁକ ଆଣିକ ଛାଡୁନାହାନ୍ତ । ମୁଁ କଛ କହପାରେନ ଚୁପ୍‌ ରହେ । ମୋତେ ବହୁତ କଷ୍ଟ ଲ୍‌ଗେ ବାପା ଆଉ ଜାଣିଛ ସ୍କୁଲରେ ଦନେ ଆମ ଆଜ୍ଞା ଆମକୁ କହଲେ ଜେଜେଙ୍କ ବଷୟରେ ରଚନା ଲେଖିବା ପାଇଁ ମୁଁ ଲେଖିପାରଲ ନାହିଁ । ଜେଜେ ସାଙ୍ଗରେ ସମୟ ବତାଇଥିଲେ ସିନା ମୁଁ ଲେଖିଥାନ୍ତ । ମୋ ସାଙ୍ଗମାନଙ୍କ ସାଙ୍ଗରେ ତାଙ୍କ ଜେଜେ ରହୁଛନ୍ତ । ତା ହେଲେ ଆମ ସାଙ୍ଗରେ କାହିଁକ ଜେଜେ ରହୁନାହାନ୍ତ । ପୁଣି କାନ୍ଦି କାନ୍ଦି କହଲ୍‌ ବାପା

ମୁଁ ଜେଜେଙ୍କୁ ଦେଖା କରିବାକୁ ଯିବି । ଇଞ୍ଜିନିୟର ବାବୁ କହିଲେ ଆରେ ହଉ ହଉ ଏଇ ରବିବାର ଦିନ ମୁଁ ନେଇଯିବି ତୋତେ ଜେଜେଙ୍କ ପାଖକୁ ତୁ ମନ ଖୋଲି ଗପିବୁ  ମନ ଖୋଲି ଖେଳିବୁ । ହଉ ଏବେ ତ କାନ୍ଦ ବନ୍ଦ କର ମୋ ସୁନାପୁଅ ପରି ।

ଦିପୁ ଜେଜେଙ୍କୁ ଦେଖା କରିବ ବୋଲି ତା ଆଖିରେ ନିଦ ନଥାଏ । ରବିବାର ଦିନ ସକାଳୁ ଦିପୁ ଉଠିଯାଇ କହୁଛି ବାପା ମମି ଉଠ ଆଜି ପରା ରବିବାର ଆମେ ଜେଜେଙ୍କ ପାଖକୁ ଯିବା ଦେଖା କରିବାକୁ । ଇଞ୍ଜିନିୟର ବାବୁ ଓ ତୃପ୍ତି ଉଠ ହେ ।

ଇଞ୍ଜିନିୟର ବାବୁ - ଆରେ ହଁ ଆଜି ତ ରବିବାର ମୁଁ ତ ଭୁଲିଯାଇଥିଲି ଉଠ । ତୃପ୍ତି ଦିପୁକୁ ପରି ବାପାଙ୍କ ପାଖକୁ ନେଇକି ଯିବାର ଅଛି । ଉଠ ଜଲଦି ଜଲଦି କାମ ସାରି ଯିବା ବାପାଙ୍କୁ ଦେଖା କରିକି ପଳେଇ ଆସିବା ।

ତୃପ୍ତି - ଓଃ ଆଜି ସଣ୍ଡେ ଟାରେ ବି ମୋତେ ଟିକେ ଶୋଇବାକୁ ଦେଉନି । ତମ ବାପା ପୁଅର ଯିବାର ଅଛି ତ ଯାଅ । ସେଇ ଆଶ୍ରମ ଫାଶ୍ରମ । ସେଠି କଣ ମଣିଷମାନେ ରହନ୍ତି ।

ଇଞ୍ଜିନିୟର ବାବୁ - ଓଃ ଛାଡ଼ ସେ ସବୁ ବେକାର କଥା । ଜଲଦି ଜଲଦି ବାହାର ନ ହେଲେ ପୁଣି ଦିପୁ କାନ୍ଦି କାନ୍ଦି ତମକୁ ନାକେ ଦମ୍ କରିବ ।

ତୃପ୍ତି - ହଉ ହଉ ମୁଁ ବାହାରୁଛି । ଏଇ ପିଲାଟା କୋଉଠି ରଖେଇ ଥୋଇ ଦେବନି ।

ଦିପୁ ଭାରି ଖୁସି ଆଜି ସିଏ ତା ଜେଜେକୁ ଦେଖା କରିବାକୁ ଯାଉଛି । ତା ମନ ପୁରା ଖୁସିରେ ବିଭୋର । ଜେଜେ ତା ଜୀବନର ସବୁଠୁ ମୂଲ୍ୟବାନ ଧନ । ଇଞ୍ଜିନିୟର ବାବୁ ଦିପୁ ରେଡ଼ି ବାହାରିବା । ହଁ ବାପା ମୁଁ ପୁରାପୁରି ରେଡ଼ି । ମମ୍ମି ଚାଲ ବାପା ଡାକଲେଣି । ହଁ ହଁ ଚାଲ ଦିପୁ ଦୌଡ଼ିଯାଇ କାରର ଗେଟ୍‌ଟିକୁ ଧଡ଼ କରି ଖୋଲି ବସିପଡ଼ିଲା । ଇଞ୍ଜିନିୟର ବାବୁ, ତୃପ୍ତିମେଡ଼ମ୍ ଓ ଦିପୁ ଚାଲିଲେ ଆଶ୍ରମ ଅଭିମୁଖେ । ଚାଲୁ ଚାଲୁ ଅଧା ବାଟରେ ଦିପୁ ପଚାରିଲା ବାପା ଜେଜେ ଆମ ପାଖରେ ରହୁନାହାନ୍ତି କାହିଁକି ? ଇଞ୍ଜିନିୟର ବାବୁ କହିଲେ ତୁ ବୁଝି ପାରିବୁ ନାହିଁ । ତୁ ଛୋଟ ପିଲା । ମଣିଷମାନେ ଯେତେବେଳେ ବୃଦ୍ଧ ହୋଇଯାଆନ୍ତି ସେମାନଙ୍କୁ ଆଉ ନିଜ ଘର ଭଲ ଲାଗେନି । ତାଙ୍କୁ ସବୁବେଳେ

ପୂଜାପାଠ କରିବାକୁ ଭଲ ଲାଗେ । ତାଙ୍କୁ ସବୁବେଳେ ତାଙ୍କ ବୟସ୍କଙ୍କ ସାଙ୍ଗରେ ମିଶିବାକୁ ଭଲ ଲାଗେ । ଘରର ମୋହମାୟା ସ୍ନେହକୁ ଦୂରେଇ ରହିବାକୁ ଭଲ ଲାଗେ । ସେମାନେ ନିଜକୁ ଭଗବାନଙ୍କ ପାଖରେ ସମର୍ପି ଦେବାକୁ ଚାହାନ୍ତି । ସେଥିପାଇଁ ସେ ପରିବାର ଭିତରେ ରହିବାକୁ ଚାହାନ୍ତି ନାହିଁ । ସେଥିପାଇଁ ତୋ ଜେଜେ ଆମ ପାଖରେ ନ ରହି ଆଶ୍ରମରେ ରହୁଛନ୍ତି । ଏମିତି କଥା ହେଉ ହେଉ ଆଶ୍ରମ ଆସି ପହଞ୍ଚିଗଲା । ଦିପୁ କାରର କବାଟକୁ ଖୋଲିଦେଇ ଦୌଡ଼ିଲା ଆଶ୍ରମ ଆଡ଼କୁ ଏବଂ ଚିତ୍କାର କରି କରି ଗଲା ଜେଜେ ଜେଜେ । ଆଶ୍ରମ ଭିତରକୁ ପଶିଛି କି ନାହିଁ ସେ ଦେଖିବାକୁ ପାଇଲା ତା ଜେଜେ ଭଳି ଅନେକ ଜେଜେଙ୍କୁ କିଏ ବସି ଗଛରେ ପାଣି ଦେଉଛି ତ କିଏ ଠାକୁର ପୂଜାରେ ବ୍ୟସ୍ତ, କିଏ ପେପର ପଢୁଛନ୍ତି ତ କିଏ ଆଉ କିଏ ଆଶ୍ରମର ଚତୁଃପାର୍ଶ୍ୱକୁ ପରିଷ୍କାର କରିବାରେ ବ୍ୟସ୍ତ ଅଛନ୍ତି । ଶେଷରେ ସେ ଧାଇଁ ଧାଇଁ ତା ଜେଜେଙ୍କ ପାଖରେ ପହଞ୍ଚିଗଲା । ଜେଜେକୁ ଦେଖେ ତ ଜେଜେ ନିରେଖି ପେପର ପଢୁଛନ୍ତି । ପାଖରେ ଛିଡ଼ା ହୋଇଯାଇକହିଲା 'ଜେଜେ' । ପେପର ଆଡେଇ ଦେଖନ୍ତି ତ ଗେହ୍ଲାନାତି ଦିପୁ । ଦିପୁକୁ ଦେଖୁ ଦେଖୁ ତାଙ୍କ ଆଖିରୁ ଝରିପଡ଼େ ଗଡ଼େ ଅଶ୍ରୁର ଧାର । ଆଉ ଦିପୁକୁ ସାଙ୍ଗେ ସାଙ୍ଗେ ଆଲିଙ୍ଗନ କରି ମୁହଁରୁ ବାହାରି ପଡ଼େ ତୁ କେମିତି ଅଛୁରେ । ଦିପୁ ବି ଭେଁ ଭେଁ ହୋଇ କାନ୍ଦି କହେ ଜେଜେ ତମେ ଆମ ପାଖକୁ ଚାଲନା ତମେ ମୋ ପାଖକୁ ଚାଲ । ଜେଜେ ଓ ନାତିର ପ୍ରେମକୁ ଦୂରରୁ ଅନୁଭବ କରନ୍ତି ଇଞ୍ଜିନିୟର ବାବୁ ଓ ତୃପ୍ତି ମେଡ଼େମ୍ । ଜେଜେ ଦିପୁର ଆଖିରୁ ଲୁହ ପୋଛି ଦେଇ କହନ୍ତି ପାଗଳାଟା କାନ୍ଦୁଛୁ କାହିଁକି ? ଏବେ ପରା ତୋ ଜେଜେ ପାଖରେ ଅଛନ୍ତି । ଜେଜେଙ୍କ ସହିତ ଖୁବ୍ ଖୁସିରେ ଦିନ ବିତେଇଛି ଦିପୁ । ପଚାରିଛି ଜେଜେ ତମେ ଏଠି କଣ କର ? ଜେଜେ ତମକୁ ମୋ କଥା ମନେ ପଡ଼େନି ? ତମେ ଆମ ଘରକୁ ଚାଲନା । ମୋତେ ସ୍କୁଲ୍ ନେଇକି ଯିବ, ଆମେ ସନ୍ଧ୍ୟାରେ ମିଶି ଖେଳିବା, ପାର୍କ ଯିବା ମଜା କରିବା । ନାହିଁରେ ପାଗଳ ଆଉ କଣ ଘରକୁ ଯାଇହେବ । ସମୟ ସୀମା ଅତିକ୍ରମ କରି ଯେତେବେଳେ ବୃଦ୍ଧ ବୟସ ଆସେ ସେମାନଙ୍କ ପାଇଁ ଏହି ଆଶ୍ରମ ହିଁ ପାଲଟି ଯାଏ ତାର ଶେଷ ଠିକଣା । ନାଇଁ ଜେଜେ ମୁଁ ସେ ସବୁ କିଛି ଜାଣେନି । ତମେ ଆମ ସାଙ୍ଗରେ ଘରକୁ ଯିବ । ହଉ ହଉ ହେଲା ହେଲା ପାଗଳଟା ଯେତେବେଳେ ସମୟ ହେବ ମୁଁ ତୋ ସାଙ୍ଗରେ ଯାଇ ଖେଳି ଆସିବ ।

ଇଞ୍ଜିନିୟର୍ ବାବୁ ଓ ତୃପ୍ତିମେଡ଼ମ୍ କହିଲେ ଦିପୁ ଚାଲ । ବହୁତ ସମୟ ହୋଇଗଲାଣି । ଇଞ୍ଜିନିୟର୍ ବାବୁ, ତୃପ୍ତି ମେଡ଼ମ୍ ଓ ଦିପୁ ତିନିଜଣ ବାପାଙ୍କ ପାଦଛୁଇଁ ବିଦାୟ ନେଲେ ଆଶ୍ରମରୁ । ଦିପୁର ଦୁଇ ଆଖିରୁ ଲୁହ ବହିଯାଉଛି । ଦିପୁର ଇଛା ନାହିଁ ଯିବାପାଇଁ । ସେ କହୁଛି ବାପା ଜେଜେଙ୍କୁ ବି ଆମ ସାଙ୍ଗରେ ନେଇ ଚାଲନା ।

ଇଞ୍ଜିନିୟର୍ ବାବୁ - ହଉ, ଏବେ ଆଉ କେତେବେଳେ ସମୟ ଦେଖି ମୁଁ ନେଇ ଆସିବି ବାପାଙ୍କ ପାଖକୁ । ଦିପୁ କାର୍ କବାଟ ଖୋଲି ଯାଇ ବସିପଡ଼ିଲା । ମନ ତା'ର ଜମା ଭଲ ନଥାଏ । କିଛି ସମୟର ଖୁସି ପାଇ ସେ ଖୁସି ଛାଡ଼ି ଚାଲିଯାଉଛି ଏକାନ୍ତ ଜୀବନ ବିତାଇବାପାଇଁ । ଇଞ୍ଜିନିୟର୍ ବାବୁ ଓ ତୃପ୍ତି ମେଡ଼ମ୍ ଗାଡ଼ିରେ ବସିଲେ ଏବଂ ଗାଡ଼ି ଆଗକୁ ଗଡ଼ିଲା ।

ତୃପ୍ତି ମେଡ଼ମ୍ - ହେଇ ଶୁଣ ସପିଂ ମଲ୍ ଟିକେ ଯିବା ।

ଇଞ୍ଜିନିୟର୍ ବାବୁ - ହଁ ହଁ ନିଶ୍ଚୟ ନିଶ୍ଚୟ, କାହିଁକି ନୁହେଁ । କିନ୍ତୁ ଦିପୁ ଚୁପ୍ ଚୁପ୍ ।

ଦିପୁ - ବାପା ମୁଁ ଆପଣଙ୍କୁ ଗୋଟିଏ କଥା ପଚାରିବି ? ଜେଜେ ଆମ ସାଙ୍ଗରେ କାହିଁକି ରହୁନାହାନ୍ତି ?

ତୃପ୍ତି ମେଡ଼ମ୍ - ଦିପୁ ଗାଡ଼ିରେ ଚୁପ୍ ଚାପ୍ ବସ, ତୁ ବହୁତ୍ ବଡ଼ ବଡ଼ କଥା କହିଲୁଣି ।

ଦିପୁ କିଛି ସମୟ ନିରବ ରହିଲା ପରେ ପୁଣି କହିଲା ଏଠି ଜେଜେ କେମିତି ରହୁଥିବେ ? ଏଠି ତ କିଛି ବି ନାହିଁ । ନା ଟିଭି ଅଛି ନା ବହି ଅଛି ପଢ଼ିବାପାଇଁ । ଦେହ ଖରାପ ହେଲେ ତାଙ୍କୁ କିଏ ଦେଖୁଥିବ ? ତାଙ୍କ ଖାଇବାପିଇବା କଥା କିଏ ବୁଝୁଥିବ ? ମୋର ଦେହ ଖରାପ ହେଲେ ତମେ ବ୍ୟସ୍ତ ହେଇଯାଉଛ । ମୋତେ ଭୋକ ନଥିଲେ ମଧ୍ୟ ମମି ବାଧ୍ୟ କରି ଖୁଆଇ ଦେଉଛନ୍ତି । ମୁଁ ଚୁପ୍ ରହିଲେ କଣ ହେଇଛି କଣ ହେଇଛି ବୋଲି ପଚାରି ଅଥୟ କରିଦେଉଛନ୍ତି । ଜେଜେଙ୍କ ପାଇଁ ତ ସେମିତି କେହି ନାହିଁ । ବୃଦ୍ଧ ହୋଇଗଲେ କଣ ମଣିଷ ଅଲୋଡ଼ା ହୋଇଯାଆନ୍ତି । ହେଲେ ବାପା ଆପଣ ଜମା ଚିନ୍ତା କରନ୍ତୁ ନାହିଁ । ମୁଁ ବଡ଼ ହେଲେ ଆପଣମାନଙ୍କୁ ଏଇଠୁ ବି ବଡ଼ ଆଶ୍ରମରେ ରଖିବି, ଯୋଉଠି ଟିଭି ଥିବ, ଖବର କାଗଜ ଆସୁଥିବ, ଦେଖାଶୁଣା କରିବାପାଇଁ ଲୋକ ଥିବେ । କିଛି ବି ଅସୁବିଧା ହେବାକୁ

ଦେବନ । ତୃପ୍ତି ମେଡ଼ମ୍ ଆଖି ବଡ଼ ବଡ଼ କରି ଗ୍ଧହିଁ ରହିଛନ୍ତି, ଇଞ୍ଜିନିୟର୍ ବାବୁ ଗାଡ଼ି ଅଟକାଇ କିଛି ସମୟ ଚିନ୍ତା କଲାପରେ ପୁଣି ପଛକୁ ଫେରୁଛନ୍ତି । ତୃପ୍ତି ମେଡ଼ମ୍ ପଗ୍ଧରୁଛନ୍ତି, କଣ ହେଲା ?

ଇଞ୍ଜିନିୟର୍ ବାବୁ - ଗୋଟେ ବଡ଼ ଭୁଲ ହେଇଯାଇଛି, ସୁଧାରିବାକୁ ପଡ଼ିବ ।

ତୃପ୍ତି - ବାପାଙ୍କୁ ???

ସି-୨, ଏଲ୍-୨, ୧୪୧

ଛେଣ୍ଡ କଲୋନୀ, ରାଉରକେଲା

anilboity1987@gmail.com

MO:9692417799

# ସ୍ୱପ୍ନାଲୋକ ଓ ଫେସବୁକ୍

ଡା ଜ୍ୟୋତ ପ୍ରସାଦ ପଟ୍ଟନାୟକ






ମନୁଷ୍ୟ ସ୍ୱତଃପ୍ରବୃତ୍ତ ଭାବରେ କଳ୍ପନାବଳାସୀ । ସ୍ୱପ୍ନାଲୋକରେ ମାନସିକ ଇଚ୍ଛା ସବୁ ପୂରଣ କରବାର ଦୁର୍ବାର କାମନା ମନୁଷ୍ୟକୁ ଜୀବନରେ ଅନେକ ଅପ୍ରାପ୍ୟ ଓ ଦୁର୍ଲଭ ବସ୍ତୁ ସହଜରେ ପାଇବା ସମ୍ଭବ କରଛ । ସ୍ୱପ୍ନ ଦେଖିବାକୁ ନଦ୍ରା ଯିବା ଅତ୍ୟନ୍ତ ଆବଶ୍ୟକ । ସୁସ୍ୱାସ୍ଥ୍ୟର ଅଧିକାରୀ ଯେ କୌଣସି ବ୍ୟକ୍ତି ସ୍ୱପ୍ନ ଦେଖିବ ଏହା ଭେଷଜ ବଜ୍ଞାନରେ ସିଦ୍ଧ । ଅନେକ ଯୁଗରୁ ମନୁଷ୍ୟ ମନରେ ଥିବା ଅନେକ ସୁପ୍ତ ଇଚ୍ଛାକୁ ବର୍ତ୍ତମାନ ସମୟରେ ଆଉ ସ୍ୱପ୍ନାଲୋକରେ ନ ଥାଇ ମଧ୍ୟ ପୂରଣ କର ହେଉଛ, ଆଉ ସେ ସବୁ କରବାରେ ସହାୟକ ହେଉଛ ଫେସବୁକ । ଏହା ଏକ ଏମିତ ଅବଶ୍ୟମ୍ଭାବୀ (ଭର୍ଚୁଆଲ୍) ଦୁନଆ ଯେଉଁଠି ଆପଣ ଯାହା ଚାହିଁବେ ପାଇବେ । ଚାଲନ୍ତୁ ଦେଖିବା କେମିତ ଏହା ସମ୍ଭବ ।


ଆପଣ ସୁପ୍ତ ବା ଜାଗ୍ରତ ଅବସ୍ଥାରେ ଯେଉଁ ସବୁ ଅଭଳାଷ ମନରେ ଆଣନ୍ତ ସେ ସବୁକୁ ସତ୍ୟରେ ପୂରଣ କରବା ହୁଏତ ସମ୍ଭବ ହୋଇନପାରେ ହେଲେ ଫେସବୁକରେ ସେ ସବୁ ସହଜରେ ହୋଇପାରବ । ଆପଣ ନଜ ଘରେ ବସି ଆମେରକା ଲଣ୍ଡନର ବ୍ୟକ୍ତିମାନଙ୍କ ସହ ବନ୍ଧୁତା କର ସେମାନଙ୍କ ଦେଶ, ବେଶ ଆଉ ବେଉସା ବ୍ୟବସାୟ ବଷୟରେ ଅନେକ କଛ ଜାଣିପାରବେ । ଆବଶ୍ୟକ ହେଲେ ଭଡ଼ିଓ ଚାଟ୍ କର ଦେଖିପାରବେ ସେମାନେ କେମିତ ରହନ୍ତ, କଣ ଖାଆନ୍ତ ଇତ୍ୟାଦ ଇତ୍ୟାଦ । ଆପଣଙ୍କ ଅଭଳଷିତ ବସ୍ତୁ ଯେ କେବଳ ଆପଣ ହିଁ ଚାହୁଁଥିବେ ଏହା ସ୍ୱାଭାବକ ନୁହେଁ । ଦୁନଆରେ ଅନେକ ବ୍ୟକ୍ତି ଏମିତ ଥିବେ ଯେଉଁମାନେ ଆପଣଙ୍କ ଭଳ ସମାନ ଅଭଳାଷ ରଖୁଥିବେ ଏହ ସବୁ ବ୍ୟକ୍ତିଙ୍କ ସମୁହକୁ ଆପଣ ଫେସବୁକରେ ଗ୍ରୁପରେ ପାଇପାରବେ । ସେ ଫଟୋଗ୍ରାଫି ହେଉ,

ଚତ୍ରାଙ୍କନ ହେଉ, ଲେଖାଲେଖି ହେଉ ଅବା ଅନ୍ୟ ଯାହା କଛ । ସବୁକଛ ପାଇଁ ପର୍ଯ୍ୟାପ୍ତ

ସୁଯୋଗ ଏଠି ଉପଲବ୍ଧ ଅଛି । ହେଲେ ଏ ସବୁ ତ ହେଲା ସୁସ୍ଥ ସାମାଜିକ ପ୍ରାଣୀଙ୍କ ପାଇଁ ବ୍ୟବସ୍ଥା । ଫେସବୁକ କେବଳ ଏହିପ୍ରକାରର ପ୍ରାଣୀ ବ୍ୟବହାର କରନ୍ତି କହିଲେ ଚଳିବ ନାହିଁ । ଏଠାରେ ଏମିତି ବି କିଛି ଲୋକ ଅଛନ୍ତି ଯେଉଁମାନେ ନିଜ ମନର ମନ୍ଦ ଉଦ୍ଦେଶ୍ୟକୁ ପୂରଣ କରିବାପାଇଁ ଏହି ବିଶାଳ ବ୍ୟବସ୍ଥାକୁ ବ୍ୟବହାର କରୁଛନ୍ତି, ଏହା ଫଳରେ ସେମାନେ ନିଜକୁ ଅସୁବିଧାରେ ପକାଇବା ସହି ଅନ୍ୟମାନଙ୍କୁ ମଧ୍ୟ ଅନୁରୂପ ଅସୁବିଧାରେ ପକାଉଛନ୍ତି ।

ଯାହା ବାସ୍ତବ ଜୀବନରେ ସମ୍ଭବ ହୋଇପାରେନି ସେ ସବୁ ଏହି ଭର୍ଚୁଆଲ୍ ଦୁନିଆରେ ସମ୍ଭବ ହୋଇପାରୁଛି । ଏଠି ସଦସ୍ୟମାନେ କାହାକୁ ଭାଇ, କାହାକୁ ବାପା, କାହାକୁ ମାଆ, କାହାକୁ ମାଉସୀ ଆଉ କାହାକୁ ଭଉଣୀ କରିପକାନ୍ତି । ବାସ୍ତବ ଜୀବନରେ ଥିବା ନିଜ ପରିବାରର ସଦସ୍ୟଙ୍କୁ ଅବହେଳା କରୁଥିବା ଏହି ବ୍ୟକ୍ତିମାନେ ଫେସବୁକରେ କିନ୍ତୁ ନିଷ୍ଠାର ସହ ନିଜର ସମସ୍ତ ସମ୍ପର୍କ ତୁଲାଇଥାନ୍ତି । ରକ୍ତ ସମ୍ପର୍କଠାରୁ ଫେସବୁକ ସମ୍ପର୍କ କାଳେ ଅଧିକ ଦୃଢ଼ ଏହା ଏହିପରି ସଦସ୍ୟଙ୍କ ସମୟରେଖାରେ ପ୍ରକାଶିତ ତଥ୍ୟ ଓ ଚିତ୍ର ଦ୍ୱାରା ସହଜରେ ବୁଝି ହୁଏ । ହେଲେ କିଛି ବ୍ୟକ୍ତି ଏହି ଅବଶ୍ୟମ୍ଭାବୀ ଦୁନିଆରେ ନିଜ ପାଇଁ ପ୍ରେମିକ / ପ୍ରେମିକା ବି ଦେଖିନିଅନ୍ତି । ବାସ୍ତବିକ ଦୁନିଆରେ ଥିବା ଅନେକ କଟକଣା ଓ ପ୍ରତିବନ୍ଧ ଏଠାରେ ନଥିବା ହେତୁ ଏହି ପରି ସମ୍ପର୍କପାଇଁ ସମସ୍ତେ ଆକୁଳ ହୋଇ ପଡୁଥିବା ଦେଖାଯାଏ । ହେଲେ କିଛି ବିଜ୍ଞ ବ୍ୟକ୍ତିଙ୍କ ମତରେ ଏହାକୁ ସ୍ୱପ୍ନବିଳାଶ ବୋଲି ମଧ୍ୟ କୁହାଯାଇପାରିବ । କେହି କେହି ଯେମିତି ସ୍ୱପ୍ନରେ ନିଜ ଉଦ୍ଦେଶ୍ୟ ପ୍ରଣୋଦିତ ସ୍ୱପ୍ନ ଦେଖିବାକୁ ଭଲ ପାଆନ୍ତି, ଫେସବୁକର ଅବଶ୍ୟମ୍ଭାବୀ ଦୁନିଆରେ ମଧ୍ୟ ତାହା ହୁଏ । ଏଥିରେ କିଛି ଦୋଷ ବି ନାହିଁ । ସତରେ ତ କିଏ କାହାକୁ ଭଲ ପାଇବସୁନି ? ଫେସବୁକରେ ସମସ୍ତେ ମାତ୍ର ଗୋଟିଏ ଗୋଟିଏ ନାଁ ମାତ୍ର । ସେ ନାଁ ପ୍ରକୃତ ନା ଛଦ୍ମ ତାହା ବି ଜାଣିବା କଷ୍ଟ । ତେଣୁ ଏମିତି ଅବସ୍ଥାରେ କିଛି ସମୟପାଇଁ






ଭାବପ୍ରବଣତାର ବଶବର୍ତ୍ତୀ ହୋଇ କାହାକୁ ଭଲପାଇ ବସିବା କିଛି ଦୋଷ ନାହିଁ ବୋଲି ଜଣେ ବଡ଼ଭାଇ କହିଛନ୍ତି । ଆମେ ବି ଏଥିରେ କୌଣସି ଦୋଷ ଦେଖୁନାହୁଁ । ସ୍ୱପ୍ନରେ ସମସ୍ତେ ଏମିତି କରନ୍ତି ।

ହେଲେ କିଛି ଲୋକ ଏହି ଅବଶ୍ୟମ୍ଭାବୀ ଦୁନିଆର କଥାକୁ ନିଜ ବାସ୍ତବିକ ଜୀବନରେ ପ୍ରୟୋଗାତ୍ମକ ପରୀକ୍ଷା କରିବାପାଇଁ ଆଗଭର ହୁଅନ୍ତି, ସେମାନଙ୍କ କ୍ଷେତ୍ରରେ ଅସୁବିଧା ହେବା ସ୍ୱାଭାବିକ । ଫେସବୁକରେ ପ୍ରୟୋଗାତ୍ମକ ଭାବରେ କାହାକୁ ପ୍ରେମନିବେଦନ କରିବା ଦ୍ୱାରା ନିଜର ସାମାଜିକ ପ୍ରତିଷ୍ଠା ଓ ଚରିତ୍ର ପ୍ରତି କେହି ଅଙ୍ଗୁଳି ଦେଖାଇ ପାରନ୍ତି ନାହିଁ, ତେଣୁ ଅନେକ ସଦସ୍ୟ ସଦସ୍ୟା ଏହାକୁ ଏକ ସୁରକ୍ଷିତ ମାଧ୍ୟମ ବୋଲି ଧରିନେଇଛନ୍ତି । ସେମାନେ ଫେସବୁକରେ ବିନା ଦ୍ୱିଧାରେ କାହାକୁ ବି ଭଲ ପାଇ ବସୁଛନ୍ତି । ସୁନ୍ଦର ଶରୀରର ଅଧିକାରୀ / ଅଧିକାରିଣୀଙ୍କ ପ୍ରତି ଯେ କେହି ଆକର୍ଷିତ ହେବେ ହିଁ ଏହା ସଂସାରର ନିୟମ । ଏମିତି ଫେସବୁକରେ ଭଲପାଇବାର ଖେଳ କିଛି ସମୟ ଖେଳିବାପରେ ଏବଂ କୌଣସି ପ୍ରକାରର ବାଧା ବିଘ୍ନର ସମ୍ମୁଖୀନ ନ ହେବାଦ୍ୱାରା କିଛି ବନ୍ଧୁ କେଇପାଦ ଆଗଭର ହୋଇ ବାସ୍ତବିକ ଜୀବନରେ ମଧ୍ୟ ସେଇ ଭଲପାଇବାକୁ ଅନୁଭବ କରିବାର ଦୁର୍ବାର କାମନାକୁ ଅବଦମିତ କରି ରଖିପାରନ୍ତି ନାହିଁ । ଏବଂ ଫେସବୁକରୁ ବାହାରି ଏମାନେ ବାସ୍ତବ ଜୀବନରେ ମଧ୍ୟ ମିଳାମିଶା କରିବାକୁ ଚାହାନ୍ତି । ଏହା ଦ୍ୱାରା ସାମାଜିକ ବ୍ୟବସ୍ଥା ଆହତ ହୁଏ । ଅନେକ ବିବାହିତ ପୁରୁଷ ମହିଳା ଫେସବୁକ ଦ୍ୱାରା ବିବାହ ବାହାରେ ଏମିତି ବନ୍ଧନରେ ଛନ୍ଦିହେବାର କିଛି କିଛି ଉଦାହରଣ ଦୈନିକ ସମ୍ବାଦପତ୍ରରେ ଦେଖିବାକୁ ମିଳିଲାଣି ।

କିଛି ବନ୍ଧୁଙ୍କ ଠାରୁ ମିଳିଥିବା ସୂଚନା ଅନୁଯାୟୀ ଆଜିକାଲି ଅନେକ ବିବାହିତ ପୁରୁଷ ଓ ମହିଳା ଏହି ପ୍ରକାରର ଖେଳରେ ପ୍ରବୀଣ ହେଲେଣି । ନିଜ ବାସ୍ତବ ଜୀବନକୁ ପଛରେ ପକାଇ ଏକ ଅବାସ୍ତବ ଦୁନିଆର ସ୍ନେହରେ ମସଗୁଲ ଏହି ବ୍ୟକ୍ତିମାନେ ଅନେକ ଅନୈତିକ କାର୍ଯ୍ୟରେ ଲିପ୍ତ ରହୁଛନ୍ତି । ଏହା ବାସ୍ତବିକ ଏକ ଚିନ୍ତାର ବିଷୟ । ସମସ୍ତଙ୍କୁ ସ୍ନେହରେ ବାନ୍ଧିରଖିବା ଅଲଗା କଥା, ଭଲ ପାଇବି ବି ଅଲଗା କଥା, ହେଲେ ଫେସବୁକରେ ପାଇଥିବା ପ୍ରେମିକ ବା ପ୍ରେମିକା ସହ ସମ୍ପର୍କ ଯେ କେତେ ମାରାତ୍ମକ ତାହା କେହି ଜାଣନ୍ତି ନାହିଁ । କାରଣ ଏ ସବୁ ସମ୍ପର୍କର ମୂଳଦୁଆ ହିଁ ଭର୍ଚୁଆଲ୍, ମାନେ ସେଥିରେ ବାସ୍ତବିକତା ନାହିଁ । ତେଣୁ ଏପରି ସମ୍ପର୍କର କୌଣସି ଭବିଷ୍ୟତ ନାହିଁ ।

ନିଜର ତଥା ନିଜ ପରିବାରର ସମସ୍ତ ବିଶ୍ୱାସ ଓ ପ୍ରତିବଦ୍ଧତାକୁ ଆଡ଼େଇ ଦେଇ ଏହି ଉହ୍ୟ ଆନନ୍ଦ ପାଇବାପାଇଁ ଆଗଭର ହୋଇଥିବା ଅନେକ ପୁରୁଷ ଓ ମହିଳା ସମ୍ଭବତଃ ଏହି ଲେଖା ପଢ଼ିବାପରେ ଆମ ଉପରେ କ୍ରୋଧାନ୍ୱିତ ହୋଇପାରନ୍ତି । କଠୋର ନୀତିନିୟମର ଧରିବନ୍ଧା ଦୁନିଆରେ ଛନ୍ଦି ହୋଇପଡ଼ିଥିବା ଆମ ଦେଶ ଏବଂ ଆମ ଭଳି ଅନେକ ରକ୍ଷଣଶୀଳ ରାଷ୍ଟ୍ରର ଲୋକମାନଙ୍କୁ ଫେସବୁକ ଦେଇଛି କିଛିମାତ୍ରାରେ ସ୍ୱାଧୀନତା, ନିଜକୁ ପରିପ୍ରକାଶ କରିବାପାଇଁ, ଜୀବନକୁ ଅନୁଭବ ଓ ଉପଭୋଗ କରିବାପାଇଁ । ସାମାଜିକ ପ୍ରତିବନ୍ଧ କିଛି ନାହିଁ, ଆମେ କଣ କରୁଛେ ନ କରୁଛେ ସେ ସବୁ ଦେଖିବାପାଇଁ ଆଉ ଭୁଲକଲେ ଆକଟ କରିବାପାଇଁ କେହି ନାହିଁ, ଆମେ ସବୁ ନିଜେ ନିଜର ଅଭିଭାବକ ହୋଇପାରୁଛେ । ସେଇଥି ପାଇଁ ବାସ୍ତବିକ ଜୀବନରେ ରାବଣସମ ବ୍ୟକ୍ତି ମଧ୍ୟ ଫେସବୁକରେ ନିଜକୁ ରାମ ବୋଲି ପ୍ରମାଣିତ କରିବାପାଇଁ ବେଳେ ବେଳେ ସିନେମାର ଚରିତ୍ରମାନଙ୍କ ଛବି, ଫୁଲଫଳ କିମ୍ବା ଅନାବନା ଛବି ସବୁ ନିଜ ପ୍ରୋଫାଇଲ୍ ଫଟୋରେ ଗ୍ଲପି ଦିଅନ୍ତି । ନିଜର ଚରିତ୍ରକୁ ଲୁଗ୍ଦଇବାକୁ ଯାଇ ବେଳେ ବେଳେ ଛଦ୍ମାବରଣରେ ଆସନ୍ତି ।

ବିପରୀତ ଲିଙ୍ଗର ବ୍ୟକ୍ତିଙ୍କୁ ଆକର୍ଷିତ କରିବାପାଇଁ ହେଉ କିମ୍ବା କାହାକୁ ଠକିବା ପାଇଁ ହେଉ, ଲୋକମାନେ ନିଜର ପ୍ରକୃତ ନାମ ଗୋପନ ରଖି ଅନ୍ୟନାମରେ ସଦସ୍ୟତା କରନ୍ତି । ନିଜ ପରିଚୟକୁ ଯଦି ଲୁଚେଇ ଦେଇ ନିଜର ଆତ୍ମାଭିଳାଶ ପୂରଣ କରିହେଉଛି ତା ହେଲେ ତାହା ହିଁ ହେଉ, ବରଂ କିଛି କ୍ଷଣପାଇଁ ଜଣେ ନୂତନ ବ୍ୟକ୍ତି ଭାବରେ ଅଭିନୟ କରିବା ମଧ୍ୟ ଫେସବୁକ ଆମକୁ ଶିଖାଇ ଦେଲାଣି । ସମସ୍ତଙ୍କ ସମ୍ମୁଖରେ ନିଜର ଗୁଣ ବଖାଣିବା ପାଇଁ ଏବଂ ମୁଁ କେତେ ଭଲ ବୋଲି ଦର୍ଶାଇବା ପାଇଁ ଯଥେଷ୍ଟ ବ୍ୟବସ୍ଥା ମଧ୍ୟ ଫେସବୁକରେ ଅଛି, ତେଣୁ ଏଠି ସମସ୍ତେ ନିଜର ଆଲୋକିତ ଭଲ ଅଂଶକୁ ପ୍ରଦର୍ଶନ କରୁଛନ୍ତି, ଆଉ ଅନାଲୋକିତ / ଅନ୍ଧକାରରେ ଉହ୍ୟ ରହୁଥିବା ବାସ୍ତବିକ ଚରିତ୍ରକୁ ସମସ୍ତେ ଲୁଚେଇବାର ପ୍ରଚେଷ୍ଟା କରୁଛନ୍ତି । ହେଲେ ଅବଦମିତ ଇଚ୍ଛା ପରି ଏହି ପରିଚୟ ମଧ୍ୟ ବେଳେ ବେଳେ ଉଙ୍କିମାରେ ଆଉ ସମୟ, ସୁଯୋଗ ଏବଂ ସାହାସ ପାଇଲେ ଏହି ବ୍ୟକ୍ତିମାନେ ସତରେ ମଧ୍ୟ କିଛି କିଛି କର୍ମକାଣ୍ଡ କରିବାକୁ ପଛାନ୍ତି ନାହିଁ । ଫେସବୁକର ଚରିତ୍ରମାନେ ବାସ୍ତବରେ ଯଦି ନିଜ ଅବଦମିତ ଇଚ୍ଛାକୁ ଚରିତାର୍ଥ କରିବା ଆରମ୍ଭ କରିବେ ତା ହେଲେ ଆମ ସମାଜରେ ଆଉ ସୁସ୍ଥ ସାମାଜିକ ବ୍ୟବସ୍ଥା ରହିବ ନାହିଁ ।

ତେଣୁ ଫେସବୁକର ଅବଶ୍ୟମ୍ଭାବୀ ଦୁନିଆରେ ବିଚରଣ କରୁଥିବା ସମସ୍ତ ବନ୍ଧୁଙ୍କୁ ନିବେଦନ, ବ୍ୟକ୍ତିଗତ ସୁଖପାଇଁ ସାମାଜିକ ଜୀବନରେ ପଥନଷ୍ଟକାରୀ ଜୁଆର ଆଣିବାରୁ ନିଜକୁ ଦୂରେଇ ରଖନ୍ତୁ । ଫେସବୁକକୁ ଯଥା ସମ୍ଭବ ଏକ ଅବଶ୍ୟମ୍ଭାବୀ (ଭର୍ଚୁଆଲ୍ / ସ୍ୱପ୍ନ) ଦୁନିଆ ବୋଲି ମାନି ନିଅନ୍ତୁ ।

# ବୁଝିବଗ୍ଭର କର୍ମକଲେ...

ଶ୍ରୀମତ ପ୍ରୀତପ୍ରିୟଦର୍ଶିନୀ ମହାପାତ୍ର



ହନ୍ଦୁ ଧର୍ମ ଅନୁସାରେ ଆମେ ସମୟକୁ ଗ୍ଭରଟି ଯୁଗରେ ବଭକ୍ତ କରିଛୁ । ତ୍ରେତୟା, ଦ୍ୱାପର, ସତ୍ୟ ଓ କଳ ଯୁଗ । ପ୍ରତ୍ୟେକ ଯୁଗରେ ଭଗବାନମାନେ ବଭିନ୍ନ ଅବତାର ନେଇ ଜନ୍ମଗ୍ରହଣ କର ଧର୍‌ପୃଷ୍ଠକୁ ସମୃଦ୍ଧ କରିଛନ୍ତ ଏବଂ ଲୋକଙ୍କୁ ସତ୍ୟ ଓ ନ୍ୟାୟର ପଥ ଦେଖାଇଛନ୍ତ । ଭଗବାନ ଗ୍‌ମ, ପର୍ଶୁଗ୍‌ମ, କୃଷ୍ଣ ଇତ୍ୟାଦ ରୂପରେ ସେ ପ୍ରକଟ ହୋଇଛନ୍ତ । ହେଲେ କଳଯୁଗରେ ସେ କେଉଁ ଭ୍‌ବରେ ଅବତୀର୍ଣ୍ଣ ହେବେ ସେ ବଷୟରେ କୌଣସି ସୂଚନା ଆମ ପାଖରେ ନାହିଁ । କଛ ଧର୍ମଗ୍ରନ୍ଥକୁ ଆଧାର କର କୁହାଯାଉଛ ଯେ କଳ ଯୁଗରେ କଳକୀ ଅବତାର ନେଇ ପ୍ରଭୁ ଆସିବେ । ସେ ଘୋଡ଼ା ଚଢ଼ି ହାତରେ ବାରହାତ ଖଣ୍ଡା ଧର ସଂସାରରୁ ପାପକୁ ଦୂର କରବା ସହ ସତ୍ୟକୁ ସ୍ଥାପନ କରବେ । ଅବଶ୍ୟ ଏହ ସବୁ କଥା ଉପରେ ଆମେ ଶତପ୍ରତଶତ ବଶ୍ୱାସ କର ପାରୁନୁ । କାରଣ ବାରହାତ ଖଣ୍ଡା ମାନେ ଅନ୍ୟୁନ ଅଠରଫୁଟ ଲମ୍ବା ଖଣ୍ଡା ଧର କୌଣସି ବ୍ୟକ୍ତି ସର୍ବସମ୍ମୁଖରେ ଉପସ୍ଥିତ ହେବ ଆଉ ପୋଲସ୍ ଅଧିକାରୀମାନେ ତାଙ୍କୁ ଛାଡ଼ିଦେବେ ? ଅବଶ୍ୟ କଥାଟାର ସାହତ୍ୟକ ମହତ୍ତ୍ୱ ଅନ୍ୟକଛ ହୋଇପାରେ । କାରଣ ଅନେକ ସାହତ୍ୟରେ ଆମେ ଶବ୍ଦକୁ ନେଇ ଖେଳ ଖେଳୁଥିବା କଥା ଜାଣୁ । ଉପେନ୍ଦ୍ର ଭଞ୍ଜ ହୁଅନ୍ତୁ ବା କବସୂର୍ଯ୍ୟ ବଳଦେବ ରଥ, ସମସ୍ତେ ଶବ୍ଦକୁ ନେଇ ବଭିନ୍ନ ପ୍ରକାର ପରୀକ୍ଷଣ କରଥିଲେ, ତା ହେଲେ ଏ ବ ସେମିତ କଛ ହୋଇଥାଇପାରେ ।

ଓଡ଼ିଶାବାସୀ ଅଧିକାଂଶ ମାଳକା ନାମକ ପୁସ୍ତକ ଉପରେ ନର୍ଭର କରଥାନ୍ତ ଏବଂ ମାଳକା ହସାବରେ ସେହ ଭଦ୍ରବ୍ୟକ୍ତି ବା ଅବତାର ଓଡ଼ିଶାରେ ହିଁ ଜନ୍ମନେବେ । ହେଲେ କଛ ବ୍ୟକ୍ତି କଳକୀ ଅବତାର ଆନ୍ଧ୍ରପ୍ରଦେଶରେ ଜନ୍ମନେଇ ଥିବା କଥା କହଛନ୍ତ ଏବଂ ତାଙ୍କ ନାମରେ ଅନେକ ମନ୍ଦିର ବ ନର୍ମାଣ କର୍‌ଇଛନ୍ତ । ବ୍ରହ୍ମପୁରରେ ବ ସେଇପର ଏକ ମନ୍ଦିର ରହଥିବା କଥା ଆମେ ଶୁଣିଛୁ । ସେ ଯା ହେଉ ଅବତାର କେବେ ଆସିବେ, ସେ ଆସିଲେ କଣ କରବେ ବା ନ କରବେ ସେ ସବୁ ଆମେ ବୁଝିବା ଅବସ୍ଥାରେ ନାହୁଁ । କନ୍ତୁ ହଁ ଏହ ଯୁଗରେ ଭଗବାନଙ୍କ ଅବତାର କହ ନଜକୁ ନଜେ ଭଗବାନ

ବୋଲାଉଥିବା ଅନେକ ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆମେ ଆସିଲୁଣି । ସକାଳୁ ସକାଳୁ ଟିଭି ପରଦାରେ ଶୁଭ୍ରବସ୍ତ୍ର ପରିହିତ, କିଛି ବ୍ୟକ୍ତି ବେକରେ ସୁସଜ୍ଜିତ ଫୁଲମାଳ ପକେଇ ଧିର ସ୍ୱରରେ ଭଗବାନଙ୍କ ବାଣୀକୁ ପ୍ରଚ୍ଚାର କରିବା ଆମେ ଦେଖୁଛୁ । ସେମାନଙ୍କ ମଧ୍ୟରୁ କିଛି ଭଗବାନଙ୍କୁ ନିଜର ସବୁକିଛି ବୋଲି କହୁଥିବା ବେଳେ କିଛି ନିଜକୁ ହିଁ ଭଗବାନଙ୍କ ସ୍ୱରୂପ ବୋଲି ପ୍ରଚ୍ଚାର କରିଉଛନ୍ତି । ସେହିପରି ଜଣେ ବାବା ଆମ ଓଡ଼ିଶାରେ ବର୍ତ୍ତମାନ ନିଜର ପତିଆରା ଜମାଇବାରେ ଲାଗିଛନ୍ତି । ଟିଭି ପରଦାରେ ହେଉ ବା ସତସଙ୍ଗରେ ହେଉ ସେ ନିଜକୁ କୃଷ୍ଣଙ୍କ ଅବତାର ବୋଲି କୁହାଉଛନ୍ତି । ଅବଶ୍ୟ କୃଷ୍ଣ ତ ନୁହଁ ବରଂ ସେ ବଳରାମଙ୍କ ସ୍ୱରୂପ ବୋଲି ଯଦି ନିଜକୁ କହିଥାନ୍ତେ ତା ହେଲେ ଆମେ ଶାରୀରିକ ସାମଞ୍ଜସ୍ୟକୁ ଦେଖି ମାନି ବି ନେଇଥାନ୍ତୁ । ହେଲେ ସେଇ ବାବା ଜଣକ କେମିତି ବାବା ହେଲେ ? ସେ କେଉଁଠୁ ଜ୍ଞାନପ୍ରାପ୍ତି କଲେ ? କେଉଁ ବୋଧିବୃକ୍ଷ ତଳେ ବସି ସେ ସାଧନା କଲେ ସେ ବିଷୟରେ ଆମେ ଅଜ୍ଞ ।

ଓଡ଼ିଶାର ଅନେକ ଅଞ୍ଚଳରେ ମୁଁ ବ୍ୟକ୍ତିଗତ ଭାବରେ ବୁଲି ଆସିଥିବା ବେଳେ ସେଠାରେ ସେହି ବାବାଙ୍କ ପ୍ରବଚନ ଓ ସତସଙ୍ଗ ଆଦିର ସଦୃଶ ତୋରଣ ଓ ପ୍ରଚ୍ଚାରପତ୍ର ଆଦି ଦେଖିଆସିଛି । ହେଲେ କିଛି ଦିନ ହେବ ବିଭିନ୍ନ ଖବର କାଗଜରେ ସେହି ବାବାଙ୍କ ବିରୋଧରେ କିଛି ଖବର ଆସୁଛି । ଯେଉଁଥିରେ ସତ୍ୟତା ଥାଉ ବା ନଥାଉ କିନ୍ତୁ ସମ୍ବାଦ ପରିବେଷଣ କରୁଥିବା ବ୍ୟକ୍ତି ବା ସଂସ୍ଥା ସମସ୍ତ ସମ୍ଭ୍ରମତାକୁ ଏଡ଼ାଇ ଦେଇ ସମ୍ବାଦ ଦେଉଛନ୍ତି । ବିଗତ ଦିନରେ ଏମିତି ଏକ ପାକ୍ଷିକ ପତ୍ରିକାରେ ବାବାଙ୍କ ବିଷୟରେ ପ୍ରକାଶିତ ଖବରକୁ ପଢୁଥିବା ବେଳେ ଶବ୍ଦଗତ ଅଭଦ୍ରାମି ଦେଖିବାକୁ ପାଇଲି । କୌଣସି ପତ୍ରିକାପାଇଁ ଏହିପ୍ରକାରର ପ୍ରକାଶନ କଦାପି ଉଚିତ ନୁହେଁ । ଅସଭ୍ୟ ଭାଷାରେ କୌଣସି ବ୍ୟକ୍ତିଙ୍କ ବିଷୟରେ ଖବର ପ୍ରକାଶନ କରୁଥିବା ପତ୍ରପତ୍ରିକା ହୁଏତ ନିଜର କୌଣସି ରାଗ ବା ପ୍ରତିଶୋଧପରାୟଣ ହୋଇ ଏ ସବୁ କରୁଥାଇ ପାରନ୍ତି ।

ଆଜି ପୂର୍ବାହ୍ନରେ ଫେସବୁକରେ ମଧ୍ୟ ଅନୁରୂପ ସମ୍ବାଦ ପତ୍ରର କିଛି ଅଂଶ ଦେଖିଲି, ଯେଉଁଥିରେ ବାବାଙ୍କ ନାମରେ ଅନେକ ଅଗ୍ରହଣୀୟ ତଥ୍ୟ ଉପସ୍ଥାପନ କରାଯାଇଛି । ଯଦି ସେ ସତରେ ଏ ସବୁ କାଣ୍ଡରେ ସମ୍ପୃକ୍ତ ଥାଆନ୍ତି ତେବେ ସେ ନିଶ୍ଚୟ ଭାବରେ ଦଣ୍ଡପାଇବାକୁ ଯୋଗ୍ୟ । ପର ସ୍ତ୍ରୀ ସହ ସଂଭୋଗ, କୁମାରୀ କନ୍ୟାମାନଙ୍କ ସହ ଦୈହିକ ସମ୍ପର୍କ ଓ ସେମାନଙ୍କୁ ନେଇ ଭୁବନେଶ୍ୱରରେ ଦେହ ବ୍ୟାପାର, ଇତ୍ୟାଦି ଖବର ପଢ଼ିବାପରେ ମନକୁ ସ୍ୱତଃ ପ୍ରଶ୍ନ ଆସେ, ଜଣେ ବ୍ୟକ୍ତି କଣ ନିଜ ଜୀବଦ୍ଦଶାରେ ଏତେ କୁକର୍ମ କରିପାରେ ? ଯଦି କରିପାରେ ତା ହେଲେ ଏଥିପାଇଁ କଣ କେବଳ ସେହି ବ୍ୟକ୍ତିଙ୍କୁ ହିଁ ଦୋଷୀ ବୋଲି ଧରାଯିବ ? ଯେଉଁ ମହିଳା ବା କନ୍ୟାମାନଙ୍କ ସହ ତାଙ୍କୁ ଯୋଡ଼ି ଖବର

ପରିବେଷଣ କରାଯାଉଛି ସେମାନେ ନିଜ ଇଚ୍ଛାରେ ଏ ସବୁ କରୁଥିଲେ ନା ସେମାନଙ୍କୁ ଧମକ ଦେଇ ଏ ସବୁ କରାଯାଉଥିଲା । ଜଣେ ମହିଳା ବାବାଙ୍କ ଆଶ୍ରମରେ ରହି ବାବାଙ୍କ ସହ ସମ୍ପର୍କ ରଖିଥିଲେ ବୋଲି କୁହାଯାଉଛି, ତା ହେଲେ ସେ ମହିଳା ଜଣକ ଆଶ୍ରମରୁ ତୁରନ୍ତ ବାହାରକୁ ଯାଇପାରିଥାନ୍ତେ । ସେ ଗଲେ ନାହିଁ କାହିଁକି ? ଯେଉଁ କନ୍ୟାମାନଙ୍କୁ ଦୂରରୁ ଭୁବନେଶ୍ୱର ଅଣାଯାଇ ଦେହବ୍ୟାପାରରେ ବ୍ୟବହାର କରାଯାଉଛି, ସେମାନେ କାହିଁକି କେବେ ବି ଆପତ୍ତି କରିନାହାନ୍ତି । ସେମାନେ ବାବାଙ୍କ ପାଖକୁ ଆସିବା ଉଦ୍ଦେଶ୍ୟ କଣ ?

ନିଜକୁ ପଣ୍ୟଦ୍ରବ୍ୟ ଭଳି ଉପସ୍ଥାପନ କଲେ ଯେ କୌଣସି ବ୍ୟକ୍ତି ତୁମକୁ ନିମ୍ନ ଦୃଷ୍ଟିରେ ହିଁ ଦେଖିବ । ନିଜର ମାନ ଇଜ୍ଜତ ଓ ସମ୍ମାନକୁ ନିଜେ ସମ୍ଭାଳି ରଖିବା ଭଳି ସାହାସ ଯଦି ନାହିଁ, ତେବେ ଯେ କୌଣସି ବ୍ୟକ୍ତି ତୁମକୁ ନିନ୍ଦିତ ବା ଅପମାନିତ କରିଦେଇ ପାରେ । ନୈତିକତା ଯଦି ତୁମେ ହରେଇବାକୁ ଚାହୁଁଥାଅ, ତେବେ କେହି ବି ତୁମକୁ ଦୋଷୀ ବୋଲି ଆଙ୍ଗୁଠି ଦେଖାଇପାରିବ । ଭଗବାନ ବୋଲି ବୋଲାଇ ଅନ୍ୟର ଆସ୍ଥାଭଜନ ହେବାପରେ ଏ ସବୁ କାମ କରିବା ଆଦୌ ସ୍ପୃହଣୀୟ ନୁହେଁ, କିନ୍ତୁ ଯେଉଁମାନେ ଏହିପରି ବାବାଙ୍କୁ ନିଜର ସବୁକିଛି ବୋଲି ଭାବିଦେଇ ନିଜର ସତ୍ତାକୁ ହରାଇ ବସୁଛନ୍ତି ସେମାନେ ନିଜ ଅବସ୍ଥା ପାଇଁ ନିଜେ ଦୋଷୀ । କାହାକୁ ଦୋଷୀ ବୋଲି କହିବା ପୂର୍ବରୁ ଲୋକମାନେ ନିଜେ ସଚେତନ ହେବା ଉଚିତ ଯେ ଯେଉଁଠି ଦେଶରେ, ବିଶେଷତଃ ଓଡ଼ିଶାର ପୁରପଲ୍ଲୀରେ ଅଗଣିତ ମନ୍ଦିର ଓ ଦେବାଳୟ ଥିବା ସତ୍ତ୍ୱେ ଲୋକମାନେ କାହିଁକି ଏମିତି ବାବା ମାନଙ୍କ ମିଥ୍ୟା ପ୍ରରୋଚନାରେ ଆସୁଛନ୍ତି । ଓଡ଼ିଆରେ କଥାଟିଏ ଅଛି;

ବୁଝି ବିଚାରି କର୍ମକଲେ, ବିପଦ ନ ପଡ଼ଇ ଭଲେ ।

# ସ୍ୱପ୍ନ

ଶ୍ରୀ ସୂର୍ଯ୍ୟକାନ୍ତ ଦାଶ



ନିର୍ଜନ ରାତ୍ରିର ଘନ ଅନ୍ଧାର ଭିତରୁ
ବେଳେ ବେଳେ ମୁଁ ସ୍ୱପ୍ନ ଦେଖେ
ଗୋଟିଏ ଅପୂର୍ବ ସହର
ଚାରିପଟେ ପାହାଡ ଝରଣାର ଘେର
ତା'ମଧ୍ୟରେ ଲୁଚି ରହିଛି ସୁନ୍ଦର ପ୍ରେମର ବଗିଚା
ଯେଉଁଠି ଭଗବାନ ଢାଳି ଦେଇଛନ୍ତି
ଅମିୟ ପ୍ରେମରୁ ଆଞ୍ଜୁଳାଏ
ତା'ମଧ୍ୟରେ ସୁନ୍ଦର ମୁହଁଟି ଦିଶିଯାଏ
ମୋର ମାନସ୍ ପଟରେ ...

ଲୁଚକାଳି ଖେଳେ ସିଏ
ମୋ ସ୍ୱପ୍ନରେ ଥିବା
ଅପୂର୍ବ ସହରରେ
ତା'ମଧ୍ୟରେ ଥିବା ପାହାଡ଼ ଓ ଝରଣାରେ
ମୋ ମନରେ ଥିବା ନନ୍ଦନ କାନନ ବନରେ
ହତାସ୍ କରିଦିଏ ମୋତେ
ଧରା ଦିଏ ନାହିଁ
ବାହୁ ବନ୍ଧନରେ ଟାଣି ଧରିବାକୁ ପ୍ରବଳ ଇଚ୍ଛା
ସେଇ ମୋ ସ୍ୱପ୍ନରେ

# ବିଦ୍ରୋହୀ ବନ୍ଧୁ

ସ୍ୱରୁପ କୁମାର ମଲ୍ଲ



କାହିଁକି,ତମେ ଆଜି ଉତ୍ତୋଳନ କରିଛ
ବିଦ୍ରୋହର ସ୍ୱର
ସମୟର ଚକ୍ରରେ ଆଜି ତମେ ପଥଭ୍ରଷ୍ଟ
କାହିଁକି ଯେ ଆଙ୍କିଲ ଲକ୍ଷ୍ମଣ ରେଖା
ଆମ ସମ୍ପର୍କରେ ! !
ସାଗର ବେଳାରେ ଅଙ୍କା ସପନର ଦୁନିୟା
ଆଜି ଉଭାନ ଲହରୀର କରାଘାତରେ
ସମାନ୍ତରାଳ ରେଖା ପରି ଦୁହେଁ
ଆଜି ଜୀବନ ଗତି ପଥେ ଅଗ୍ରସର
ଭୁଲିଗଲ ତମେ ଥିଲେ ମୋ ଜୀବନେ
ହୃଦୟର ସ୍ପନ୍ଦନ
ଶୂନ୍ୟ ପରି ଜୀବନେ ଥିଲ ତମେ
ରଙ୍ଗ ବେରଙ୍ଗି ହୋଲିର ରାଜକୁମାରୀ
ସୁଗନ୍ଧିତ ପୁଷ୍ପ ସ୍ପର୍ଶରେ ହସ୍ତ ସୁଗନ୍ଧିତ
କିଛି ସମୟ ପାଇଁ
ପରି ତମେ ଥିଲ ମୋ ଜୀବନେ ଅତିଥିର
ପରିଚୟ ନେଇ ! !

# ଦୁଃସ୍ୱପ୍ନ

ଅନୁପମ ବେହେରା



ବାହୁଦ୍ୱୟ ପ୍ରସାରି ଠିଆ ହୋଇଥାଏ ମୁଁ ଘାସ ଗାଲିଚାରେ
ତୁମେ ସାମ୍ନାପଟୁ ଦଉଡ଼ି ଆସି ଲାଗିଯାଅ ମୋ ଛାତିରେ,
ଚକ୍ଷୁଦ୍ୱୟ ବୁଜି ହେଇଯାଆନ୍ତି ମୋ ମହା ଆନନ୍ଦରେ
ତୁମେ ନିମିଷକେ ମିଳେଇଯାଅ ପବନରେ ।
ହୁତ୍ ହୁତ୍ ହୋଇ ଜଳଉଠେ ସୁନ୍ଦର ଘାସ ଗାଲିଚାଟି
ସୂର୍ଯ୍ୟ କାହିଁ ଲୁଚିଯାଏ ଦୂର ପାହାଡ଼ ପଛରେ
ଚାହୁଁ ଚାହୁଁ ମାଡ଼ିଆସେ ଅମା ଅନ୍ଧକାର
ଆକାଶଟା ଭରିଯାଏ କୁନି କୁନି ତାରାରେ।
ମୁଁ ଚାହେଁ ଉପରକୁ ଯେବେ ମୋ ଦେହଟା ଭିଜିଯାଏ ଶୀତଳ ଜ୍ୟୋତ୍ସ୍ନାରେ
ତୁମେ ପରୀଟିଏ ସାଜି ଓହ୍ଲେଇ ଆସୁଥାଅ ଜହ୍ନ ରାଇଜରୁ
ଯାଦୁବାଡ଼ିଟିଏ ଥାଏ ତୁମ ହାତରେ ।
ମୁଁ କିଛି ମାଗିବା ଆଗରୁ ସବୁ ହୋଇଯାଏ ଓଲଟ ପାଲଟ
ଅକସ୍ମାତ୍ ଆକାଶଟା ଭରିଯାଏ କଳାବାଦଲରେ
ସମ୍ପୂର୍ଣ୍ଣରୂପେ ତିନ୍ତିଯାଏ ମୁଁ ସେଇ ବାଦଲଫଟା ବର୍ଷାରେ
ଆଖିଦ୍ୱୟ ମୁଦି ହୋଇଯାଏ ଭୟଙ୍କର ଘଡ଼ଘଡ଼ି ଶବ୍ଦରେ।
ଆଖି ଖୋଲିଲା ବେଳକୁ ମୁଁ ନିଜକୁ ପାଏ ଭଙ୍ଗା ଖଟିଆ ଉପରେ
ଧର୍ମପତ୍ନୀ ହାତରେ ବାଲିତି ଧରି ଠିଆ ହୋଇଥାଆନ୍ତି ସାମ୍ନାରେ ।

# ବ୍ରହ୍ମପୁରର ବାଘବେଶ

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ





ବ୍ରହ୍ମପୁରର ଆରାଧ୍ୟା ମା ବୁଢ଼ୀ ସାଆନ୍ତାଣୀ ଠାକୁରାଣୀଙ୍କ ଦ୍ୱିବାର୍ଷିକ ଯାତ୍ରା ସମୟରେ ଅନୁଷ୍ଠିତ ଅନେକ ଅନନ୍ୟ ଘଟଣା ଭିତରୁ ଗୋଟିଏ ହେଉଛି ବିଭିନ୍ନ ପ୍ରକାରର ବେଶଧାରୀ ଭକ୍ତମାନଙ୍କ ଆଗମନ । ଏହି ସବୁ ମଧ୍ୟରେ ଶ୍ରେଷ୍ଠ ବୋଲି କୁହାଯାଇପାରିବ ବାଘବେଶକୁ । ପ୍ରତିବର୍ଷ ଅଗଣିତ ଭକ୍ତ ନିଜକୁ ବାଘବେଶରେ ସଜ୍ଜିତ କରି ମା'ଙ୍କ ଆଶୀର୍ବାଦ ଭିକ୍ଷା କରିଥାନ୍ତି । ଏହା ଏକ ଅନନ୍ୟ ପରମ୍ପରା ଯାହାର ଇତିହାସ ଏକ ଶତାବ୍ଦୀରୁ ବି ଅଧିକ ସମୟଧରି ରହିଛି । ତେବେ କେବେଠାରୁ ଏହି ପରମ୍ପରା ଆରମ୍ଭ ହୋଇଥିଲା ସେ ବିଷୟରେ ଆମେ ଅନଭିଜ୍ଞ ।

ଅଧିକାଂଶ ଭକ୍ତଙ୍କର ବାଘବେଶ ଧାରଣ କରିବାର କ୍ଷମତା ନଥାଏ । ଏଥିପାଇଁ ଆବଶ୍ୟକ ଧୈର୍ଯ୍ୟ, ସାହାସ ଓ ଦୃଢ଼ତା କେବଳ ଦୈବୀ ନିର୍ଦ୍ଦେଶ ଦ୍ୱାରା ସମ୍ଭବ ହୋଇଥାଏ ବୋଲି ଏହି ବେଶ ପଡ଼ୁଥିବା କିଛି ବ୍ୟକ୍ତି ମତ ଦିଅନ୍ତି । ଏହା ସବୁ ବେଶମାନଙ୍କ ମଧ୍ୟରେ ଅତ୍ୟନ୍ତ କଷ୍ଟସାଧ୍ୟ । ବେଶ ପଡ଼ିବା ଯେତେ କଷ୍ଟସାଧ୍ୟ, ବେଶ ପଡ଼ିବାପରେ ବେଶକୁ ଧାରଣ କରି ସହରର ଗଳିକନ୍ଦିରେ ବୁଲିବା ଏବଂ ବାଘନାଚ କରିବାକୁ ଅନେକ ପରିଶ୍ରମ କରିବାକୁ ପଡ଼େ । ଏହା ଦୁର୍ବଳ ଶରୀରଥିବା କୌଣସି ବ୍ୟକ୍ତିପକ୍ଷେ କଦାପି ସମ୍ଭବ ନୁହେଁ ବୋଲି ବାଘନାଚ ପାଇଁ ପ୍ରଶିକ୍ଷଣ ଦେଉଥିବା ଜନୈକ ଗୁରୁ ଆମକୁ କହିଛନ୍ତି ।

ଯେଉଁ ଭକ୍ତମାନେ ମାନସିକ କରି ବାଘବେଶ ହୁଅନ୍ତି, ସେମାନଙ୍କୁ କଠୋର ଅଧ୍ୟବସାୟ




କରବାକୁ ପଡ଼େ । ନିଜର ମାନସିକ ପୂରଣ ହେବାପାଇଁ ପ୍ରଥମେ ବାଘବେଶ ହେବା ଏବଂ ପରବର୍ତ୍ତି ସମୟରେ ମାନସିକ ପୂରଣ ହୋଇଗଲେ ପୁଣିଥରେ ବାଘବେଶ ହୋଇ ମା'ଙ୍କୁ ଧନ୍ୟବାଦ ଜଣାଇବା ଅତ୍ୟନ୍ତ ଜରୁରୀ । ବାଘ ହେଉଛି ମା'ଙ୍କର ବାହାନ, ତେଣୁ ଏହି ବେଶର ମହତ୍ତ୍ୱ ମା'ଙ୍କ ପାଖରେ ବହୁତ ଅଧିକ । ଅଧିକାଂଶ ବାଘ ବେଶଧାରୀ ଭକ୍ତ ମତ ଦିଅନ୍ତି ଯେ ଏହି ବେଶ ପଡ଼ିବା ଫଳରେ ସେମାନଙ୍କ ସମସ୍ତ ମାନସିକ ଅଚିରେ ପୂରଣ ହୋଇପାରିଛି । ଏମିତି ବି ନଜିର ଅଛି କିଛି ଭକ୍ତ ପ୍ରାଥମିକ ସ୍ତରରେ ମାନସିକ ପାଇଁ ବାଘ ବେଶ ପଡ଼ିଥିବା ବେଳେ ପରବର୍ତ୍ତି ସମୟରେ ସେମାନେ ସୌଖୀନ ଭାବରେ ବାଘବେଶ ପଡ଼ିଛନ୍ତି । ଅନେକ ଭକ୍ତ ଦଶନ୍ଧି ଦଶନ୍ଧି ଧରି ବାଘ ବେଶ ପଡୁଥିବା ଉଦାହରଣ ଏହି ସହରରେ ବିରଳ ନୁହେଁ ।

ପ୍ରତ୍ୟେକ ଥର ଠାକୁରାଣୀ ଯାତ୍ରାର ବହୁ ପୂର୍ବରୁ ମାନସିକ ଓ ଶାରୀରିକ ଭାବରେ ପ୍ରସ୍ତୁତି ଅତ୍ୟନ୍ତ ଜରୁରୀ । ପ୍ରତିଦିନ କିଛି କିଲୋମିଟର ବାଟ ଖାଲି ପାଦରେ ଚାଲିବା ଅଭ୍ୟାସ କରିବାକୁ ପଡ଼େ । ଏହାପରେ ଦୈନିକ ବ୍ୟାୟାମଶାଳାରେ ବ୍ୟାୟାମ କରିବାକୁ ହୁଏ । ଯାତ୍ରା ନିକଟବର୍ତ୍ତୀ ହେବାପରେ




ଦୈନକ ନାଚଗୁରୁଙ୍କ ପାଖରେ ଯାଇ ବାଘନାଚର ବଭିନ୍ନ ଶୈଳୀ ଓ ଅଙ୍ଗଭଙ୍ଗୀ ବଷୟରେ ଶିଖିବାକୁ ହୋଇଥାଏ । ଏବଂ ଏହାପରେ ଏକାନ୍ତରେ ଯାଇ ହାଡ଼ି ବାଇଦ ସହତ ପ୍ରଶିକ୍ଷଣ ନେବାକୁ ହୁଏ । ଏ ସବୁ ପାଇଁ ଆବଶ୍ୟକ ହୁଏ ଅଧିକ ମାନସିକ ମନୋବଳ ସମେତ ଆର୍ଥିକ ସମ୍ବଳ । ବାଘନାଚରେ ୧୨ ପ୍ରକାର ଶୈଳୀର ବାଦ୍ୟତାଳ ରହଛି, ଆଜକାଲି ସେ ସବୁ ଆଉ ଦେଖିବାକୁ ମିଳୁନାହିଁ । କୌଳକ ବୃତ୍ତିପ୍ରତ ଯୁବପୀଢ଼ିର ଅନଚ୍ଛା ହେତୁ ଏହ କଳା ବରଳ ହୋଇଗଲାଣି । ବ୍ରହ୍ମପୁରରେ ତଥାପି କଛି ପରବାର ବଂଶାନୁକ୍ରମିକ ଭାବରେ ବାଘନାଚ ପାଇଁ ଆବଶ୍ୟକ ବାଦ୍ୟ ଯନ୍ତ୍ର ସମେତ ତାଳ ଲୟ ଆଦର ଶିକ୍ଷା ନେଇ ପ୍ରତ ଯାତ୍ରା ସମୟରେ ନଜର କଳା ପ୍ରଦର୍ଶନ କରଥାନ୍ତି । ବାଘ ବେଶ ପଡ଼ିବା ପରେ ବେଶ ପଡ଼ିଥିବା ଭକ୍ତ ଯେତେ କଷ୍ଟ କରଥାନ୍ତି, ତାଙ୍କ ସହ ତାଳ ଦେଇ ଏହ ବାଦ୍ୟକାର ମାନେ ମଧ ଅନୁରୂପ କଷ୍ଟ କରଥାନ୍ତି । ଏମାନଙ୍କ ବ୍ୟତୀତ ବାଘବେଶ ହୋଇଥିବା କଛି ବ୍ୟକ୍ତିଙ୍କ ବନ୍ଧୁମାନେ ମଧ ବାଘ ସହ ଚାଲ ଚାଲ ସେମାନଙ୍କୁ ଉତ୍ସାହତ କରବାକୁ ଦେଖିବାକୁ ମିଳଥାଏ । ବଭିନ୍ନ ସାହରେ ବାଘ ବେଶ ବୁଲୁଥିବା ବେଳେ ସାହର ଯୁବକମାନେ ମଧ ବାଘନାଚ କର ବାଘକୁ ସ୍ୱାଗତ ଜଣାଇଥାନ୍ତି । ବଗତ ବର୍ଷମାନଙ୍କରେ ବାଘ ବେଶ ହୋଇଥିବା ବ୍ୟକ୍ତିମାନେ ମଧ ନୂଆ ବାଘ ବେଶ ହୋଇଥିବା ଭକ୍ତର ସହାୟତା କରବାପାଇଁ ସାଙ୍ଗରେ ଯାଆନ୍ତି ଏବଂ ସ୍ଥଳ ବଶେଷରେ ସେମାନେ ନୂଆ ନୂଆ ତାଳ ଓ ଢଙ୍ଗରେ ନୃତ୍ୟ କରବାକୁ ପ୍ରୋତ୍ସାହତ କରଥାନ୍ତି ।

ବାଘବେଶ ହେବା ଇଚ୍ଛା ଥିଲେ ସୁଦ୍ଧା କେବେ ବ ଭକ୍ତର ଅକ୍ତିଆରରେ ନଥାଏ ବୋଲି ଅତୀତରେ ବାଘବେଶ ହୋଇଥିବା ଅନେକ ଭକ୍ତ ମତ ଦଅନ୍ତି । ମା'ଙ୍କ ବରଦ ଆସିବାପରେ ହିଁ ବେଶ ପଡ଼ିବାକୁ ହୁଏ ବୋଲି ଜଣାଯାଇଛି । ଯେଉଁଦନ ବେଶ ଧାରଣ କରବାକୁ ହୁଏ ସେଇଦନ ପୂର୍ବାହ୍ନରେ ଭକ୍ତ ମା'ଙ୍କ ନକଟରେ ଯାଇ



ପୂଜାର୍ଚ୍ଚନା କରି ମା'ଙ୍କ ନିର୍ଦ୍ଦେଶକୁ ଅପେକ୍ଷା କରନ୍ତି । ସେଇ ଦିନ ଭକ୍ତଙ୍କୁ ଉପବାସ କରିବାକୁ ପଡ଼େ । ବେଶ ପଡ଼ିବାପାଇଁ ହେଲେ ଭକ୍ତ ଅନ୍ୟୁନ ତିନିଥର ମା'ଙ୍କ ନିକଟକୁ ଯାଇ ପୂଜା କରିବାର ନିୟମ ରହିଛି । ଅନୁମତି ପାଇବାପାଇଁ ପ୍ରଥମେ ପୂଜା କରାଯାଏ । ଅନୁମତି ପାଇବା ପରେ ମୁଣ୍ଡପୂଜା କରାଯାଏ । ଏବଂ ବେଶ ହେବାପରେ ବାଘବେଶଧାରୀ ଭକ୍ତ ମା'ଙ୍କୁ ଦର୍ଶନ କରିବାପରେ ହିଁ ସହରରେ ଭ୍ରମଣ କରିବାର ନିୟମ ରହିଛି । ଏହି ସମ୍ପୂର୍ଣ୍ଣ ସମୟରେ ବାଘବେଶଧାରୀ ଭକ୍ତ କୌଣସି ଖାଦ୍ୟପଦାର୍ଥ ଗ୍ରହଣ କରନ୍ତି ନାହିଁ । କେବଳ ପିଇବା ପାଣିରେ ହିଁ ୩୬ରୁ ୪୮ ଘଣ୍ଟା ରହିବାକୁ ପଡ଼ିଥାଏ ।

ପୂର୍ବାହ୍ନରେ ଅନୁମତି ମିଳିବାପରେ ବେଶ ପଡ଼ିବାପାଇଁ କଳାକାରଙ୍କୁ ଅନ୍ୟୁନ ସାତରୁ ଆଠ ଘଣ୍ଟା ସମୟ ଲାଗିଥାଏ, ଯେଉଁ ସମୟରେ ଭକ୍ତଙ୍କ ସମ୍ପୂର୍ଣ୍ଣ ଶରୀରକୁ ବାଘବେଶରେ ସଜାଇ ଦିଆଯାଏ । ଏଥିପାଇଁ ଅନ୍ୟୁନ ପନ୍ଦରରୁ କୋଡ଼ିଏ ହଜାର କିମ୍ବା ଅଧିକ ଖର୍ଚ୍ଚ ହୋଇଥାଏ । କେବଳ କେତେଜଣ ଚିତ୍ରକର ହିଁ ଏହିପରି ବେଶ କରିବାପାଇଁ ପ୍ରଶିକ୍ଷଣପ୍ରାପ୍ତ । ସମସ୍ତେ ଏହିପରି ବେଶ କରିପାରନ୍ତି ନାହିଁ ।




ଜଣେ ଭକ୍ତ ବେଶ ପଡ଼ିବାପରେ ସେ ଯେଉଁ ଆଡ଼େ ଯାଆନ୍ତି ସାଥିରେ ପାଞ୍ଚଜଣ ବାଦ୍ୟକାର ଏବଂ ଜଣେ ଢୋଲ ବାଦକ ରହନ୍ତି । ଏହା ସହିତ ଅନେକ ଭକ୍ତ ବାଘ ସହିତ ଚାଲନ୍ତି । ଅନେକ ସମୟରେ ଏହି ବେଶପାଇଁ ସାମୁହିକ ଭାବେ ନିଷ୍ପତ୍ତି ନିଆଯାଇଥାଏ, ତେଣୁ ଅନେକ ବ୍ୟକ୍ତି ବାଘ ସହ ଚାଲନ୍ତି । ସାଧାରଣତଃ ବେଶ ସମାପନ କରି ମା'ଙ୍କ ପାଖରେ ପୂଜା ସରିବା ବେଳକୁ ସଂଧ୍ୟା ହୋଇଯାଇଥାଏ, ଏବଂ ପରଦିନ ସନ୍ଧ୍ୟା ପର୍ଯ୍ୟନ୍ତ ବାଘବେଶଧାରୀ ଭକ୍ତ ସହରର ଚିହ୍ନାପରିଚିତ ବନ୍ଧୁପରିଜନଙ୍କ ଘର, ବ୍ୟବସାୟିକ ଅନୁଷ୍ଠାନ ଆଦିକୁ ଯାଇ ଚାନ୍ଦା ଗ୍ରହଣ କରି ସଂଗୃହିତ ଅର୍ଥକୁ ମା'ଙ୍କ ହୁଣ୍ଡିରେ ପ୍ରଦାନ କରିଥାନ୍ତି । ଅନ୍ୟୁନ ୨୪




ଘଣ୍ଟା ଅନବରତ ଗୁଲବା କମ୍ପା ନୃତ୍ୟ କରବାକୁ ପଡ଼େ । କନ୍ତୁ ଅତୀତରେ ବାଘବେଶ ହୋଇଥିବା କଛ ଭକ୍ତ କୁହନ୍ତ ଯେ ମା'ଙ୍କ ନକଟରେ ପୂଜା କରବାପରେ ଝୁଣା ମରାଯାଏ ଏବଂ ଏହ ଧୂଆଁରେ ସେମାନଙ୍କୁ ଅପୂର୍ବ ଉତ୍ସାହ ଓ ଉଦ୍ଦୀପନା ମିଳଥିଲା ଏବଂ ସେମାନେ ଅତ ସହଜରେ ଦୁଇଦନ ଧର ନୃତ୍ୟ ପରବେଷଣ କରପାରଥିଲେ । ଦୈବୀ କୃପାହେଲେ ହିଁ ଜଣେ ଭକ୍ତ ଏହ ବେଶକୁ ନଷ୍ଠାର ସହ ସମାପନ କରପାରେ ବୋଲ ସମସ୍ତେ ମତ ଦଅନ୍ତ । ବେଶ ପଡ଼ିଥିବା ଭକ୍ତ ଦ୍ୱତୀୟ ଦନ ସନ୍ଧ୍ୟାରେ ମା'ଙ୍କ ଅସ୍ଥାୟୀ ମନ୍ଦର ନକଟରେ ପହଞ୍ଚବାପରେ ପୂଜା କର ସଂଗୃହୀତ ଅର୍ଥକୁ ମା'ଙ୍କ ହୁଣ୍ଡିରେ ଦାନ କରଦେଇ ନଜ ମାନସିକ ସମାପନ କରନ୍ତ । ମାନସିକ ସମାପନ ପରେ ଦେହରେ ଲଗାଯାଇଥିବା ରଙ୍ଗକୁ ସଫା କରବାପାଇଁ ଦୁଇରୁ ତନ ଦନ ଲାଗିଥାଏ । ଅତୀତରେ ରଙ୍ଗ ଛଡ଼େଇବାପାଇଁ ଦୁଇଦନ ପର୍ଯ୍ୟନ୍ତ ଦେହରେ ଖଟା ଦହ ଲେପନ କରାଯାଉଥିଲା, ହେଲେ ଆଜକାଲ ବ୍ୟବହୃତ ରଙ୍ଗକୁ ଛଡ଼େଇବାପାଇଁ ଅନେକ ରସାୟନକ ପଦାର୍ଥ ବଜାରରେ ମିଳୁଛ ।

ସର୍ବୋପର ମା'ଙ୍କ ଯାତ୍ରା ସମୟରେ ବାଘବେଶ ହେବା ଜଣେ ସାଧାରଣ ଭକ୍ତଙ୍କ କ୍ଷେତ୍ରରେ ସମ୍ଭବ ନ ହୋଇପାରେ । ଏହା କେବଳ ମା'ଙ୍କ ଦୈବୀ ନର୍ଦ୍ଦେଶରେ ହୋଇଥାଏ ବୋଲ ସମସ୍ତେ ଏକମତ ।

# ବ୍ରହ୍ମପୁରର ଲଣ୍ଡାବେଶ

ଡା ଜ୍ୟୋତ ପ୍ରସାଦ ପଟ୍ଟନାୟକ



ବ୍ରହ୍ମପୁର ସହରରେ ସମ୍ପ୍ରତ ଠାକୁରାଣୀ ଯାତ୍ରା ପାଇଁ ସବୁଆଡ଼େ ନାହିଁ ନଥିବା ଭଡ଼ । ଯାତ୍ରା ସମାପ୍ତିପାଇଁ ଆଉ ଅଳ୍ପଦନ ବାକଥିବା ବେଳେ ଦନକୁ ଦନ ମାନସିକଧାରୀ ମାନଙ୍କ ଅଗଣିତ ବେଶ ପଟୁଆର ସହରବାସୀଙ୍କୁ ବେଶ ଆନନ୍ଦର ଖୋରାକ ଯୋଗାଇଦେଉଛ । ହଠାତ ଜନଗହଳକୁ ଆଡ଼େଇ ଦେଇ ମାଡ଼ି ଆସନ୍ତ ଅଗଣିତ କମ୍ଭୁତକମ୍ବାକାର ମହନ୍ତ ଗୋଷ୍ଠୀ । ଧଳା ରଙ୍ଗର ବସ୍ତ୍ରପରହତ ଶିଶୁଠାରୁ ବୃଦ୍ଧପର୍ଯ୍ୟନ୍ତ ଅନେକ ବୟସର ଅନେକ କସମର ମହନ୍ତ । ମୁଣ୍ଡରେ କାହାର ଜମା ବାଳ ନାହିଁ ତ କଏ ଚୁଟିକୁ ବେଢ଼ଙ୍ଗରେ କାଟିଛ । ସେଥିରେ ପୁଣି ମୁଣ୍ଡରେ କଛ ଅଦ୍ଭୁତ କଥା ଲେଖା ଥିବ । ବେକରେ ଝୁଲୁଥିବ ଲମ୍ବା ମାଳ, ସେଥିରେ ଥିବ ଆଳୁ, ଲେମ୍ବୁ, ଡିମିର ଆଦ ଫଳପରବା, ଆଉ କେହ କେହ ବେକରେ ଶୁଖୁଆ ବ ଝୁଲାଇଥିବା ଦେଖିବାକୁ ମିଳବ । ପିଠିରେ ଲେଖାଥିବ ଅନେକ ଅଗ୍ରାହ୍ୟ ଓ ଅଶ୍ରାବ୍ୟ ଭଷାରେ ନାଁ । କେତେଟି ନାଁ ଯଥା, ମହାଠକ ମହନ୍ତ, କଳାବଜାରୀ ମହନ୍ତ, ଏସଭଆର୍ ମହନ୍ତ, ଆହୁର ଅନେକ କଥା । କାନରେ କୁଣ୍ଡଳ ବ ଥିବ, ହେଲେ ସେଥିରେ ଝୁଲୁଥିବ ଫଳ । ଏହ ଶୋଭଯାତ୍ରା ମଝିରେ ଅନେକ ସୁସଜ୍ଜିତ ରକ୍ସା ଉପରେ ଠିଆହୋଇଥିବେ ମୁଖ୍ୟ ମହନ୍ତ ଓ ମହନ୍ତଆଣୀ । ରସ୍ତାରେ ଯାଉ ଯାଉ ହଠାତ୍ ଅଟକ ଯାଉଥିବା ଶୋଭଯାତ୍ରା ଆଉ ମହନ୍ତ ମହନ୍ତଆଣୀ ମାଇକ ଧର କହୁଥିବେ କଛ ବ୍ୟଙ୍ଗ କଛ ଅଶ୍ଳୀଳ ଓ କଛ ଅଶ୍ରାବ୍ୟ






କଥା, ଯାହା ଶୁଣିବାପାଇଁ ରାସ୍ତା କଡ଼ରେ ଜମିଥିବ ଅଜସ୍ର ଭିଡ଼ । ଅଶ୍ଳୀଳ ହେଲେ ସୁଦ୍ଧା କୌଣସି ଲୋକ କେବେ ବାଧା ଦେଇନାହାନ୍ତି ଏହି ଶୋଭାଯାତ୍ରାକୁ କିମ୍ବା କେହି ଆପତ୍ତି କରିନାହାନ୍ତି ।

ବିଗତ ଶତାବ୍ଦୀରେ ବ୍ରହ୍ମପୁର ତଥା ସମଗ୍ର ଓଡ଼ିଶା ରାଜ୍ୟରେ ଅନେକ ସ୍ଥାନରେ ବାବା ମାନଙ୍କ ଦୌରାତ୍ମ୍ୟ ବୃଦ୍ଧିପାଇବା ପରେ ସେମାନଙ୍କୁ ସାବାଡ଼ କରିବାପାଇଁ ସର୍ବସମ୍ମୁଖରେ ସେମାନଙ୍କୁ ନିନ୍ଦିତ କରିବା ଉଦ୍ଦେଶ୍ୟ ନେଇ ୧୯୩୩ ମସିହାରେ ବଜପୁରର କିଛି ଉତ୍ସାହୀ ଯୁବକ ଏହି ଶୋଭାଯାତ୍ରାର ଆୟୋଜନ କରିଥିଲେ । ସାଧାରଣତଃ ସେ କାଳର ଓଡ଼ିଶାରେ ପ୍ରତ୍ୟେକ ଜନପଦ / ଗ୍ରାମ / ସହରରେ ମୁଖ୍ୟ ମୁଖ୍ୟ ସ୍ଥଳମାନଙ୍କରେ କୋଠଘର ବା ମଠ ଥିଲା ଏବଂ ପ୍ରତ୍ୟେକ ମଠରେ ଜଣେ ଅଧିପତି ବା ବାବାଜୀ ବା ମହନ୍ତ ରହିଥିଲେ । ଏହି ମହନ୍ତମାନେ କାଳାନ୍ତରରେ ମଠକୁ ଆସୁଥିବା କୁମାରୀ କନ୍ୟା, ବିଧବା ଏବଂ ବିବାହିତା ମହିଳାମାନଙ୍କ ସହ ଦୁଷ୍କର୍ମମାନ କରିବା ପରେ ଜନତାଙ୍କ ମଧ୍ୟରେ ଆକ୍ରୋଶ ଦେଖାଦେଇଥିଲା, ହେଲେ ସେମାନଙ୍କୁ ଦଣ୍ଡିବା ଭଳି କ୍ଷମତା କୌଣସି ନ୍ୟାୟପାଳିକା ହାତରେ ନଥିବା ହେତୁ କିଛି ଯୁବକ ସେମାନଙ୍କୁ ସର୍ବସମ୍ମୁଖରେ ନିନ୍ଦିତ କରିବା ଯୋଜନା କରି ଏହି ବେଶର ଆୟୋଜନ କରିଥିଲେ ।

ପ୍ରତିବର୍ଷ ଠାକୁରାଣୀ ପୂଜା ସମୟରେ ବଜପୁରରେ ଥିବା ଦରିଦ୍ର ପଞ୍ଚାକ୍ଷର ସମିତି ତରଫରୁ ଏହି ବେଶର ଆୟୋଜନ ହୁଏ ଏବଂ ଏଥିରେ ଅଂଶଗ୍ରହଣ କରିବାପାଇଁ ଅନେକ ଲୋକ ସ୍ୱେଚ୍ଛାରେ ଆଗେଇ ଆସନ୍ତି । ଯେଉଁମାନେ ଏହି ବେଶ ହୁଅନ୍ତି, ସେମାନେ ଅନ୍ୟୁନ ତିନିଥର ଏହି ବେଶ ହେବାକୁ ବାଧ୍ୟ ବୋଲି କୁହାଯାଏ । କିଛି ମାନସିକ ଧାରୀ ନିଜର ଶରୀରର ଦୁଃସାଧ୍ୟ ରୋଗରୁ ମୁକ୍ତିପାଇବା ପାଇଁ ମଧ୍ୟ ଏହି ବେଶ ହୋଇଥାନ୍ତି । ଏଥିରେ ଅଂଶଗ୍ରହଣ କରିବାପାଇଁ କୌଣସି ଜାତି, ଧର୍ମ, ବର୍ଣ୍ଣର ବିଭେଦ ନାହିଁ । ଯେ କୌଣସି ବ୍ୟକ୍ତି ଏଥିରେ ଭାଗ ନେଇ ପାରିବ । ଅନ୍ୟ ବେଶମାନଙ୍କରେ ମାନସିକଧାରୀମାନେ ଗୁନ୍ଦା ଗ୍ରହଣ କରିବାର ପରମ୍ପରା ଥିବା ବେଳେ ଏହି ବେଶରେ ମାନସିକଧାରୀ ନିଜେ ଗୁନ୍ଦା ଦେଇ ଭାଗ ନେବାର ଉଦାହରଣ ରହିଛି । ବେଶ ପଡ଼ିବା ଦିନ ସକାଳୁ ସକାଳୁ ମାନସିକଧାରୀମାନେ ଏକତ୍ରିତ ହୁଅନ୍ତି ଏବଂ ନିଜ ମନ ମୁତାବକ ମୁଣ୍ଡରୁ ଚୁଟି କାଟିଦେଇ ସଂଧ୍ୟା ସୁଦ୍ଧା

ବିଭିନ୍ନ ପ୍ରକାର ବେଶରେ ସଜ୍ଜିତ ହୋଇଯାଆନ୍ତି । ଏଡ଼ସ ରୋଗ ସଚେତନତା ପାଇଁ କିଛି ମହନ୍ତ ନିଜ ଚୁଟିରେ କଣ୍ଡୋମ କୁ ବେଲୁନ ପରି ଫୁଲାଇ ବାନ୍ଧିଦିଅନ୍ତି । ଦେଖିବାକୁ ବେଳେ ବେଳେ ଅସୁନ୍ଦର ଲାଗୁଥିଲେ ସୁଦ୍ଧା ଏହାଦ୍ୱାରା ସଚେତନତା ସୃଷ୍ଟି କରାଯାଇପାରେ ବୋଲି କିଛି ବୁଦ୍ଧିଜୀବି ମତ ଦିଅନ୍ତି ।

ଦୀର୍ଘବର୍ଷଧରି ଏହି ପରମ୍ପରାକୁ ବଞ୍ଚାଇ ରଖିବାରେ ଅନେକ ଲୋକଙ୍କ ଅକ୍ଳାନ୍ତ ପରିଶ୍ରମ ରହିଛି । ହେଲେ ଦିନକୁ ଦିନ କିଛି ଉଦ୍‌ଭ୍ରାନ୍ତ ଯୁବକ ବେଶ ହୋଇଗଲାପରେ ଶୋଭାଯାତ୍ରାରେ ଯାଉଥିବା ବେଳେ ଅଭଦ୍ରୋଚିତ ଆଚରଣ କରୁଥିବା ଏବଂ ଅଶ୍ରାବ୍ୟ ଭାଷାର ବ୍ୟବହାର କରୁଥିବା ମଧ୍ୟ ଦେଖାଯାଉଛି । ବେଳେ ବେଳେ ଏହା ଶ୍ରୁତିକଟୁ ହୋଇଥିଲେ ସୁଦ୍ଧା ଏହି ବେଶର ମହତ୍ତ୍ୱକୁ ଦେଖି ଦେଖଣାହାରୀମାନେ କୌଣସି ଆପତ୍ତି କରନ୍ତିନାହିଁ । ଅତୀତରେ ମହନ୍ତ ବେଶ ହେଉଥିବା ବ୍ୟକ୍ତିଙ୍କୁ ଦେଖିଲେ ଲୋକମାନେ ଶ୍ରଦ୍ଧାରେ ନମସ୍କାର କରୁଥିଲେ, ଏବଂ ସେମାନେ ନମସ୍ୟ ଥିଲେ କିନ୍ତୁ ଧିରେ ଧିରେ ଏହି ପରମ୍ପରାର ସମାପ୍ତି ହୋଇଛି । ଅତୀତରେ ହାତଗଣତି କିଛି ଲୋକହିଁ ଲଣ୍ଡା ବେଶ ହେଉଥିବା ବେଳେ ବର୍ତ୍ତମାନ ଶହଶହ ସଂଖ୍ୟାରେ ଲଣ୍ଡା ବେଶଧାରୀ ମିଳୁଛନ୍ତି ।

ଲଣ୍ଡା ବେଶ ଧାରୀମାନେ ବିଜିପୁର ଠାରୁ ବାହାରି ସହର ପ୍ରମୁଖ ଖଲ୍ଲିକୋଟ କଲେଜ ଛକ, ପେଟ୍ରୋଲ ପମ୍ପ ଛକ, ପୁରୁଣା ବସଷ୍ଟାଣ୍ଡ, ଅନ୍ନପୂର୍ଣ୍ଣା ମାର୍କେଟ, ଗିରିଜା ଛକ, ଗିରି ମାର୍କେଟ୍, ସାନ ବଜାର, ବଡ଼ବଜାର ଛକ ଦେଇ ମା'ଙ୍କ ଅସ୍ଥାୟୀ ମନ୍ଦିର ନିକଟରେ ପହଞ୍ଚିବା ପରେ ସେମାନେ ମା'ଙ୍କ ଦର୍ଶନ କରନ୍ତି । ସେମାନଙ୍କ ଖାଇବା ପାଇଁ ବ୍ୟବସ୍ଥା କରାଯାଇଥାଏ । ମା'ଙ୍କ ଦର୍ଶନ ସାରିଦେଇ ସେମାନେ ପୁଣିଥରେ ପୂର୍ବସ୍ଥାନକୁ ଆସି ମୁଣ୍ଡକୁ ସମ୍ପୂର୍ଣ୍ଣ ଭାବେ ମୁଣ୍ଡନ କରିଥାନ୍ତି ।



ବିଶ୍ୱର ଅନ୍ୟ କୌଣସି ସ୍ଥାନରେ ଏହିପରି ଅଦ୍ଭୁତ ପରମ୍ପରା ଦେଖିବାକୁ ମିଳେନାହିଁ ବୋଲି ଏହି ସଂସ୍ଥାର ଆୟୋଜକମାନେ ଦାବୀ କରନ୍ତି । ସେ ଯା'ହେଉ ଯାତ୍ରା ସମୟରେ ବ୍ରହ୍ମପୁର ରାଜରାସ୍ତାରେ ଉଦ୍‌ଭଟ ଭାବରେ ବୁଲୁଥିବା ଏହି ଦଳ ଦଳ ମହନ୍ତମାନଙ୍କୁ ଦେଖିବା ଏବଂ ସେମାନେ କହୁଥିବା ବିଭିନ୍ନ ବ୍ୟଙ୍ଗକଥା ଶୁଣିବାପାଇଁ ଅନେକ ଲୋକ ଏକତ୍ରିତ ହୋଇଥାନ୍ତି ।

# ଆଦର୍ଶ

ପ୍ରହଲ୍ଲାଦ ଖଟୋଇ



ବଶ୍ୱାସ ଓ ଅବଶ୍ୱାସ ଦୁଇଟି ଶବ୍ଦ
ବଶ୍ୱାସରେ ସଂସାର ହୁଏ ଆତଯାତ
ଆଜକାର ଦୁନଆରେ କାହାକୁ କରବା ଆଦର୍ଶ
ଆଦର୍ଶ ଏକ ମାନବକତାର ମୂଲ୍ୟବୋଧ ।
ଭଣ୍ଡ ସାଧୁର ଆଦର୍ଶ ଅପେକ୍ଷା
ଚୋରର ଆଦର୍ଶ ବରଂ ଭଲ,
ଆଦର୍ଶର ଦ୍ୱାହ ଦେଇ କଛ ଲୋକ ପାଲଟି ଯାଆନ୍ତ ନାୟକ
କଛ ପୁଣି ହୁଅନ୍ତ ଖଳନାୟକ ।
ଲୋଭଖୋର ମଣିଷର ଏହା ଏକ ଆଦର୍ଶ ନମୁନା
ଆଜକାଲ ଦୁନଆରେ ଏହା ହିଁ ସୂଚନା ।
ଜମି ମାଫିଆଠୁ ଚଟ୍ ଫଣ୍ଡ ପର୍ଯ୍ୟନ୍ତ
କାହାଣୀ ଲମ୍ବିଛ ଅସୀମ ପର୍ଯ୍ୟନ୍ତ ।
ଏ କାହାଣୀକୁ ନେଇ କଏ କରୁଛ କାହାର ସର୍ବନାଶ
କଛ ତ ପାଲଟିଯାଆନ୍ତ ଇଲୟାସ ।
ପୃଥିବୀର ଶ୍ରେଷ୍ଠ ଧାବକ
ପୁଣି ପାଲଟନ୍ତ ଖଳନାୟକ ।
ସାଇକେଲ ଚାଳକ ଆର୍ମଷ୍ଟ୍ରଙ୍ଗ୍ ପାଲଟନ୍ତ କମ୍ବଦନ୍ତୀ ପୁରୁଷ
ପୁଣି ପାଲଟନ୍ତ କାପୁରୁଷ ।
ତେଣୁ ଆଜକାର ଦୁନଆରେ କାହାକୁ କହବା ଆଦର୍ଶ
କାହାକୁ କହବା ଆଦର୍ଶ ।

# ମନ ତୁ କାନ୍ଦୁଛୁ କିଆଁ

ପ୍ରସନ୍ନ କୁମାର ଦାସ



ଅବୁଝା ମନ ତୁ ହେଉଛୁ ଉଛନ୍ନ ଅଜ୍ଞାନ ଅନ୍ଧାରେ ରହି

କି'ଅମୂଲ୍ୟ ନିଧି ଗଲ୍ ତୋର ହଜି

ଶୋକାକୁଳ ହେଉ କାହିଁ.... ରେ ମନ ହେଉ ଉଛନ୍ନ

କେଉଁ ଦୁଃଖ ଦେଉଛୁ କଷଣ ..ରେ ମନ .....।

ଚାରି ଦିନ ତୋର ଜୀବନ ସମ୍ଭାର  ଚାରି ବେଳା ଯଉବନ

ଧନ ସୁଖ ତୋର ଚନ୍ଦ୍ରମା ରାତିର

ଯେସନେ ଚନ୍ଦ୍ର କିରଣ ରେ ... ଚାରି ରାତି ଚାନ୍ଦିନୀ

ଅମା ଅନ୍ଧକାର ଆଣେ ଟାଣି ରେ ...ଚାରି ରାତି.....।

ଅଳପକେ ହସୁ ଅଳପକେ ରୁଷୁ ଏଚଗଲ୍ ବୁଦ୍ଧି ଛାଡି

ଆଣିଥିଲୁ କିସ ଆସିଲ୍ ବେଳେତୁ

ଛାଡି ମା'ର ଜଠର ...   ଏବେ ଚିନ୍ତନ କର

ମାୟା ମୋହ ଭରି ଏ ସଂସାର ରେ ..ଏବେ....।

ଧନ ପୁତ୍ର ଜାୟା ସବୁ ମିଛ ମାୟା ..କେହିନୁହେ ଚିରନ୍ତନ

ଆଖି ବୁଜି ଦେଲେ ଅନ୍ଧାର ହୋଇବ

ମରଣ ତୋର ଆସନ୍ନ ରେ ମନ କି ନେଇ ଯିବୁ

କେଉଁ କାରଣେ ଏତେ ତୁ ଭାବୁ ..ରେ ମନ ..।

କେଉଁ ଧନ ତୋର ନେଇଗଲେ ଶ୍ରେୟର ଜ୍ଞାନ କାହିଁ ଅଛ ଲୁଚ

ଜ୍ଞାନକୁ ତୋହର ଉଜାଗର କର

ଫିଟିବ ତୋ ଭ୍ରମ ଗଣ୍ଠି ...ରେ ମନ କାହିଁକି କାନ୍ଦୁ..

ମିଛ ମାୟା ଗଣ୍ଠିଲ ରେ ବାନ୍ଧୁ ..ରେ ମନ.......।

ଯାହାତ ହୋଇଲା ନ'ହେବାର ହେଲା...ଉଚ୍ଛୁର ହେଲାଣି ବେଳ

କାନ୍ଦିଲେ ମରବୁ ହସିଲେ ମରବୁ ...

ଜନ୍ମ ମୃତ୍ୟୁ ଭବ ଖେଳ ..ରେ ମନ କାନ୍ଦୁ ତୁ କଆଁ

ହସି ହସାଅ ସାରଦୁନଆଁ ......ରେ ମନ କାନ୍ଦୁ ତୁ କଆଁ..।

ପ୍ରସନ୍ନ କୁମାର ଦାସ

ଡି-୭୧, ପର୍ଯ୍ୟାବରଣ କମ୍ପ୍ଲେକ୍ସ

ଇନ୍ଦିରା ଗାନ୍ଧୀ ମୁକ୍ତ ବଶ୍ୱବଦ୍ୟାଳୟ ମାର୍ଗ

ନୂଆ ଦଲ୍ଲୀ -୧୧୦୦୩୦

ଦୁରଭାଷ- ୯୧ ୯୮୧୦୧୫୩୬୨୨

ଇ-ମେଲ – prasannakrdas@yahoo.com

# ଛତା

କଶୋର ଚନ୍ଦ୍ର ସାହୁ



ମୋତେ ଆଡ଼କର
ତମେ ପ୍ରତଥର ବର୍ତ୍ତିଯାଇଛ
ଦୁଃଖର ମାଡ଼ରୁ ... ▯

ତତଲ୍ ନଆଁରେ
ଚେଙ୍କି ଯାଇଚ ମୋର ଗୋଟାପଣ... ।
ତମେ ଲଗେଇ ଦେଇନ ଦାଗ
ନଜ ଦେହରେ ... ▯

ମୋ ଦେହ ସହତ
ଟୁପଟାପ୍, ରମ୍ଝିମ୍ ବର୍ଷୁଥିବା
ଦଳେ ବପଦଙ୍କୁ... ।
ଅଥଚ...
ଆଜଯାଏଁ ଭଜପାରନ
ତମର କାଣିଗୁଏ ବ ଅଙ୍ଗ ... ▯

ମୋ ଗ୍ଭତକୁ ବସ୍ତାର
କରଚ ହେପାଜତ ନଜର

ତମ ମୁଣ୍ଡ ଉପର ଛାତ ପରି ...

ଆକାଶକୁ ଆଉଜା କରି
ଲୁଚି ନେଇଛ ଛାଇ
ମୋ ଭଗାର ... ।
ଜାଣେନା
ତୁମେ ମୋତେ
କି..., ମୁଁ ତୁମକୁ ଖୋଜିଚି ଅବେଳାରେ
ତମ ଶକ୍ତ ହାତମୁଠାରୁ
ବାହାରି ପାରିନି ଯଦିଓ ...

ମୋ କଙ୍କାଳ ଭେଗିଚି
ପରସ୍ତ ପରସ୍ତ ଚମ ଉତୁରି ।
କଇଁ କଇଁ ଆଖିମୋର
ଲୁହର ଲେଞ୍ଜରି ଦେଇ
ବୁହାଇ ପାରିନି ଯମୁନା... ।
ବୁଝି ସାରିଚି...
ମୋ ଗୋଲାମୀର ଶେଷ ନାହିଁ

ବଉଳଛକ, ତାଳଚେର
ଅନୁଗୁଳ, ମୋବାଇଲ୍ - ୯୯୩୭୯୩୮୪୦୨

# ଅକ୍ଷୟ ତୃତୀୟା

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ



ବୈଶାଖ ମାସ ଶୁକ୍ଳପକ୍ଷ ତୃତୀୟା ତିଥିକୁ ଅକ୍ଷୟ ତୃତୀୟା ଭାବରେ ପାଳନ କରାଯାଏ । ଉଭୟ ହିନ୍ଦୁ ଏବଂ ଜୈନ ଧର୍ମାବଲମ୍ବୀମାନେ ଏହି ଦିନକୁ ପାଳନ କରିଥାନ୍ତି । ଭଗବାନ ବିଷ୍ଣୁଙ୍କର ଷଷ୍ଠ ଅବତାର ଭଗବାନ ପର୍ଶୁରାମଙ୍କ ଜନ୍ମତିଥି ହେଉଛି ଆଜି । ଏହି ଦିନରେ ଋଷି ବେଦବ୍ୟାସ ଗଣେଷଙ୍କ ସହାୟତାରେ ମହାଭାରତ ରଚନା ଆରମ୍ଭ କରିଥିଲେ । ଜୈନଧର୍ମାବଲମ୍ବୀମାନେ ଏହି ଦିନକୁ ତୀର୍ଥଙ୍କର ଋଷଭଙ୍କ ଏକବର୍ଷ ଉପବାସକୁ ଆଖୁରସ ପାନକରି ସାଧନା ସମାପନ କରିଥିବା ଦିବସ ଭାବରେ ପାଳନ କରନ୍ତି । ହିନ୍ଦୁ ଏବଂ ଜୈନ କ୍ୟାଲେଣ୍ଡରରେ ଅନେକ ସମୟରେ କେତେକ ମାସ ଅଧିକ କିମ୍ବା କମ ହୋଇଥାଏ, ବେଳେ ବେଳେ କୌଣସି ଦିବସ ନଥାଏ, ହେଲେ ଅକ୍ଷୟ ତୃତୀୟା କେବେ ବି ହିନ୍ଦୁ କ୍ୟାଲେଣ୍ଡରରୁ ଉହ୍ୟ ହୋଇରହିବ ନାହିଁ ।

ଅକ୍ଷୟର ଆକ୍ଷରିକ ଅର୍ଥ 'ସମାପ୍ତ ହେଉନଥିବା', ଏହା ଏକ ସଂସ୍କୃତ ଶବ୍ଦ । ଏହି ଦିନଟି ଅତ୍ୟନ୍ତ ଶୁଭ ଏବଂ ଭାଗ୍ୟ ଉଦ୍ରେକକାରୀ ବୋଲି ମଧ୍ୟ ବିବେଚନା କରାଯାଏ । ଏହି ଦିନରେ ଯଦି ଆପଣ କୌଣସି ପ୍ରକାର ଦାନଧର୍ମ କରନ୍ତି ତା'ହେଲେ ତାହାର ସୁଫଳ ନିଶ୍ଚୟ ଭାବରେ ଆପଣ ପାଇବେ ବୋଲି କୁହାଯାଇଛି । ଏମିତି ବି କୁହାଯାଏ ଯେ ଅକ୍ଷୟ ତୃତୀୟାରେ ଆରମ୍ଭ ହୋଇଥିବା ବ୍ୟବସାୟ ବା ଯେ କୌଣସି କାମ ସବୁବେଳେ ସଫଳ ହୁଏ ଏବଂ ତାହାର ଉତ୍ତରୋତ୍ତର ଉନ୍ନତି ହୋଇଥାଏ । ସେଇଥିପାଇଁ ଏହି ଦିନ ବ୍ୟବସାୟ, ନୂତନ ନିର୍ମାଣ ଆଦି କାମ ଆରମ୍ଭ କରାଯାଏ ।

ଓଡ଼ିଶାରେ କୃଷକମାନେ ଏହି ଦିନରେ ଗୃଷବାସ କାମ ଆରମ୍ଭ କରନ୍ତି ଏବଂ ବିଲରେ ମୁଠା ମୁଠା ବିହନ ବୁଣିବା ଆରମ୍ଭ କରନ୍ତି ଯାହାକୁ ସାଙ୍କେତିକ ଭାବରେ 'ଅକ୍ଷି ମୁଠି' ବୋଲି ମଧ୍ୟ କୁହାଯାଏ ।

ହିନ୍ଦୁମାନ୍ୟତାରେ ଅକ୍ଷୟ ତୃତୀୟା

୧. ଭଗବାନ ପର୍ଶୁରାମଙ୍କ ଜନ୍ମ ତଥି

୨. ବେଦବ୍ୟାସଙ୍କ ଦ୍ୱାରା ମହାଭାରତ କାବ୍ୟରଚନାର ଶୁଭାରମ୍ଭ

୩. ତ୍ରେତୟା ଯୁଗର ଆରମ୍ଭ

୪. ଗଙ୍ଗାନଦୀର ଧରାବତରଣ

୫. ଭଗବତୀ ମା ଅନ୍ନପୂର୍ଣ୍ଣା ଦେବୀଙ୍କ ଜନ୍ମ

୬. ଶିବପୁରମ୍ ଠାରେ ଭଗବାନ ଶିବଙ୍କୁ ପୂଜା କରିବା ପରେ ଲକ୍ଷ୍ମୀଙ୍କ ଦ୍ୱାରା କୁବେରଙ୍କୁ ଧନ ଓ ଐଶ୍ୱର୍ଯ୍ୟର ଅଧିକାରୀ କରିବା

୭. ମହାଭାରତରେ ଜ୍ୟେଷ୍ଠ ପାଣ୍ଡବ ଯୁଧିଷ୍ଠିରଙ୍କ ଅକ୍ଷୟପାତ୍ର ପ୍ରାପ୍ତି, ଯେଉଁଥିରୁ ଖାଦ୍ୟ ସେ ନିଜ ସାମ୍ରାଜ୍ୟର ଲୋକମାନଙ୍କୁ ଦାନ କରିଥିଲେ

୮. ଗରୀବ ସୁଦାମା ଓ କୃଷ୍ଣଙ୍କ ମିଳନ

୯. ଦୁଃଶାସନ ଦ୍ୱାରା ଦ୍ରୌପଦୀଙ୍କ ବସ୍ତ୍ରହରଣ

୧୦. ଆଦିଶଙ୍କରାଚାର୍ଯ୍ୟଙ୍କ ଦ୍ୱାରା କନକଧାରା ସ୍ତୋତ୍ର ପଠନ

୧୧. ପୁରୀ ଶ୍ରୀକ୍ଷେତ୍ରରେ ମହାପ୍ରଭୁ ଜଗନ୍ନାଥଙ୍କ ରଥଯାତ୍ରା ପାଇଁ ରଥ ନିର୍ମାଣ

୧୨. ପୁରୀରେ ମହାପ୍ରଭୁଙ୍କ ଚନ୍ଦନଯାତ୍ରା ଆରମ୍ଭ

ଜୈନ ଧର୍ମାବଲମ୍ବୀଙ୍କ ମତରେ ୨୪ ଜଣ ଆଦି ଗୁରୁଙ୍କ ମଧ୍ୟରେ ପ୍ରଥମ ଆଦିନାଥ ଋଷଭଦେବଙ୍କ ଦିନ ଭାବରେ ପାଳନ କରାଯାଏ । ଏହି ଦିନରେ ଏହି ଧର୍ମର ଲୋକମାନେ ବର୍ଷସାରା କରିଥିବା ଉପବାସ ଯାହାକୁ 'ବାର୍ଷି-ତପ' କୁହାଯାଏ, ସେମାନେ ନିଜ ଉପବାସକୁ ଆଖୁରସ ପାନ କରି ସମାପନ କରନ୍ତି । ଜୈନଙ୍କ ମତରେ ଏହି ଦିନ ପ୍ରଥମଥର 'ଆହାରଚର୍ଯ୍ୟା' ହୋଇଥିଲା, ଯାହା ଜୈନସାଧୁମାନଙ୍କ ପାଇଁ

ଖାଦ୍ୟ ପ୍ରସ୍ତୁତ ଏବଂ ଉପସ୍ଥାପନକୁ ବୁଝାଏ ।

ଭଗବାନ ଋଷଭଦେବ ଛଅମାସ ପର୍ଯ୍ୟନ୍ତ ନିର୍ଜଳ ଉପବାସ କରିଥିଲେ । ଏବଂ ଏହାପରେ ସେ ଖାଦ୍ୟ ଗ୍ରହଣ କରିବାପାଇଁ ଦ୍ୱାର ଦ୍ୱାର ବୁଲି ଭିକ୍ଷା କରିଥିଲେ । ଜୈନସାଧୁମାନେ କୌଣସି ବସ୍ତୁପ୍ରତି ମୋହ ରଖନ୍ତି ନାହିଁ ଏବଂ ନିଜ ପାଇଁ ଖାଦ୍ୟ ବି ପ୍ରସ୍ତୁତ କରନ୍ତି ନାହିଁ ।  ତେଣୁ ସେ ଖାଦ୍ୟ ଅନ୍ୱେଷଣରେ ନଗର ନଗର ବୁଲିଥିଲେ, ହେଲେ ସେଇ ସମୟରେ ଲୋକମାନେ ଏହି ଧର୍ମର କୌଣସି ନୀତିନିୟମ ଜାଣିନଥିବା ହେତୁ ସେମାନେ ତାଙ୍କୁ ଧନରତ୍ନ, ସୁନା, ମୋତିମାଣିକ୍ୟ ସମେତ କେହି କେହି ନିଜ କୁମାରୀ କନ୍ୟାମାନଙ୍କୁ ମଧ୍ୟ ଉପହାର ସ୍ୱରୂପ ଦେଇଥିଲେ । ସେ ଏହି ସବୁ ଦ୍ରବ୍ୟକୁ ଗ୍ରହଣ ନ କରି ଏକ ବର୍ଷ ପର୍ଯ୍ୟନ୍ତ ଉପବାସ କରିଥିଲେ । ଶେଷରେ ରାଜା ଶ୍ରେୟାଂଶ କୁମାର ଭଗବାନଙ୍କ ଇଚ୍ଛାକୁ 'ପୂର୍ବ-ଭବ-ସ୍ମରଣ (ପୂର୍ବଜନ୍ମର କଥା)' ଦ୍ୱାରା ଜାଣିପାରି ତାଙ୍କୁ ଆଖୁରସ ଦେଇ ତୃପ୍ତ କରିଥିଲେ । ସେଇଥିପାଇଁ ଦେଶର ସମସ୍ତ ଜୈନ ଧର୍ମାବଲମ୍ବୀମାନେ ଏହି ଦିନ ଆଖୁରସ ପାନ କରିଥାନ୍ତି ଏବଂ ହସ୍ତିନାପୁର ଠାରେ ଏକତ୍ରିତ ହୋଇ ଏହି ଦିବସକୁ ପାଳନ କରିଥାନ୍ତି ।

ଏହି ଦିନ ମୂଲ୍ୟବାନ ଧାତୁ କ୍ରୟ କରିବାର ପ୍ରଥା ରହିଛି, ତେଣୁ ଅଧିକାଂଶ ଲୋକ ଏହି ଦିନ ସୁନାରୂପା ଆଦି ଦ୍ରବ୍ୟ କ୍ରୟ କରିଥାନ୍ତି । ଏହି ଦିନ ବିଭିନ୍ନ ଅଳଙ୍କାର ଦୋକାନ ମାନଙ୍କରେ ବହୁତ ଭିଡ଼ ଦେଖାଦେଇଥାଏ । ଏବଂ ଦୋକାନୀମାନେ ନୂଆ ଓ ଲୋଭନୀୟ ଅଳଙ୍କାର ଆଣି ଗ୍ରାହକ ମାନଙ୍କୁ ବିକ୍ରୟ କରିଥାନ୍ତି ।

# ଏମିତ ବି ପ୍ରେମ ହୁଏ

ପ୍ରଶାନ୍ତ କୁମାର ନାଥ



ହେଉ ହେଉ ପ୍ରେମ ହୋଇଯାଏ ବୋଲି
ଜାଣନ୍ତି ସଭିଏଁ ପରି
ହେଲେ ମୁଁ କହୁଛି ପ୍ରେମ କାହାଣୀଟେ
ସେ ପ୍ରେମ ଅଟେ ନିଆରି ।
ଇଣ୍ଟରନେଟ ଯୁଗ ଆସିଚି ଏବେ
ଖେଳ ସେଠି ଚାଲୁଥାଏ
ମୋ ପ୍ରେମ କାହାଣୀ ଶୁଣି ତ କହିବ
ଏମିତ ବି ପ୍ରେମ ହୁଏ ?
ପ୍ରେମମାନେ ନାହିଁ ବାଧା ଓ ବନ୍ଧନ
ଦେଖେ ନାହିଁ ଉଚ୍ଚନୀଚ
ସେହି ତ ପାଇବ ପ୍ରକୃତ ପ୍ରେମକୁ
ହୃଦୟ ଯାହାର ସ୍ୱଚ୍ଛ ।
ପ୍ରେମ ଲୋଡ଼େ ନାହିଁ ଦେଖା ଓ ସାକ୍ଷାତ
ତାହାରେ ଯେ ଲୋଡ଼ା ନାହିଁ
ହୃଦୟ ସାଥୀରେ ହୃଦୟ ମିଶିଲେ
ପ୍ରେମ ପରିଯାଏ ହୋଇ ।
ପପୁ ବୋଲି ଗୋଟେ ପିଲାଟିଏ ଦିନେ
ଫେସବୁକ୍ ଖୋଲିଥିଲା
ଫେସବୁକ ଦ୍ୱାରା ପୂର୍ଣ୍ଣିମା ସାଥୀରେ
ବନ୍ଧୁତା ସେ କରିଥିଲା ।
ଧିରେ ଧିରେ ପରି ତାଙ୍କର ବନ୍ଧୁତା
ପ୍ରେମରେ ବଦଳି ଗଲା

ପ୍ରେମରୁ ବବାହ କରଥିଲେ ଦୁହେଁ
ସେ ପ୍ରେମ ପବତ୍ର ହେଲ୍ ।
ଆଜବ ତାଙ୍କର ଅତୁଟ ସଂପର୍କ
ଦୁଇଟି ସନ୍ତାନ ସାଥେ
ତାଙ୍କର ପ୍ରେମକୁ ସଲ୍‌ମ କରୁଛ
ଯୋଡ଼ି କର ଦୁଇ ହାତେ ।
ଆଜ କା ପ୍ରେମ ଯେ କାଲକ ରହୁନ
ମିଲୁଛ ବରହ ଧୋକା
ହେଲେ ତାଙ୍କ ପ୍ରେମ ଆଜବ ସତେଜ
କାହାଣୀ ହୋଇଛ ଲେଖା ।
ଆଜ ଭଲ ପାଇ କାଲ ଭୁଲଯା'ନ୍ତ
କେମିତକା ପ୍ରେମ ସିଏ
ଏ ପ୍ରେମ କାହାଣୀ ପଢ଼ିକ ଜାଣିବ
ଏମିତ ବ ପ୍ରେମ ହୁଏ ।

ସୁନ୍ଦରପୁର, ଉତ୍ତରକୂଳ, ପ୍ରୀତପୁର, ଯାଜପୁର

# ମୋ ଚପଲ

ସୁଶ୍ରୀ ମାହେଶ୍ୱରୀ ରଥ



ମାଡ଼ିଛ କେତେ ଖାଲ ଓ ଢିପ
ବନ୍ଧୁର ଚଲାପଥ,
ତାହାର ପାଇଁ ଆରାମ ପାଏ
ମୋର କଅଁଳ ପାଦ ।୧ ।
ଅଭିମାନ ସେ କରନି କେବେ
ମନେ ତା ନାହିଁ ଦୁଃଖ,
ପାଦରେ ତାକୁ ମାଡ଼ି ଚାଲିଲେ
ପାଦ ମୋ ପାଏ ସୁଖ ।୨ ।
ଖରା ନାହିଁ କି ବରଷା ନାହିଁ
ନାହିଁ ବା ଦିନ ରାତି,
ଯିଆଡ଼େ ଯାଏ ଯେମିତି ଯାଏ
ଚପଲ ମୋର ସାଥୀ ।୩ ।
ଭଲ ଓ ମନ୍ଦ, ରାଗ ଓ ରୁଷା
ମନରେ ନାହିଁ ତା'ର
ନୂଆ ଚପଲ ପିନ୍ଧିବା ପାଇଁ
ହୁଏ ମୁଁ ତରତର ।୪ ।
ଚପଲ ପରି ସହି ସହିକା
ଚାଲିବି ମୋର ବାଟ,
ଚପଲ ପରି ସାଙ୍ଗ ଥିଲେ ମୋ
ହେବନି କେବେ କଷ୍ଟ ।୫ ।
ଚପଲ ମୋର ସୁନା ଚପଲ
ଥିଲେ ମୋ ପାଦେ ତୁହି
ପାଦକୁ ମୋର ନ ହେବ ବାଧା
ଖୁସିରେ ଥିବି ରହି ।୬ ।

ବ୍ରହ୍ମପୁର

# କୃଷକ ଆତ୍ମହତ୍ୟା କାହିଁକି ?

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ



ବର୍ତ୍ତମାନ ଦେଶରେ ସବୁଠାରୁ ବଡ଼ ଖବର ହେଉଛି କୃଷକମାନଙ୍କ ଆତ୍ମହତ୍ୟା । ଗତକାଲି ଅପରାହ୍ନରେ ଦିଲ୍ଲୀରେ ଆମ୍ ଆଦମୀ ପାର୍ଟିର ଏକ କାର୍ଯ୍ୟକ୍ରମ ସମୟରେ ଜଣେ କୃଷକ ନିଜ ବେକରେ ଦଉଡ଼ି ଦେଇ ଗଛରୁ ଝୁଲି ପଡ଼ିଥିଲେ । ପରେ ତାଙ୍କୁ ମୃତ ବୋଲି ଘୋଷଣା କରାଯାଇଥିଲା ଅବଶ୍ୟ । ହେଲେ ଏହି ମୃତ୍ୟୁପରେ ଦେଶରେ ରାଜନୈତିକ କାଦୁଅ ଫୋପଡ଼ାଫୋପଡ଼ି ଆରମ୍ଭ ହୋଇଗଲା । ଆପ୍ କର୍ମକର୍ତ୍ତା ଓ ସର୍ବୋପରି ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ ସେହି ସଭାରେ ଉପସ୍ଥିତ ଥିବା ସତ୍ତ୍ୱେ ଏହିପରି ଅଘଟଣ ଘଟିଲା କାହିଁକି ? କୃଷକ ଜଣକ ଆତ୍ମହତ୍ୟା କରିବା ଜଣାପଡ଼ିବାପରେ କାର୍ଯ୍ୟକ୍ରମକୁ ରଦ୍ଦ କରାନଯାଇ ଚାଲୁ ରଖାଗଲା କାହିଁକି ? କୃଷକଜଣକ ଗଛ ଉପରେ ଚଢ଼ିବା ବେଳେ ହାତରେ ଝାଡୁଧରିଥିଲା, ଯାହା ଆମ୍ ଆଦମୀ ପାର୍ଟିର ନିର୍ବାଚନୀ ଚିହ୍ନ, ଏହାର ଅର୍ଥ କଣ ଆମ୍ ଆଦମୀ ପାର୍ଟି ଜାଣିଶୁଣି ଏହି କାର୍ଯ୍ୟକ୍ରମ ଆୟୋଜନ କରିଥିଲେ କି ? ଆତ୍ମହତ୍ୟା ନାଟକ କରୁଥିବା ବେଳେ ଭୁଲବଶତଃ କୃଷକ ଜଣକ ନିଜକୁ ଶ୍ୱାସରୁଦ୍ଧ କରିପକାଇଥିଲେ କି ? ଏମିତି ଅନେକ ପ୍ରଶ୍ନ ସର୍ବସମ୍ମୁଖରେ ରହିଛି । ଅବଶ୍ୟ ସଭା ଚାଲୁଥିବା ବେଳେ କୃଷକ ଜଣକ ଆତ୍ମହତ୍ୟା ଉଦ୍ୟମ କରିଥିଲା, ମୃତ୍ୟୁ ହୋଇନଥିଲା । ଏବଂ ଆମ୍ ଆଦମୀ ପାର୍ଟିର ସଦସ୍ୟମାନେ ତ୍ୱରିତ ପଦକ୍ଷେପ ନେଇ କୃଷକଙ୍କୁ ଗଛରୁ ତଳକୁ ଓହ୍ଲାଇଥିଲେ ଏବଂ ତୁରନ୍ତ ତାଙ୍କୁ ହାସପାତାଳକୁ ପଠାଇ ଦିଆଯାଇଥିଲା । ତେଣୁ ଏମିତି କ୍ଷେତ୍ରରେ ଚାଲୁଥିବା ସଭାକୁ ବନ୍ଦକରିବାକୁ ହୁଏତ ଆମ୍ ଆଦମୀ ପାର୍ଟିର ନେତୃବୃନ୍ଦ ଉଚିତ ମନେ କରିନଥିବେ । ସେମାନେ ଭାବିଥିବେ ଯେ ଉତ୍ୟକ୍ତ ଚାଷୀ ଜଣକ ଆତ୍ମହତ୍ୟା ପାଇଁ ଉଦ୍ୟମ କରିଥିବ ହେଲେ ମୃତ୍ୟୁବରଣ କରିବ ନାହିଁ । ଏମିତି ବି ହୋଇପାରେ ।

ଆତ୍ମହତ୍ୟା ପରେ ପରେ କୃଷକ ପାଖରୁ ସୁଇସାଇଡ୍ ନୋଟ୍ ମିଳିବା ଏବଂ ସେଥିରେ ସେ

ଏଥିପାଇଁ ଫସଲ ହାନୀ ଓ ନିଜ ପିତା ଘରୁ ବାହାର କରିଦେଇଥିବା କଥା ଉଲ୍ଲେଖ କରିବା ସବୁ ଏକ ଜଣାଶୁଣା ନାଟକର ସଂଳାପ ପରି ଲାଗୁଥିଲା । କିଛି ସମୟପରେ ମୃତବ୍ୟକ୍ତିଙ୍କ ପରିଜନ କହିଥିଲେ ଯେ ସୁଇସାଇଡ୍ ନୋଟରେ ଥିବା ଲେଖା ମୃତ ବ୍ୟକ୍ତିଙ୍କର ନୁହେଁ । ସେ ଯା ହେଉ, ଜଣେ ବ୍ୟକ୍ତି ସର୍ବସମ୍ମୁଖରେ ଫାଶୀ ଦେଇ ଆତ୍ମହତ୍ୟା କଲେ ଅଥଚ ତାଙ୍କୁ କେହି ବଞ୍ଚାଇ ପାରିଲେ ନାହିଁ । ଏଠାରେ ଉଲ୍ଲେଖ କରିଦେବାକୁ ଉଚିତ ମନେ କରୁଛି ଯେ ସେହି ବ୍ୟକ୍ତି ଜଣକ ଦୁଇଘଣ୍ଟା ଧରି ସେହି ଗଛ ଉପରେ ଚଢ଼ି ବସିଥିଲେ । ତେଣୁ ହୁଏତ ସେ ଯେତେବେଳେ ଆତ୍ମହତ୍ୟା କରିବାକୁ ଉଦ୍ୟମ କରିଥିବେ ସେତେବେଳକୁ କେହି ଏହାକୁ ଗମ୍ଭୀରତାର ସହ ନେଇନଥିବେ । କାରଣ ଏମିତି କିଛି ହେବ ବୋଲି କେହି କେବେ ପୂର୍ବାନୁମାନ କରିବା ସମ୍ଭବ ନୁହେଁ । ପୁଣି, ଯଦି ସେହି ବ୍ୟକ୍ତି ଜଣକ ଆତ୍ମହତ୍ୟା କରିବା ଉଦ୍ଦେଶ୍ୟ ନେଇ ଉପରକୁ ଯାଇଥିଲେ ତା ହେଲେ ସେ ଏହି ବିଷୟରେ କାହାକୁ ନା କାହାକୁ ନିଶ୍ଚୟ କହିଥିବେ । ସଭାରେ ଉପସ୍ଥିତ କୌଣସି ବ୍ୟକ୍ତି ଏହି ବିଷୟରେ ଜାଣିଥିବା ସ୍ୱାଭାବିକ । କେହି ତାଙ୍କୁ ଏଥିରୁ ବିରତ କରାଇଲେ ନାହିଁ କାହିଁକି ? ଆଉ ଯଦି ସେ କାହାକୁ କିଛି ନ ଜଣାଇ ନିଜେ ନିଜେ ଏହିପରି ପଦକ୍ଷେପ ନେଇଥାନ୍ତି ତା ହେଲେ ଏଥିପାଇଁ କୌଣସି ରାଜନୈତିକ ଦଳକୁ ଦୋଷ ଦେବା ଉଚିତ ହେବ କି ?

ଭାରତୀୟ ଜନତା ପାର୍ଟି ଦ୍ୱାରା ଆଗତ ଜମି ଅଧିଗ୍ରହଣ ବିଲ ବିପକ୍ଷରେ ଅନେକ କାର୍ଯ୍ୟକ୍ରମ ବିଭିନ୍ନ ରାଜନୈତିକ ଦଳମାନଙ୍କ ଦ୍ୱାରା ଆୟୋଜନ ହୋଇ ଆସୁଛି । ଏଥି ସହିତ କୃଷକମାନଙ୍କ ଦୁରାବସ୍ଥା ବିଷୟରେ ବି ଅନେକ ଦଳ କାର୍ଯ୍ୟକ୍ରମମାନ ଆୟୋଜନ କରୁଛନ୍ତି । ନିଶ୍ଚୟ ଭାବେ କୃଷକର ସମୃଦ୍ଧିରେ ହିଁ ଆମ ଦେଶର ସମୃଦ୍ଧି ସମ୍ଭବ । କାରଣ ଆମ ପେଟକୁ ଯାଉଥିବା ଅନ୍ନ ସେମାନେ ହିଁ ତ ଯୋଗାନ୍ତି । ସେମାନଙ୍କ ଭଲମନ୍ଦ ବୁଝିବା ସବୁ ସରକାରଙ୍କ ଦାୟିତ୍ୱ । ବିଗତ କିଛି ବର୍ଷ ହେଲା ଭାରତରେ କୃଷକ ଆତ୍ମହତ୍ୟା ସଂଖ୍ୟା ବୃଦ୍ଧିପାଇବାରେ ଲାଗିଛି । ଏହାର ଅନେକ କାରଣ ରହିଛି, କିନ୍ତୁ ପ୍ରାୟ ପ୍ରତ୍ୟେକ କ୍ଷେତ୍ରରେ କୃଷକ ଜଣକ ଆଣିଥିବା ଋଣ ସୁଝିନପାରିବା ହେତୁ ଆତ୍ମହତ୍ୟା କରୁଛି ବୋଲି କୁହାଯାଉଛି । ସମସ୍ତ କୃଷକ ସମୃଦ୍ଧ ନୁହନ୍ତି, ଏଠି ଭାଗଚାଷୀ ବି ଅଛନ୍ତି ଆଉ କିଛି ଗରୀବ ଚାଷୀ ବି ଅଛନ୍ତି । ଯେଉଁମାନେ କେବଳ ଚାଷବାସ କରି ଜୀବିକାନିର୍ବାହ କରନ୍ତି । ପ୍ରତିବର୍ଷ ଚାଷ ହେବା ଋତୁରେ ଏମାନେ ବିଭିନ୍ନ ବ୍ୟାଙ୍କ ତଥା ମହାଜନ ମାନଙ୍କଠାରୁ ଋଣ ବା ଉଧାର ଆଣି ଚାଷ କରିଥାନ୍ତି ।

ହେଲେ ଭାରତରେ ବର୍ଷା ବା ମୌସୁମୀବାୟୁର କୌଣସି ଠିକଠିକଣା ନଥିବା ହେତୁ ବେଳେ ବେଳେ ଚାଷୀ ଜଳାଭାବରୁ କ୍ଷତଗ୍ରସ୍ତ ହୋଇଥାଏ । ଅବଶ୍ୟ ସରକାରୀ ସ୍ତରରେ ଏମିତ ଚାଷୀମାନଙ୍କୁ କ୍ଷତପୂରଣ ଦିଆଯାଏ, କିନ୍ତୁ ତାହା ଚାଷୀ ଆଣିଥିବା ଋଣକୁ ସମ୍ପୂର୍ଣ୍ଣ ଭାବେ ପରିଶୋଧ କରିବାପାଇଁ ନିଅଣ୍ଟ ହୁଏ । ତେଣେ କେବଳ ଚାଷ ଉପରେ ନିର୍ଭର ଚାଷୀ ହତୋତ୍ସାହିତ ହୋଇ ଆତ୍ମହତ୍ୟାପର ପଦକ୍ଷେପ ନେବାକୁ ବାଧ୍ୟ ହୁଏ ।

ବିଗତ ବର୍ଷମାନଙ୍କରେ ଆନ୍ଧ୍ରପ୍ରଦେଶ, ମହାରାଷ୍ଟ୍ର, ମଧ୍ୟପ୍ରଦେଶ, ଉତ୍ତରପ୍ରଦେଶ ଆଦି ଅନେକ ରାଜ୍ୟରେ କୃଷକ ଆତ୍ମହତ୍ୟାର ଘଟଣାମାନ ପ୍ରକାଶିତ ହୋଇଛି । ଏହି ଅବସ୍ଥା ଏତେ ଖରାପଥିଲା ଯେ ବଲିଉଡ଼ର ନିର୍ମାତା ଅମୀର ଖାନ ଏହି ବିଷୟ ଆଧାରିତ ଏକ ଚଳଚ୍ଚିତ୍ର 'ପିପ୍‌ଲି ଲାଇଭ୍' ପ୍ରସ୍ତୁତ କରି ଅନେକ ପୁରସ୍କାର ପାଇଛନ୍ତି । ବର୍ତ୍ତମାନ ପ୍ରଶ୍ନ ଉଠୁଛି ଚାଷୀମାନଙ୍କ ଦୟନୀୟ ଅବସ୍ଥା ପାଇଁ କିଏ ଦାୟୀ ? କିଛି ରାଜନେତା କଥା ଛଳରେ କହିଲେ, ଯଦି ଜଣେ ଜଣେ ଚାଷୀ ପାଞ୍ଚ ପାଞ୍ଚଜଣ ପିଲା ଜନ୍ମ କରିବେ ତ ଆତ୍ମହତ୍ୟା କରିବା ଛଡ଼ା ଆଉ କିଛି ଉପାୟ ନାହିଁ । ସେ କଥାଟା କେଉଁ ଭାବରେ କହିଥିଲେ ତାହା ବର୍ତ୍ତମାନ ଚର୍ଚ୍ଚାର ବିଷୟ ନାହିଁ, ବିଷୟ ହେଉଛି ସେ ସତ କହିଛନ୍ତି ନା ନାହିଁ ? ଆମେ ଯାହା ମନେ କରୁଛୁ, କଥାଟା ଷୋହଳ ଅଣା ସତ । ଆଜିକାଲିର ମହଙ୍ଗା ଯୁଗରେ ଗୋଟିଏ କିମ୍ବା ଦୁଇଟି ସନ୍ତାନ ଜନ୍ମ କରିବା ଏବଂ ସେମାନଙ୍କୁ ସମସ୍ତ ସୁବିଧା ଦେଇ ପାଳନ ପୋଷଣ କରିବା କେତେ କଷ୍ଟକର ତାହା ସମସ୍ତେ ଜାଣନ୍ତି । ସହରରେ ଘର କରିଥିବା ଏବଂ ମୋଟା ଅଙ୍କର ଦରମା ପାଉଥିବା ବ୍ୟକ୍ତିମାନେ ମଧ୍ୟ ଏହାକୁ ସମର୍ଥନ ଦେବେ । କାରଣ, ଆଜିକାଲି ସବୁ ଜିନିଷ ପାଇଁ ଦରକାର ଟଙ୍କା, ଅଥଚ ଆର୍ଥିକ ଭାବରେ ସ୍ୱଚ୍ଛଳ ନଥିବା ଅନେକ ପରିବାରରେ ଏକାଧିକ ପିଲା ଜନ୍ମ କରିବାର ଉଦାହରଣ ବିରଳ ନାହିଁ । ଅନେକ ଏହାକୁ ଭଗବାନଙ୍କ ଆଶୀର୍ବାଦ ବୋଲି ମଧ୍ୟ କହିଛନ୍ତି । କେବଳ ଚାଷବାସରେ ହିଁ ଏହି ସମସ୍ତ ପିଲାଙ୍କୁ ଦୁଇ ଓଳି ଖାଇବାକୁ ଦେବାକୁ ଅର୍ଥାଭାବ ଦେଖାଦେବା ସ୍ୱାଭାବିକ । ପୁଣି କେବଳ ଖାଇବାପିଇବା ବ୍ୟତୀତ ଆହୁରି ଅନେକ ଆନୁସଙ୍ଗିକ ଖର୍ଚ୍ଚ ମଧ୍ୟ ରହିଛି । ସେ ସବୁର ଭରଣପୋଷଣ କିଏ କରିବ ? ସରକାର ସବୁଠାରେ ସବୁ ବ୍ୟବସ୍ଥା କରିଦେଇ ପାରିବେ ନାହିଁ । ଯେଉଁମାନେ ଗରୀବରେଖା ତଳେ ରହୁଛନ୍ତି ସେମାନଙ୍କୁ ହୁଏତ ମାଗଣାରେ ରହିବାକୁ ଘର, ବିଦ୍ୟୁତ, ଇନ୍ଧନ ଆଦି ମିଳିପାରୁଥିବ, ହେଲେ ସମସ୍ତଙ୍କୁ ଏ ସବୁ ଦେବା ସମ୍ଭବ ନାହିଁ । ତା ହେଲେ

ବୁଦ୍ଧିଜୀବି ଦେଇଥିବା ମତ ଠିକ୍ । ଘର ଚଳେଇବି କେମିତି ? ଋଣ ପରିଶୋଧ କରିବି କେମିତି ? ବହନ କରିବି କେମିତି ? ଏମିତି ଅନେକ ପ୍ରଶ୍ନର ଉତ୍ତର ନ ପାଇ ମାନସିକ ଭାବରେ ବ୍ୟତିବ୍ୟସ୍ତ ହୋଇଯିବା ସ୍ୱାଭାବିକ କଥା ।

ଆଉ ଗୋଟିଏ କଥାପ୍ରତି ମଧ୍ୟ ବିଶେଷ ଧ୍ୟାନ ଦେବା ଉଚିତ ମନେ କରୁଛି, ଆଉ ତାହା ହେଉଛି ସରକାରୀ କ୍ଷତିପୂରଣ ବ୍ୟବସ୍ଥା । ପ୍ରତିବର୍ଷ ଭାରତର କୌଣସି ନା କୌଣସି ରାଜ୍ୟରେ ମରୁଡ଼ି ପରି ଅବସ୍ଥା ଦେଖା ଦେଉଛି, ଏବଂ ସେହି ରାଜ୍ୟ ସରକାର ଚାଷୀମାନଙ୍କୁ କ୍ଷତିପୂରଣ ଦେଉଛନ୍ତି । ଏକର ପିଚ୍ଛା କିଛି କିଛି ଅର୍ଥ ବ୍ୟବସ୍ଥା କରିଦେବା ଫଳରେ କିଛି ନାମମାତ୍ର ଚାଷୀ, କ୍ଷତିଗ୍ରସ୍ତ ହୋଇଥିବା ପରିମାଣ ନ ପାଇ ବ୍ୟତିବ୍ୟସ୍ତ ହେଉଛନ୍ତି, ଆଉ କେତେକ ମାଗଣାରେ ଫାଇଦା ପାଉଛନ୍ତି । ଦେଶରେ ପ୍ରତିଦିନ ଅଗଣିତ ଲୋକ ଆତ୍ମହତ୍ୟା କରୁଛନ୍ତି । କିଏ ଅର୍ଥାଭାବରୁ ତ କିଏ ମାନସିକ ବିଷାଦରୁ ପୁଣି କିଏ ପ୍ରେମପ୍ରତାରଣାରୁ ତ କିଏ ପରୀକ୍ଷାରେ ଅକୃତକାର୍ଯ୍ୟ ହେବାରୁ, କିଏ କିଏ ଚାକିରୀ ବେଉସା ନ ପାଇବାରୁ କରୁଛନ୍ତି । ଚାଷୀ ଆତ୍ମହତ୍ୟା ସଂଖ୍ୟା ବୋଧହୁଏ ସେ ସବୁ ସଂଖ୍ୟାଠାରୁ ନଗଣ୍ୟ । ପ୍ରତିବର୍ଷ ଅଗଣିତ ଛାତ୍ରଛାତ୍ରୀ ଉଚ୍ଚଶିକ୍ଷା ନିମନ୍ତେ ଦେଶର ବିଭିନ୍ନ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ ମାନଙ୍କରେ ପ୍ରବେଶ କରୁଛନ୍ତି, ଅନେକ କୃତକାର୍ଯ୍ୟ ହୋଇ ସଫଳତାର ସହ ଶିକ୍ଷା ସମାପନ କରୁଛନ୍ତି, ହେଲେ ଏ ସମସ୍ତଙ୍କୁ ଚାକିରୀ ମିଳୁଛି କି ? ଓଡ଼ିଶାରେ ପ୍ରତିବର୍ଷ ୧୦-୧୨ ହଜାର ଇଞ୍ଜିନିୟର ବାହାରୁଛନ୍ତି, ସେମାନେ ସମସ୍ତେ ଚାକିରୀ କରିପାରୁଛନ୍ତି କି ? ସେମାନଙ୍କ ମଧ୍ୟରୁ କେତେ ଜଣ ଆତ୍ମହତ୍ୟା କରୁଛନ୍ତି ତାହାର ପରିସଂଖ୍ୟାନ ପାଇଁ କେତେ ରାଜନୈତିକ ଦଳ ଚିନ୍ତା କରୁଛି । ଭାରତର ପ୍ରଧାନମନ୍ତ୍ରୀ ଅତି ଗର୍ବର ସହ କହୁଛନ୍ତି ଭାରତର ଜନସଂଖ୍ୟାର ଏକ ବଡ଼ ଭାଗ କେବଳ ଯୁବବର୍ଗ । ସେହି ଯୁବବର୍ଗ ଯେ ବିନା ଚାକିରୀ ବେଉସାରେ କେମିତି ବଞ୍ଚୁଛନ୍ତି ସେ ବିଷୟରେ ସେ ଚିନ୍ତା କରୁଛନ୍ତି କି ? ଭାରତର ଅଗଣିତ ଗ୍ରାମ ଜନପଦରେ ଅଗଣିତ ଲୋକ ପ୍ରତିବର୍ଷ ଆତ୍ମହତ୍ୟା କରୁଥିବା ବେଳେ କେହି କେବେ ଏହାକୁ ନେଇ ରାଷ୍ଟ୍ରୀୟ ସ୍ତରରେ ତୁମ୍ବିତୋଫାନ କରିବା ଭଳି ଦେଖାଯାଇଛି କି ? ନା । ଆଜି କିନ୍ତୁ ଯେହେତୁ ଜଣେ ବ୍ୟକ୍ତି ଦିଲ୍ଲୀରେ ସର୍ବସମ୍ମୁଖରେ ଆତ୍ମହତ୍ୟା କରିପକାଇଲା, ସବୁ ରାଜନୈତିକ ଦଳ ସମ୍ବେଦନା ଦେଖାଇବାପାଇଁ ଆଗକୁ ଆସୁଛନ୍ତି ।

ଭାରତୀୟ ଦଣ୍ଡ ବିଧି ସଂହିତାରେ ଆତ୍ମହତ୍ୟା ଏକ ଘୋର ଅପରାଧ ବୋଲି ଘୋଷଣା କରାଯାଇଛି

ଏବଂ ଆତ୍ମହତ୍ୟା କରିବା କିମ୍ବା କରିବାକୁ ଚେଷ୍ଟା କରୁଥିବା ବ୍ୟକ୍ତିଙ୍କୁ ଦଣ୍ଡ ବିଧାନ ହେବା ଉଚିତ । ତା ହେଲେ ଯେଉଁ ବ୍ୟକ୍ତିଜଣକ ଆତ୍ମହତ୍ୟା କରିଛନ୍ତି ସେ ଆଇନ ଦୃଷ୍ଟିରେ ଜଣେ ଅପରାଧି । ଆଉ ସେ କରିଥିବା କର୍ମ ମଧ୍ୟ ଅପରାଧ ଗଣ୍ୟ । ସେହିପରି ବ୍ୟକ୍ତି ପ୍ରତି ସମ୍ବେଦନ ଦେଖାଉଥିବା ରାଜନୈତିକ ଦଳ ଭାରତୀୟ ଦଣ୍ଡବିଧି ଆଇନକୁ ପରିହାସ କରିବା ପରି ମନେ ହେଉନାହିଁ କି ?

ମୋ ମତରେ ଆତ୍ମହତ୍ୟା ପଛରେ ଯାହା ବି କାରଣ ଥାଉ ନା କାହିଁକି, ଜୀବନ ହାରିଦେବା ଭଳି ପଦକ୍ଷେପ ନେଉଥିବା ବ୍ୟକ୍ତି ହିଁ ଅସଲ ଅପରାଧି । ମୃତ୍ୟୁ କୌଣସି ସମସ୍ୟାର ସମାଧାନ ନୁହେଁ, ଏହା ସମସ୍ୟାକୁ ଏଡ଼ାଇ ଯିବାର ଶେଷ ଚରମ ବ୍ୟବସ୍ଥା । ହେଲେ ଜଣେ ବ୍ୟକ୍ତି ମୃତ୍ୟୁବରଣ କଲେ ତା ନାଁରେ ଥିବା ଋଣ ପରିଶୋଧ ହୋଇଯାଏ କି ? କୃଷୀ ଆତ୍ମହତ୍ୟା କଲେ ସରକାରଙ୍କ ତରଫରୁ ପରିବାରକୁ ଭରଣପୋଷଣ ପାଇଁ ଅନୁକମ୍ପାମୂଳକ ଅର୍ଥ ଦେବା ବ୍ୟବସ୍ଥାକୁ ବନ୍ଦ କରିବାକୁ ପଡ଼ିବ । ମୃତ୍ୟୁବରଣ କରିଦେଲେ ପରିବାରର ପେଟ ପୋଷିବା ସମ୍ଭବ ହୋଇପାରିବ କି ? ଯେଉଁ ବ୍ୟକ୍ତିଜଣକ ଆତ୍ମହତ୍ୟା କରିଥିଲେ ସେ ମାନସିକ ସ୍ତରରେ ରୁଗ୍‌ଣ ଥିଲେ କି ? ଯଦି ଥିଲେ ତା ହେଲେ ତାଙ୍କର ଏତାଦୃଶ କାର୍ଯ୍ୟକୁ ବୁଝେଇବା ସହଜ ହେବ, କିନ୍ତୁ ଯଦି ସେ ମାନସିକ ରୋଗୀ ନଥିଲେ ତା ହେଲେ ତାଙ୍କର ଏହି ଆତ୍ମହତ୍ୟା ପଛରେ ଦାୟୀ କେବଳ ସେ ନିଜେ । ଆଉ କେହି ନୁହେଁ ।

# ଆମ ଜାତୀୟ ପଶୁ

ଡା. ସୌମ୍ୟରଞ୍ଜନ ମିଶ୍ର



ବାଘ ବଦଳରେ ସିଂହକୁ
ଭାରତର ଜାତୀୟ ପଶୁର ମର୍ଯ୍ୟାଦା ଦେବାକୁ
ମିନିଷ୍ଟ୍ରିରେ ହେବାରୁ ତର୍ଜମା
ଗୃହପାଳିତ ପଶୁଙ୍କର ନେତା ମାନଙ୍କୁ
ଏ କଥା ଭଲ ଲାଗିଲାନି ଜମା ।

କରିବାକୁ ଏହାର ବିରୋଧ
ଦିଆଗଲା ଦିଲ୍ଲୀଚଲୋ ନାରା
ଡକାଗଲା ମହାଧିବେଶନ
ଦେଇକି ବିବିଧ ସ୍ଲୋଗାନ
ନେତାଏ ପହଞ୍ଚିଲେ ରାମଲୀଲା ମଇଦାନ ।

ଜାତୀୟ ପଶୁ ହେବାକୁ ମନୋନୟନ
ସର୍ବାଗ୍ରେ ରହିଲା ଗୋମାତାଙ୍କ ନାମ
କିନ୍ତୁ ହିନ୍ଦୁଙ୍କ ସହ ଆନ୍ତରିକ ଭାବେ
ହୋଇଥିବାରୁ ଜଡ଼ିତ
ନାମଟା କଟା ଖାଇଲା ତଡ଼ିତ୍ ।

ଯଦିଓ କର୍ମଜୀବି କୃଷକ ଓ
କୃଷି ସହ ଜଡ଼ିତ
ବଳଦ ନାମଟା ଧର୍ମନିରପେକ୍ଷ ଥିଲା
ନପୁଂସକ ଦୋଷରୁ

ଏ ନାମଟା ବ କାଟ ଖାଇଗଲ୍ ।

ନରୀହ ଛେଳ ଓ ମେଣ୍ଢାର ନାମ
ବନା ପ୍ରତବାଦରେ କଟିଗଲ୍ ।
ସେମାନେ ହେଲ୍ପର କଟା
ଅସନା ହେଉଥିବାରୁ ସେହପର
କଟିଗଲ୍ ଘୁଷୁରୀର ନାମଟା ।

ଭରତ ଯେହେତୁ ଦେଶ ଜ୍ଞାନୀ ଗୁଣିଙ୍କର
ଗଧନାମ ତେଣୁ କରଗଲାନ ବଗ୍ଦର
ଆଉ ନାମ ମାତ୍ର ବଳଗଲ୍ ଦୁଇ
ଦୁହେଁ ଆଧୁନକ ମଣିଷର ପ୍ରିୟ
କୁକୁର ବଲେଇ ।

ବଲେଇ ହେଲେ ବ ନରମ
ଭଲ ନୁହେଁ ଜମା ତା'ର କାମ
ଏଘର ମାଉସୀ ସିଏ ସେ ଘର ପିଉସୀ
ନଜ ସ୍ୱାର୍ଥପାଇଁ ପରକୁ
ଚଢ଼ାଇପାରେ ଫାଶୀ ।

ସବୁଠାରୁ ଯୋଗ୍ୟ ନାମ ବଶ୍ୱାସୀ କୁକୁର
ହେଲେ ଚନ୍ଦ୍ରରେ କଳଙ୍କ ପର
ହାଟେ ପଡ଼ି ଦାଣ୍ଡେ ଗଡ଼େ
ଏହାଙ୍କ ଖୋଲା ଯୌନାଗ୍ଦର
ଚରତ୍ର ନଥିଲେ ସବୁ ତ ଅସାର ।

ତେଣୁ କୁକୁର ନାମ ମଧ ନାକଚ ହୋଇଲା
ତା' ସହିତ ଆବେଦନ ପତ୍ର ସରଗଲା
ପଶୁନେତା ମାନେ ସବୁଆଡୁ କରିକ ତର୍ଜମା
ଗୋଟିଏ ନାମ ଚୟନରେ
ପହଞ୍ଚିପାରିଲେନି ଜମା ।

ପାଖେ ଗଛେ ବସି ହନୁ ଦେଖୁଥିଲା ସବୁ
ସନ୍ତର୍ପଣେ ଓହ୍ଲାଇଲା, ପରିସ୍ଥିତି ହେବାରୁ ବେକାବୁ
ପଶୁନେତାମାନେ ତାଙ୍କୁ ନିରପେକ୍ଷ ମଣି
ପରିସ୍ଥିତିର ଗମ୍ଭୀରତା ବସିଲେ ବଖାଣି
ହନୁ ଟିକେ ଚିନ୍ତାକଲା
ଆଉ ଅଭୟ ମୁଦ୍ରାରେ ଆଶ୍ୱାସନା ଦେଲା ।

କହିଲା, ତୁମ୍ଭେ କିପାଇଁ କରୁଛ ଝଗଡ଼ା
ଏ ମାନ୍ୟତା ପାଇଁ ଉଚିତ ମଣିଷବାପୁଡ଼ା
ଭାରତର ଜନସଂଖ୍ୟା ବଢୁଅଛି ହୁ ହୁ
ଚୀନକୁ ଟପିଯିବ ଆଉ କେଇବର୍ଷ ଯାଉ ।

ଭାରତୀୟ ପିନ୍ଧୁଛନ୍ତି ଯେମିତି ପୋଷାକ
ସଂସ୍କୃତିର ସେହି ଏକା ରଖିଛନ୍ତି ଟେକ
ନିଜ ପରମ୍ପରା କରିକ ପାମ୍ପରା
ବସୁଧୈବ କୁଟୁମ୍ବକଂ ଦେଉଛନ୍ତି ନାରା
କିନ୍ତୁ ଯେଉଁ ଜନ୍ତୁ ଗୁଣସବୁ ତୁମଠାରେ ଅଛି
ମଣିଷ ଦେହରେ ସେ ସବୁ ଖୁନ୍ଦିକି ଭରିଛି ।

ବରଂ, ତୁମେମାନେ ଏବେଠାରୁ ଲବି କର

ଭାରତର ଜାତୀୟ ପଶୁ ହୋଇଯାଉ ନର
ହନୁକଥା ସମସ୍ତଙ୍କ ମନକୁ ପାଇଲା
ସର୍ବସମ୍ମତରେ ଏହା ଘୋଷଣା ହୋଇଲା
ଭାରତର ଜାତୀୟ ପଶୁ ହୋଇବ ମାନବ
ପଶୁଙ୍କର ଆପତ୍ତିନାହିଁ ବୋଲ
ମିନିଷ୍ଟ୍ରିକୁ ଚଠି ଲେଖାଯିବ ।

ମଧ୍ୟଖଣ୍ଡୀ, ଶ୍ରୀବଳଦେବ ଜୀୟୁ
କେନ୍ଦ୍ରାପଡ଼ା - ୭୫୪୨୧୨
ମୋବାଇଲ୍ : ୯୯୩୭୩୭୪୩୪୨
ଇ-ମେଲ୍ : dr.srmishra@gmail.com

# କୋପିତ ବସୁଧା

ହିମାଂଶୁ ଶେଖର ବାରିକ



କୋପିତ ହୋଇଛି ବସୁଧା ମାଆ ଯେ
କେ ତାକୁ କରିବ ଶାନ୍ତ
ସଭ୍ୟ ସମାଜର ଅଦୂରଦର୍ଶିତା
କରେ ତା ରୂପ ଅଶାନ୍ତ ।୧ ।

ହେଲା ଥରହର ତାର କଳେବର
କମ୍ପାଇଲା ପାଞ୍ଚ ଦେଶ
ନେପାଳ ଭାରତ ତିବ୍ବତ ସମେତ
ପାକିସ୍ଥାନ ବାଙ୍ଗଲାଦେଶ ।୨ ।

ହଜାର ହଜାର ବହେ ଶବଧାର
ଶତାଧିକ ପ୍ରାଣାହତ
ଗତ ଉଜାଗର ଜନନୀ କାହାର
ଡାକେ ରଖ ଜଗନ୍ନାଥ ।୩ ।

ତନ ଦନଧର ତମ୍ବୁତଳେ ପଡ଼ି
ରହିଛନ୍ତି କେତେ ଜନ
କୁଢ଼ କୁଢ଼ ଶବ ଚତୁର୍ଦିଗମୟ

www.aahwaan.com

ସଂଗେ ବରଷା ତୋଫାନ   ।୪ ।

ଖାଇବାକୁ ନାହିଁ   ପିଇବାକୁ ନାହିଁ

ରହ ରହ ଥରେ ଭୂଇଁ

ଏକଶତବାର   ଝଟକା ମାରଇ

ଆଶଙ୍କା ପୁନଃ ବଢ଼ାଇ   ।୫ ।

ସାହାଯ୍ୟର ହାତ   ବଢ଼ାଇଲେ କେତେ

ଦୁଃଖ ତ କମଇ ନାହିଁ

ପଶୁପତ ନାଥ   ତୁମେ ସୁରକ୍ଷିତ

ବୋଲ କ ପଡ଼ିଲ ଶୋଇ   ।୬ ।

ତୁମର ଭକତ   ଆକୁଳ ଚତ୍କାର

କର୍ଣ୍ଣେ କ ବାଜଇ ନାହିଁ

ଆହେ ଅଶୁତୋଷ   ନ କର ଉଛୁର

ବସୁଧା ଦଅ ବତାଇ   ।୭ ।

ପୁତ୍ର ହୋଇପାରେ   କୁସନ୍ତାନ ତୋର

କୁମାତା ତୁ ତ ନୋହିଁ

ଶାନ୍ତ କର ଏବେ   ପ୍ରକୋପ ତୋହର

ମାଆ ଗୋ କରୁଣାମୟୀ   ।୮ ।

# ନୈତିକତା ବନାମ ଧାର୍ମିକତା

ବାଲ୍ମୀକି ନାୟକ



ଅଧିକାଂଶ ଧାର୍ମିକ ମତବାଦୀମାନେ କୁହନ୍ତି - ସମାଜରେ ନୈତିକତା ରକ୍ଷା କରିବା ପାଇଁ ଈଶ୍ୱର ଓ ଧର୍ମର ଭୟ ରହିବା ନିହାତି ଆବଶ୍ୟକ । ପୁନର୍ଜନ୍ମର କର୍ମଫଳ ଓ ପାପ କର୍ମ ଯୋଗୁଁ ନର୍କ ଦଣ୍ଡ ଭୟରେ ହିଁ ଲୋକମାନେ ଅପକର୍ମ କରିବାକୁ ଚାହାନ୍ତି ନାହିଁ ।

ଆମ ମନରେ ସନ୍ଦେହ ହେଉଛି - ଏହା କଣ ସତ୍ୟ ? ଆମେ ଚଳନ୍ତି ସମାଜ ଓ ଇତିହାସକୁ ଦେଖିଲେ ବୁଝିପାରିବା ଯେ ଈଶ୍ୱର କିମ୍ବା ନର୍କଦଣ୍ଡର ଭୟ ଯୋଗୁଁ କେହି ନୈତିକତା ରକ୍ଷା କରନ୍ତି ନାହିଁ ବରଂ ଅନୈତିକ କର୍ମ କରି ସାରି ଈଶ୍ୱରଙ୍କ ପୂଜା ଓ ପ୍ରାର୍ଥନା ଦ୍ୱାରା ସନ୍ତୁଷ୍ଟ କରି କ୍ଷମା ପାଇଯିବାର ବାଟ ଖୋଜି ବୁଲନ୍ତି । ବିଭିନ୍ନ ପାପକର୍ମପାଇଁ ବିଭିନ୍ନ ପ୍ରକାର ପୂଜା ପଦ୍ଧତି ଶାସ୍ତ୍ରମାନଙ୍କରେ ଉଲ୍ଲେଖ ଅଛି । ଯଥା ବ୍ରତ ଓ ଉପବାସ କରି, ବ୍ରାହ୍ମଣଙ୍କୁ ଦାନ କରି, ଦେବୀଙ୍କୁ ପଶୁ, ପକ୍ଷୀ ଓ ନରବଳି ଦେଇ, ଧାର୍ମିକ ମାନ୍ୟତା ପ୍ରାପ୍ତ ନଦନଦୀ ଓ ପୁଷ୍କରଣୀରେ ବୁଡ଼ ପକେଇ, ଦୁର୍ଗମ ଜଙ୍ଗଲ ଓ ପର୍ବତ ଅଞ୍ଚଳରେ ସ୍ଥାପିତ ଦେବୀ ଦେବତାଙ୍କ ଦର୍ଶନ କରି ନିଜକୁ ପାପମୁକ୍ତ ହୋଇଯିବାର ଆତ୍ମ ସନ୍ତୁଷ୍ଟି ପାଇଯାଆନ୍ତି । ଅର୍ଥାତ ଈଶ୍ୱର ଏହି ଜନ୍ମରେ ଆଉ ଦଣ୍ଡ ଦେବେ ନାହିଁ କିମ୍ବା ମୃତ୍ୟୁପରେ ବି ନର୍କ ଭୋଗ କରିବାକୁ ପଡ଼ିବ ନାହିଁ । ଆଉ ଚିନ୍ତା ରହିଲା କେଉଁଠି ?

ଆମେ ଦେଖିବା ପ୍ରକୃତରେ ଯଦି ଦେବୀଦେବତାଙ୍କ ଭୟ ଯୋଗୁଁ ନୈତିକତା ରକ୍ଷା ହୋଇପାରୁଥାନ୍ତା, ତେବେ ସମସ୍ତ ଲୁଣ୍ଠନକାରୀ, ହତ୍ୟାକାରୀ ଅପରାଧୀମାନେ ବି ସେମାନଙ୍କୁ ପୂଜାକରୁଛନ୍ତି କାହିଁକି ? ସମାଜରେ ବି ଆମେ ଦେଖୁ ଯିଏ ବେଶୀ ଅତ୍ୟାଚାରୀ, ଛଳ କପଟ କରି ଅଜସ୍ର ଧନ ଓ ପ୍ରତିପତ୍ତି ହାସଲ କରୁଛି, ସେହିଁ ବେଶୀ ଦାନ ଦକ୍ଷିଣା ଦେଇ ଯଜ୍ଞ, ପୂଜା ଓ ପାଠ

କରୁଛି । ଯଦି ଈଶ୍ୱରଙ୍କ ଭୟରେ ଲୋକମାନେ ନୈତିକ ହେବା ଉଚିତ ତେବେ ଅପରାଧୀମାନେ ଅପରାଧ ତ୍ୟାଗକରି ଭଦ୍ର ହୋଇ ଯାଉନାହାନ୍ତି କାହିଁକି ? ଏଥିରୁ ପ୍ରମାଣିତ ହେଉଛି - ପାପ କଲେ ନର୍କ ଭୋଗ ଭଳି କାଳ୍ପନିକ ଦଣ୍ଡ ବ୍ୟବସ୍ଥା ଧର୍ମଗୁରୁମାନେ କେବଳ ନିଜର ସ୍ୱାର୍ଥସିଦ୍ଧି ପାଇଁ ଏତେ ବେଶୀ ଗୁରୁତ୍ୱ ଦେଇ ରଖିଛନ୍ତି । ମଜା କଥା ହେଉଛି - ଧର୍ମ ନାମରେ ନୈତିକତାର ପାଠ ପଢ଼ାଉଥିବା ଅନେକ ତଥାକଥିତ ଧର୍ମଗୁରୁ ଅନୈତିକ କର୍ମ ଯୋଗୁଁ ସମାଜରେ ନିନ୍ଦିତ ଓ ଆଇନ ହାତରେ ଧରାପଡ଼ି ଜେଲ ଦଣ୍ଡ ଭୋଗକରୁଛନ୍ତି । ପ୍ରକୃତରେ ଯଦି ଈଶ୍ୱରଙ୍କ ଦ୍ୱାରା କ୍ଷମାଦାନ କିମ୍ବା ଦାନ ଓ ଦକ୍ଷିଣା ଦ୍ୱାରା ପାପମୁକ୍ତ ହେବାର ଆଶ୍ୱାସନା ପ୍ରଚାର ହୋଇନଥାନ୍ତା ତାହେଲେ ନିଶ୍ଚିତଭାବେ ଲୋକମାନେ ଅନୈତିକ କର୍ମଯୋଗୁଁ ନିଜ ବିବେକ ଦ୍ୱାରା ଅପରାଧ ବୋଧ ଅନୁଭବ କରୁଥାନ୍ତେ । ଦ୍ୱିତୀୟରେ ନିଜ ପରିବାର ଏବଂ ସମାଜ ଲୋକମାନଙ୍କ ଦ୍ୱାରା ତିରସ୍କୃତ ଓ ଉପେକ୍ଷିତ ହେବାର ଭୟରେ ନିଜକୁ ସଂଯତ କରିବାକୁ ବେଶୀ ଚେଷ୍ଟା କରୁଥାନ୍ତେ ।

ପୃଥିବୀରେ ବିଜ୍ଞାନର ପ୍ରଗତି ଯୋଗୁଁ ଦିନକୁ ଦିନ ମୃତ୍ୟୁହାର କମିଯିବା ଦ୍ୱାରା ଜନସଂଖ୍ୟା ବୃଦ୍ଧିପାଉଛି । ସେହି ଅନୁପାତରେ ସମସ୍ୟା ବି ବୃଦ୍ଧି ପାଉଛି । ଦୁନିଆର ପ୍ରତ୍ୟେକ ଦେଶରେ ଆର୍ଥିକ, ସାମାଜିକ, ରାଜନୈତିକ ଓ ବିଶେଷକରି ଧାର୍ମିକ ଅସହିଷ୍ଣୁତା କାରଣରୁ ବିଭିନ୍ନ ପ୍ରକାର ଭ୍ରଷ୍ଟାଚାର, ଅତ୍ୟାଚାର, ଶୋଷଣ ଏବଂ ହିଂସା ବଢ଼ି ଚାଲିଛି । ଉପରୋକ୍ତ ତିନିଗୋଟି - ଆର୍ଥିକ, ସାମାଜିକ ଓ ରାଜନୈତିକ କାରଣ ଗୁଡ଼ିକର ନିରାକରଣ ସମ୍ପୂର୍ଣ୍ଣ ଭାବେ ନ ହେଲେ ବି କେତେକାଂଶରେ ସମ୍ଭବ ହୋଇପାରୁଛି । କିନ୍ତୁ ଧାର୍ମିକ କାରଣରୁ ସୃଷ୍ଟି ହେଉଥିବା ଅତ୍ୟାଚାର, ଶୋଷଣ ଓ ହିଂସାକୁ ରୋକିବା ପାଇଁ କୌଣସି ଉପାୟ ମିଳୁନାହିଁ । ଗୋଟିଏ ଧର୍ମକୁ ମାନୁଥିବା ଲୋକମାନେ, ଅନ୍ୟ ଧର୍ମାବଲମ୍ବୀମାନଙ୍କୁ ଆଦୌ ସହ୍ୟ କରୁନାହାନ୍ତି । ବଡ଼ ଧର୍ମ ଓ ଛୋଟ ଧର୍ମର ମାନ୍ୟତା ହେଉଛି - କେଉଁ ଧର୍ମର ସମର୍ଥକ କେତେ ? କାହାର ଠାକୁର କେତେ ଶକ୍ତିଶାଳୀ ପ୍ରମାଣ କରିବା ସମ୍ଭବ ନୁହେଁ, ତେଣୁ ଭକ୍ତଙ୍କ ସଂଖ୍ୟା ଦେଖି ବଡ଼ ବା ସାନ ଠାକୁରଙ୍କ ନିର୍ଣ୍ଣୟ ହୁଏ । ନିଜର ଅସ୍ତିତ୍ୱ ଓ ଶ୍ରେଷ୍ଠତ୍ୱ ପ୍ରତିପାଦନ ପାଇଁ ଧର୍ମାବଲମ୍ବୀଙ୍କ ଭିତରେ ପ୍ରତିସ୍ପର୍ଦ୍ଧା ଲାଗି ରହିଛି । ସେଭଳି ପରିସ୍ଥିତିରେ ନୈତିକତା ରହିବ କେଉଁଠି ?

ସମାଜର ଅନେକ ପ୍ରତିଷ୍ଠିତ ଉଚ୍ଚଶିକ୍ଷିତ ଡାକ୍ତର, ଇଞ୍ଜିନିୟର, ପ୍ରଶାସନିକ ଅଧିକାରୀ, ଅଧ୍ୟାପକ

ଏବଂ ନେତା ଶ୍ରେଣୀର ଲୋକମାନେ ସମାଜରେ ବୃଦ୍ଧିପାଉଥିବା ଅବ୍ୟବସ୍ଥା ପ୍ରତି କ୍ଷୋଭ ପ୍ରକାଶ କରି ଏକ ଆତ୍ମପ୍ରବଞ୍ଚନା ମୂଳକ ମନ୍ତବ୍ୟ ଦେଇଥାନ୍ତି । ତାହା ହେଲା - ଆଧ୍ୟାତ୍ମିକ ଚେତନା ଅଭାବରୁ ସମାଜରେ ନୈତିକ ପତନ ଘଟୁଛି । ଏହାର ଅର୍ଥ ନୈତିକତା ସ୍ଥାପନ କରିବା ଉପାୟ ଆମ ପାଖରେ ନାହିଁ । ଦୁଇ ହାତ ଯୋଡ଼ି, ଆକାଶକୁ ଚାହିଁ ପ୍ରାର୍ଥନା କର - କାଳେ କୌଣସି ଅବତାର ପୁରୁଷ ଧରାଧାମକୁ ଓହ୍ଲାଇ ଆସି ସବୁ ସମସ୍ୟାର ସମାଧାନ କରିଦେବ । କାରଣ ମଣିଷ ଭିତରେ ଆଧ୍ୟାତ୍ମିକ ଚେତନା ଜାଗ୍ରତ କରିବା ପାଇଁ ଯେଉଁ ତଥାକଥିତ ଧର୍ମଗୁରୁମାନେ ଠିକା ନେଇଛନ୍ତି, ସେହିମାନେ ବର୍ତ୍ତମାନ ପଥଭ୍ରଷ୍ଟ । ମୋହ ମାୟା ତ୍ୟାଗ ପାଇଁ ଉଦ୍ଧତ ସ୍ୱରରେ ପ୍ରବଚନ ଦେଉଥିବା ଆଧ୍ୟାତ୍ମିକ ଗୁରୁମାନେ ଆଜି ସବୁଠୁ ବେଶୀ ମୋହମାୟାଗ୍ରସ୍ତ । ହୁଏତ ସେମାନେ ବୁଝିସାରିଛନ୍ତି ଯେ ଆଧ୍ୟାତ୍ମିକ ନାମକ କୌଣସି ଶକ୍ତି ନାହିଁ ଯାହା ଦ୍ୱାରା ମଣିଷର କୁପ୍ରବୃତ୍ତିକୁ ନିୟନ୍ତ୍ରଣ କରିପାରିବ । ଦ୍ୱିତୀୟତଃ ସମାଜରେ ଶୃଙ୍ଖଳା ରକ୍ଷା କରିବାପାଇଁ ଆଇନ ବା କାନୁନକୁ ବାଧ୍ୟତାମୂଳକ ଭାବେ ଲାଗୁକରୁଥିବା ଅଦାଲତ ଓ ପୋଲିସ ବି ଆଧ୍ୟାତ୍ମିକନୀତି ନିୟମକୁ ଲାଗୁ କରିପାରିବନି । ତେଣୁ ସହଜ ରାସ୍ତା ହେଉଛି - ଉପରୱାଲା ଉପରେ ସବୁ କିଛି ଛାଡ଼ିଦେଇ ପରସ୍ପରକୁ ସମାଲୋଚନା କରି ମନକୁ ସାନ୍ତ୍ୱନା ଦେଉଥାଅ ।

ସମସ୍ତେ ନହେଲେ ବି ବୁଦ୍ଧିଜୀବି ଗୋଷ୍ଠୀ ଯଦି ମୁକ୍ତମନରେ ସ୍ୱୀକାର କରନ୍ତେ କି କେବଳ ଧାର୍ମିକ କିମ୍ବା ଆଧ୍ୟାତ୍ମିକ ଚେତନା ଯୋଗୁଁ ସମାଜରେ ନୈତିକତା ବଢୁନି ବରଂ ଧର୍ମର ସୁରକ୍ଷା କବଚ ଅନୈତିକତାକୁ ମିଳିଯାଉଛି ଏବଂ ଧର୍ମର ଆବରଣ ତଳେ ଅନୈତିକତାକୁ ସାମାଜିକ ପ୍ରତିଷ୍ଠା ବି ମିଳି ପାରୁଛି ତେବେ ସେମାନଙ୍କୁ ଅନୁସରଣ କରି ସାଧାରଣ ଜନତା ବି ନୈତିକତାରଅ ପ୍ରକୃତ ଅର୍ଥ ବୁଝିପାରନ୍ତେ ।

ସାଧାରଣତଃ ସମାଜର ନିଶାସେବନ, ଯୌନ ବ୍ୟଭିଚାର, ହତ୍ୟା ଆଦି କର୍ମକୁ ଅନୈତିକ ଓ ଅପରାଧ ବୋଲି ମାନୁଛନ୍ତି କିନ୍ତୁ ଏହି ସମସ୍ତ କର୍ମ ଯୋଗସାଧନା, ତନ୍ତ୍ରସାଧନା, ଦେବଦାସୀପ୍ରଥା, ଯଜ୍ଞରେ ବଳିଦେବା ଆଦି ଧର୍ମ ନାମରେ ଖୋଲାଖୋଲି ଭାବରେ ହୋଇପାରୁଛି । ଏହି ଭଳି ଅପକର୍ମ କରୁଥିବା ସାଧୁ ସନ୍ୟାସୀ ବାବା ଆଦି ଧର୍ମଗୁରୁମାନେ ସମାଜରେ ପୂଜା ବି ପାଉଛନ୍ତି । ଏପରିକି

ହିନ୍ଦୁଧର୍ମର ଆରାଧ୍ୟ ଦେବତା ଶ୍ରୀକୃଷ୍ଣଙ୍କ ପ୍ରେମଲୀଳା ଆଜିର ସମାଜରେ ଗ୍ରହଣୀୟ ନୁହେଁ । ଅନ୍ୟାନ୍ୟ ଦେବୀ ଦେବତାଙ୍କ ଚରିତ୍ରରେ ବି ବିଭିନ୍ନ ପ୍ରକାରର ଅନୈତିକ କର୍ମର ଉଲ୍ଲେଖ ରହିଛି । ଯେଉଁ ଧର୍ମର ପୂଜ୍ୟ ଦେବୀ ଦେବତାଙ୍କ ଗୁଣରେ ଅନୈତିକତାର ଛାପ ରହିଥିବ, ସେଇଠି ମଣିଷ ଭକ୍ତି ଭଳି କେଉଁ ପ୍ରକାଶ ନୈତିକତା ଶିକ୍ଷା କରିବ ?

ଆଜିର ସଭ୍ୟ ସମାଜରେ ଅନୈତିକ କର୍ମ କରୁଥିବା ଅପରାଧୀ ଦାନ ଦକ୍ଷିଣା, ପୂଜା ପ୍ରାର୍ଥନା କରି ଧର୍ମ ଅଦାଲତରେ ନିଜକୁ ଯେତେ ନିର୍ଦ୍ଦୋଷ ବୋଲି ଆତ୍ମସନ୍ତୋଷ ପାଉଥିଲେ ବି ସମାଜର ଗଠିତ ଅଦାଲତରେ ସେ ନିଶ୍ଚିତ ଭାବେ ଉପଯୁକ୍ତ ଦଣ୍ଡ ପାଉଛି । ସେଇଥିପାଇଁ ଆଜିର ମଣିଷ ଧାର୍ମିକ ହେଉ ବା ନ ହେଉ ବାଧ୍ୟ ହୋଇ ନୈତିକତା ବାଟରେ ଚାଲୁଛି । ବର୍ଦ୍ଧିତ ଜନସଂଖ୍ୟା ତୁଳନାରେ ଅପରାଧୀଙ୍କ ସଂଖ୍ୟା ବହୁତ କମ । ତା ନ ହେଲେ ଗାଁ ହେଉ କି ସହରରେ ଆମେ କେହି ବି ସୁରକ୍ଷିତ ଜୀବନ ଅତିବାହିତ କରି ପାରୁନଥାନ୍ତେ । ମଣିଷ ସମାଜରେ ସମ୍ପୂର୍ଣ୍ଣ ଭାବେ ନୈତିକତା ସ୍ଥାପନ ହେବା ସମ୍ଭବ ନୁହେଁ । ପୁରୁଣା କାଳରେ ନଥିଲା ଏବଂ ଆଜି ବି ନାହିଁ । ଅସାମାଜିକ ଓ ଦୁଷ୍ଟ ପ୍ରବୃତ୍ତିର ମଣିଷ ସବୁବେଳେ ରହିବେ । କେବଳ ସତର୍କ ଦୃଷ୍ଟିକୋଣରୁ ହିଁ ନୈତିକତାକୁ ନିୟନ୍ତ୍ରଣ କରିପାରିବ ।

ମୋବାଇଲ୍ : ୯୪୮୨୦୧୭୨୭୦

# ନେପାଳ

ଇଂ ସରୋଜ ମହାପାତ୍ର



ଆଖି ଖୋଲିଲେ ମାଟି

ଆଖି ବୁଜିଲେ ମାଟି

ଯେତେ କାନ୍ଦିବୁ କାନ୍ଦ....

ସବୁ ଲୁହ ଶୋଷି ହୋଇଯିବ ସେଇଠି... ।

ପେଟ ଆଉ ନାଟ ଖୋଜୁନ

ଖୋଜୁଛ ଟିକେ ମରଣ

କେତେ ଚମୁଟିବୁ ଚମୁଟ୍

ଆଉ କଣ କାଟୁଚ ଯେ...

ଅକାଟ ହେଇ ଯାଇଛ ଦେହ

ବନ, ଗଡ, ପାଣି ଓ ପବନ

କାହାକୁ ପଗ୍ଭରିବ ... !

କିଏ କହିବ ... ! !

ଏ ନିଷ୍ଠୁରତାର କାରଣ ... ! ! !

# ଛେନାକ୍ଷୀରି

କୁନ ମିଶ୍ର



ଆବଶ୍ୟକ ସାମଗ୍ରୀ : ଛେନା - ୫୦ ଗ୍ରାମ, କ୍ଷୀର - ୧ ଲିଟର, ଗୁଜୁରାତ - ୪ଟି ବଡ଼, ମିଲକ୍ ମେଡ୍ - ୭୫ ଗ୍ରାମ, ଚିନି - ୧୫ ଗ୍ରାମ, ଗୁଆଘିଅ - ଦେଢ଼ ଗ୍ରାମଚ, କାଜୁକିସମିସ୍

ପ୍ରସ୍ତୁତ ପ୍ରଣାଳୀ : ପ୍ରଥମେ କ୍ଷୀର ଛିଣ୍ଡେଇ ଛେନା କରି ରଖନ୍ତୁ । ଚିନି ଓ ଗୁଜୁରାତକୁ ମିଶାଇ ଗୁଣ୍ଡ କରନ୍ତୁ । କ୍ଷୀର ଫୁଟାଇ ରଖନ୍ତୁ । ଚୁଲିରେ କରେଇ ବସେଇ ଅଧା ଗ୍ରାମଚ ଘିଅ ପକେଇ କରେଇର ଚାରିପଟେ ବୁଲେଇ ଦିଅନ୍ତୁ । ଘିଅ ତାତିଯିବାପରେ ସେଥିରେ ଛେନା ପକେଇ ଭାଜନ୍ତୁ । ଛେନା ଭଜା ହୋଇଯିବାପରେ ସେଥିରେ ଫୁଟା ହୋଇଥିବା କ୍ଷୀର ପକାଇ ୨-୩ ମିନିଟ୍ ଶିଝିବାକୁ ଦିଅନ୍ତୁ । ତା'ପରେ ଚୁଲିକୁ ବନ୍ଦକରି ସେଥିରେ ଆଗରୁ ହୋଇଥିବା ଚିନି ଓ ଗୁଜୁରାତ ଗୁଣ୍ଡ ଓ ମିଲ୍କ ମେଡ୍ ପକେଇ ଘାଣ୍ଟନ୍ତୁ ।

ଅନ୍ୟ ଏକ କରେଇ ବସେଇ ସେଥିରେ ଅଧା ଗ୍ରାମଚ ଗୁଆଘିଅ ପକେଇ କାଜୁ କିସମିସ୍ ଗୁଡ଼ିକୁ ପକାଇ ଭାଜନ୍ତୁ । ଏବଂ ଏହାକୁ ପୂର୍ବରୁ ପ୍ରସ୍ତୁତ ହୋଇଥିବା କ୍ଷୀରରେ ପକାନ୍ତୁ । ଏଥର ପ୍ରସ୍ତୁତ ହୋଇଗଲା ଆପଣଙ୍କ ପ୍ରିୟ ଛେନା କ୍ଷିରୀ । ଏହାକୁ ଥଣ୍ଡା କରି ଖାଇବାକୁ ଦିଅନ୍ତୁ ।

# କୁନି କୁନି ପିଲାଙ୍କ ପାଇଁ !

ରାହୁଲ ପଣ୍ଡା



ଜାଣିଛ ପିଲାମାନେ ମୁଁ ତୁମର ରାହୁଲ ଭାଇ ଆଜ ତୁମମାନଙ୍କ ପାଇଁ ଆସିଛି ଜଣେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀଙ୍କ ବିଷୟରେ କିଛି କହିବାପାଇଁ, ଆଉ ସେଇ ମହାନ ଜନନାୟକ ହେଉଛନ୍ତି ନେତାଜୀ ସୁଭାଷ ଚନ୍ଦ୍ର ବୋଷ । ପିତା ଜାନକୀ ନାଥ ବୋଷ ଏବଂ ମାତା ପ୍ରଭାବତୀଙ୍କ ନବମ ସନ୍ତାନ ହେଉଛନ୍ତି ସୁଭାଷ । ସେ କଟକସ୍ଥିତ ଓଡ଼ିଆ ବଜାରରେ ୧୮୯୭ ମସିହା ଜାନୁଆରୀ ମାସରେ ଜନ୍ମଗ୍ରହଣ କରିଥିଲେ । ସେ ପ୍ରଥମେ କଟକର ଏକ ଇଂରାଜୀ ମାଧ୍ୟମ ସ୍କୁଲରେ ଏବଂ ପରେ ପରେ ରେଭେନ୍‌ସା କଲେଜିଏଟ୍ ସ୍କୁଲରେ ଅଧ୍ୟୟନ କରିଥିଲେ । ପିଲାଦିନୁ ସୁଭାଷ ନିଜର ପିତାମାତାଙ୍କୁ ବିଶେଷ ଭକ୍ତି କରୁଥିଲେ । ପାଠ ପଢ଼ା ବ୍ୟତୀତ ସେ ବିବେକାନନ୍ଦ ଓ ରାମକୃଷ୍ଣ ପରମହଂସଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇଥିଲେ । ତତ୍‌ସଙ୍ଗେ ସଙ୍ଗେ ସେ ଏକ ମେଧାବୀ ଛାତ୍ର ଭାବରେ ଏଣ୍ଟ୍ରାନ୍‌ସ ପରୀକ୍ଷା, ଆଇ ଏ ପରୀକ୍ଷା ଏବଂ ବି ଏ ପରୀକ୍ଷାରେ ପ୍ରଥମଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିଲେ । ପରେ ତାଙ୍କ ପିତା ତାଙ୍କୁ ଆଇସିଏସ୍ ପଢ଼ିବା ପାଇଁ ବିଲାତ ପଠାଇଲେ । ସେଥିରେ ମଧ୍ୟ ସୁଭାଷ ଉଚ୍ଚସ୍ଥାନ ଅଧିକାର କରି ଉତ୍ତୀର୍ଣ୍ଣ ହେଲେ । କିନ୍ତୁ ସେ ଦେଶସେବାକୁ ନିଜର ପରମକର୍ତ୍ତବ୍ୟ ବୋଲି ଭାବି ଇଣ୍ଡିଆନ୍ ସିଭିଲ୍ ସର୍ଭିସ୍‌କୁ ପ୍ରତ୍ୟାଖ୍ୟାନ କଲେ । ୧୯୨୧ ମସିହାରେ ଗାନ୍ଧିଜୀଙ୍କ ନିର୍ଦ୍ଦେଶରେ ସେ କଲିକତାଯାଇ ଦେଶବନ୍ଧୁ ଚିତ୍ତରଞ୍ଜନ ଦାସଙ୍କ ନେତୃତ୍ୱରେ ଦେଶସେବାରେ ଲାଗିପଡ଼ିଲେ ।

ସୁଭାଷ ବଳ ପ୍ରୟୋଗ କରି ଭାରତପାଇଁ ଶୀଘ୍ର ସ୍ୱାଧୀନତା ଆଣିବା ସପକ୍ଷରେ ଥିଲେ, କିନ୍ତୁ ଏଥିରେ ମହାତ୍ମା ଗାନ୍ଧୀ ତାଙ୍କୁ ବିରୋଧ କରିବାରୁ ସେ କଂଗ୍ରେସ ତ୍ୟାଗକରି 'ଫରୱାର୍ଡ଼୍ ବ୍ଲକ୍' ନାମକ ଏକ ସଂସ୍ଥା ଗଠନ କଲେ । ଦ୍ୱିତୀୟ ବିଶ୍ୱଯୁଦ୍ଧ ଚାଲିଥିବା ସମୟରେ ସୁଭାଷ ଛଦ୍ମବେଶରେ

ଆଫଗାନିସ୍ତାନ ଗ୍ଭଲିଯାଇଥିଲେ, ଏବଂ ପରେ ସେଠାରୁ ଜର୍ମାନୀଯାଇ ସେଠାରେ ବନ୍ଦୀ ଭାରତୀୟଙ୍କୁ ସେଠାକାର ଶାସକ ହିଟ୍‌ଲରଙ୍କ ସହାୟତାରେ ମୁକ୍ତ କରାଇ 'ଆଜାଦ୍ ହିନ୍ଦ୍ ଫୌଜ' ନାମକ ସଂଗଠନ କରିଥିଲେ । ଏହି ସୈନ୍ୟ ବାହିନୀକୁ ନେଇ ସେ ମଣିପୁରର ରାଜଧାନୀ ଇମ୍ଫାଲ ପର୍ଯ୍ୟନ୍ତ ମାଡ଼ି ଆସିଥିଲେ, କିନ୍ତୁ ଇଂରେଜ ସୈନ୍ୟଙ୍କ ପ୍ରତିରୋଧ ହେତୁ ସେ ଆଉ ଆଗକୁ ବଢ଼ିପାରିଲେ ନାହିଁ । ପରେ ଦୁର୍ଭାଗ୍ୟର କଥା ୧୯୪୫ ମସିହା ଅଗଷ୍ଟ ୧୮ ତାରିଖରେ ସେ ରୁଷିଆ ଗସ୍ତରେ ଥିବା ବେଳେ ବିମାନ ଦୁର୍ଘଟଣାରେ ପ୍ରାଣ ହରାଇଥିଲେ ।

ନେତାଜୀଙ୍କ ପରି ଦୃଢ଼ମନା ଓ କର୍ତ୍ତବ୍ୟନିଷ୍ଠ ହୋଇପାରିଲେ ଆମେ ନିଜର ଓ ଦେଶର ଭବିଷ୍ୟତକୁ ସୁଦୃଢ଼ କରିପାରିବା । ଶେଷରେ ଭାରତ ଭୂଇଁରେ ଜନ୍ମ ହୋଇଥିବା ଏହି ମହାନ୍ ଆତ୍ମାଙ୍କ ସଦଗତି ପାଇଁ ଆମେ ସମସ୍ତେ ପ୍ରାର୍ଥନା କରିବା ଉଚିତ । ହଉ ପିଲାମାନେ ମୁଁ ରହୁଛି । ପୁଣି ଆଗାମୀ ମାସରେ ଆଉ ଜଣେ ବ୍ୟକ୍ତିଙ୍କ ବିଷୟରେ ଶୁଣିବା ।

# ସମ୍ପତ୍ତି

ଶ୍ରୀମତ ସରତା ପଣ୍ଡା



ପୂର୍ବ ପ୍ରକାଶିତ ଉତ୍ତାରୁ...

ଗାୟତ୍ରୀର ସମସ୍ତ ସ୍ୱପ୍ନ ଭଙ୍ଗି ଚୁରମାର ହୋଇଯାଇଛ । ଯାହାକୁ ସେ ହୀରା ବୋଲ ଭାବଥିଲା ସେ ତ କାଚଖଣ୍ଡେ ବାହାରଲା । ହେଲେ ଏବେ ଦୁଃଖ କର ଆଉ କ ଲାଭ, ଯେତେବେଳେ ସବୁ କଛ ସରଗଲାଣି । ଗାୟତ୍ରୀର କ୍ରୋଧ କମ ହେଉନଥିଲା । ଏଣେ ରାଜକଶୋର ବାବୁ ପୁଅଠାରୁ ସବୁ କଥା ଶୁଣିବାପରେ ନଜ ପୁଅକୁ ହିଁ ଦୋଷ ଦଅନ୍ତ । ଏତେ ବଡ଼ ଘରର ଝିଅକୁ ଭଲପାଇବା ତୋର ଦୋଷ ବୋଲ ସ୍ୱୀକାର କରନ୍ତ ସେ । ହେଲେ ବବାହ ହୋଇଯିବାପରେ ପୁଣିଥରେ ପଛକୁ ଫେରବା ପଥ ବନ୍ଦ ହୋଇଯାଏ । ତେଣୁ ଯେତେଦନ ସେ ଏଠାରେ ରହଛ ତାକୁ ସ୍ନେହ ଦେଇ ସମସ୍ତେ ତାକୁ ନଜର କରବାକୁ ଚେଷ୍ଟା କର, ଆଉ ତା ମନକୁ ଆଘାତ ପହଞ୍ଚିବା ଭଳ କୌଣସି କାମ କରନାହିଁ ।

ଅବନାଶ ନଜ କୋଠରୀକୁ ଫେରବା ବେଳକୁ କ୍ରୋଧରେ ଥିବା ଗାୟତ୍ରୀ ପୁଣିଥରେ ଚହ୍କାର କର ଉଠେ ଆଉ କହେ, ମୋତେ ତୁମେ କାଲ ଦଶହଜାର ଟଙ୍କା ଦେବ । ମୁଁ କଛ ନୂଆ ପୋଷାକ କଣି ଆଣିବ । ମୁଁ ତୁମ ଘରେ କେମିତ ରହବ, ତୁମେ ଥରେ ବ ଚନ୍ତା କରଲନ ? ମୋତେ ଧୋଖା ଦେଲ ତୁମେ । ତୁମ ପାଇଁ ମୁଁ ଏତେ ବଦଳ ଯାଇପାରବନ । ଯାଅ ମୋ ପାଇଁ କଫି ପିଇବାର ବ୍ୟବସ୍ଥା କର । ତମ ଘରେ କଛ ଅଛ କ ନାହିଁ ମୁଁ ଜାଣେନ । ମୋ ମୁଣ୍ଡ ଫାଟିଯାଉଛ, ମୋ ପାଇଁ କଫି ଆଣିଦଅ ।

କଫି ଶବ୍ଦ ଶୁଣୁଶୁଣୁ ବାସନ୍ତୀ ଦେବୀ ସାହରେ ଥିବା କରଣା ଦୋକାନରେ କଫିଗୁଣ୍ଡ, ଚନ କଣି ଆଣନ୍ତ । ଆଉ ଗାୟତ୍ରୀକୁ ପଗ୍ଚରନ୍ତ, 'ମାଲେ ତୁ କେମିତ କଫି ପିଉ ମୁଁ ଜାଣେନ, କହଦେଲେ କରଦେବ ।' କ୍ରୋଧରେ ଥିବା ଗାୟତ୍ରୀ କହେ, 'ଥାଉ, ମୁଁ ନଜେ କର ପିଇଦେବ । ଗେଷେଇଘର

କେଉଁଠି ଅଛ ?'

ଗ୍ରେଷେଇଘରେ ଅବ୍ୟବସ୍ଥା ଦେଖି ଛି ଛି ହୋଇ ସମସ୍ତଙ୍କୁ ବ୍ୟତିବ୍ୟସ୍ତ କରିପକାଏ ଗାୟତ୍ରୀ । ଫ୍ରିଜରେ ରଖା ହୋଇଥିବା କ୍ଷୀର ସବୁକୁ ନେଇ ଆସି କଫି ତିଆରି କରେ ଗାୟତ୍ରୀ, ନିଜ ପାଇଁ କପରେ କଫି ନେବାପରେ ବାକି ସବୁକୁ ବେସିନରେ ଢ଼ାଳିଦିଏ । ଏ ସବୁ ଦେଖି ବାସନ୍ତୀର ଆଖିରେ ଲୁହ ଆସିଯାଏ । ଟୋପେ ଟୋପେ କ୍ଷୀର ପାଇଁ କେତେ ହନ୍ତସନ୍ତ ସେମାନେ ହେଉଛନ୍ତି, ହେଲେ ବଡ଼ଘର ଝିଅ ଦେଖୁ ଦେଖୁ ଅଧାଲିଟର କ୍ଷୀର ନଷ୍ଟ କରିଦେଲା । ସନ୍ଧ୍ୟା ହେଇ ଆସୁଛି, ଏବେ ଅବିନାଶର ବାପାଙ୍କୁ ଗ୍ଲୁ ଦରକାର ଆଉ ଜେଜେମାଙ୍କୁ ହର୍ଲିକ୍ସ ଦରକାର । କଣ କରିବ, ବାଧ ହୋଇ ପୁଣିଥରେ ଦୋକାନକୁ ଯାଇ କ୍ଷୀର କିଣିଆଣନ୍ତି ବାସନ୍ତି । ଘରେ ପଶିବାବେଳକୁ ମଝିଘରେ ବସି ଗାୟତ୍ରୀ ଟିଭି ଦେଖୁଥାଏ, ଅବିନାଶ ମନ ମାରି ଶୋଇଥାଏ । ବାସନ୍ତୀ ଦେବୀଙ୍କୁ ଦେଖି ମା କୋଳରେ ମୁଣ୍ଡ ରଖି କହେ, 'କଣ କରିବ ମାଆ ? କେତେବଡ଼ ଭୂଲ କରିଦେଲି ? ଏ ସବୁ କରିବା ପୂର୍ବରୁ ଥରେ ତୁମକୁ ପଗ୍ଚରିଥିଲେ ଭଲ ହୋଇଥାନ୍ତା । ଆସୁ ଆସୁ ଘରକୁ ମୁଣ୍ଡରେ ଉଠେଇଦେବ ବୋଲି ମୁଁ କେବେ ବି ଭାବିନଥିଲି । ଜେଜେମାଙ୍କ ଜନ୍ମିଷ ପତ୍ର ବାହାରକୁ ଫୋପାଡ଼ିଦେଇଛି ।' ବାସନ୍ତି ଦେବୀ ଅବିନାଶର ମୁଣ୍ଡକୁ ଆଉଁସି ଦେଇ କହିଲେ, 'ବାହାଘର ପରେ ସ୍ୱାମୀ ସ୍ତ୍ରୀ ଗୋଟିଏ ବଖରାରେ ରହିବା ନିୟମ । ତେଣୁ ତୁ ସେଇ ରୁମରେ ରହିବୁ । ବୋଉଙ୍କ ପାଇଁ କଣ ବ୍ୟବସ୍ଥା ହେବ ଆମେ କରିଦେବୁ ।' ଅବିନାଶ ତଥାପି ବିଚଳିତ ହୋଇ କହେ, 'ସେ ମୋତେ ଦଶହଜାର ଟଙ୍କା ମାଗୁଛି, ନୂଆ ଲୁଗାପଟା କିଣିବ ବୋଲି ?' ବାସନ୍ତୀଦେବୀ ସାମାନ୍ୟ ହସିଦେଇ କହନ୍ତି, 'ଠିକ୍ କଥା । ବାହା ହେଇଥିଲେ ତାକୁ ନୂଆଲୁଗାପଟା ଦେଇନଥାନ୍ତେ କି ? ତୁ ଏମିତି ବାହା ହେଇ ନେଇ ଆସିବୁ ବୋଲି ଆମେ ଜାଣିଥିଲୁ କି ? ହଉ ତୁ ତୋ କମ୍ପାନୀରୁ କିଛି ଟଙ୍କା ଆଣି ତାକୁ ଦେଇଥା, ପରେ ଦେଖିବା କଣ ହଉଛି ।'

ଗତ ଦଶଟା ହେଲାଣି, ଗ୍ରକେଶ ଓ ଶ୍ରଦ୍ଧାଞ୍ଜଳି ଘରେ ପହଞ୍ଚିବାପରେ ଗାୟତ୍ରୀକୁ କେଉଁଠି ପାଇନାହାନ୍ତି । ଘରର ଏକମାତ୍ର ବିଶ୍ୱସ୍ତ ଗ୍ଚକର ଶ୍ୟାମ କହେ, 'ଝିଅ ମା ସକାଳୁ ଯାଇଛନ୍ତି ଯେ ଏତେ ବେଳ ହେଲାଣି ଫେରିନାହାନ୍ତି ।' ଶ୍ରଦ୍ଧାଞ୍ଜଳୀ ଦେବୀ ଗାୟତ୍ରୀକୁ ଫୋନ କରନ୍ତି, ଫୋନ ଧରୁ ଧରୁ ଭେ ଭେ ହୋଇ କାନ୍ଦିପକାଏ ଗାୟତ୍ରୀ ଆଉ କୁହେ, 'ମାମା, ମୁଁ ଫସିଯାଇଛି ?' ଶ୍ରଦ୍ଧାଞ୍ଜଳୀ ଦେବୀ କିଛି

ବୁଝିପାରନ୍ତି ନାହିଁ । 'କୋଉଠି ଫସି ଯାଇଛୁ ? କେମିତି ? କଣ ହେଇଛି ତୋର ?' ଗାୟତ୍ରୀ କାନ୍ଦି କାନ୍ଦି କହେ, 'ଗୋଟେ ଭିକାରୀକୁ ବାହା ହେଇ ମୁଁ ଫସିଯାଇଛି ।' ମୁଣ୍ଡ ଘୁରେଇ ଦିଏ ଶ୍ରଦ୍ଧାଞ୍ଜଳୀଦେବୀଙ୍କର ଚଢ଼ାଗଳାରେ କହନ୍ତି, 'କଣ ହେଲା ? ତୁ ଆମର ମାନ୍ ଇଜ୍ଜତ ସବୁ ମାଟିରେ ମିଶେଇ ଦେଲୁ ? ଥରେ ହେଲେ ଆମ ଘରର ସମ୍ମାନ କଥା ଚିନ୍ତା କଲୁନି ? ଛି... । ଯେଉଁଠି ଫସିଛୁ ସେଇଠି ଥା । ଆଉ ଆମ ସହ କୌଣସି ସମ୍ପର୍କ ରଖିବା ଦରକାର ନାହିଁ । ଆମ ପାଇଁ ତୁ ଆଜିଠୁ ମରିଗଲୁ । ତୁ ସ୍କୁଟି ନେଇ ଯାଇଥିଲୁ ? କୋଉଠି ଅଛି କହ ? ଶ୍ୟାମ ଯାଇ ନେଇ ଆସିବ ।' ଶ୍ରଦ୍ଧାଞ୍ଜଳୀ ଫୋନରେ ହେଉଥିବା କଥାରୁ ରାକେଶ କିଛି କିଛି ଅନୁମାନ କରୁଥିଲେ ସୁଦ୍ଧା କୌଣସି ପ୍ରଶ୍ନ କରିବାର ସାହାସ କରିପାରିଲେ ନାହିଁ । ତେଣୁ ସେ ନିରବ ରହିବାକୁ ଶ୍ରେୟସ୍କର ମଣିଲେ ।

ଅବିନାଶ ଘରେ ସମସ୍ତଙ୍କୁ ଜଣାଇ ଦିଆଗଲା ଯେ ଅବିନାଶ ବିବାହ କରିଛି । ହେଲେ ସମସ୍ତେ ନିଜ ନିଜ ଦୁନିଆରେ ବ୍ୟସ୍ତ ଥିବା ହେତୁ କେହି ହଠାତ୍ ଆସିପାରିବେନି ବୋଲି ଜଣାନ୍ତି । ଏଣେ ଘରେ ଦିନକୁ ଦିନ ଅବସ୍ଥା ଖରାପ ହେବାରେ ଲାଗିଛି । ବଡ଼ଘର ଝିଅ ଗାୟତ୍ରୀର କ୍ରୋଧ କମ ହେବାର ନାଁ ନେଉନାହିଁ । ସେ ନିଜ ବଡ଼ଘର ଥାଟ ଦେଖାଇ ସମ୍ପୂର୍ଣ୍ଣ ପରିବାରକୁ ହଇରାଣ ହରକତ କରିବାରେ ଲାଗିଛି । ଦିନ ଦଶଟା ହେଲା ନିଦରୁ ଉଠିବା ଯେତେବେଳକୁ ଅବିନାଶ ଅଫିସ ଯିବାପାଇଁ ବାହାରୁଥିବେ, ସେଇମିତି ସମସ୍ତଙ୍କ ସମୟକୁ ଭ୍ରୁକ୍ଷେପ ନ କରି ସେ ନିଜ ଇଚ୍ଛାରେ ସବୁ କାମ କରିବାଦ୍ୱାରା ପରିବାରରେ ଅଶାନ୍ତି ବଢ଼େ ।

ଏମିତିରେ ଦିନେ ସକାଳୁ ସକାଳୁ ଝିଅ ନନ୍ଦିନୀ ଆସି ପହଞ୍ଚେ ଘରେ । ଜ୍ୱାଇଁଙ୍କର କିଛି କାମ ଥିବା ହେତୁ ସେ ସକାଳୁ ଆସି ପହଞ୍ଚିଯାଇଥାନ୍ତି । ସେ ଘରେ ପଶୁ ପଶୁ କହେ, 'କାହିଁ, କୋଉଠି ଅଛନ୍ତି ଆମ ନୂଆ ଭାଉଜ ? ଟିକେ ଦେଖିବାପାଇଁ ଆସିଲି ।' ସେ ଯାଇ ଅବିନାଶର ରୁମର କବାଟ ଠକ ଠକ୍ କରିବା ପରେ ରାଗ ତମତମ ହୋଇ ଗାୟତ୍ରୀ ଉଠି ଆସି ଚିତ୍କାର କରେ, 'କେତେଥର କହିଛି, ମୁଁ ଶୋଇଥିବା ବେଳେ ଶବ୍ଦ କରିବନି ? ଅଭଦ୍ର ଲୋକ କିଛି ଶିଖିବନି ?' ହେଲେ ଏହି ସମୟରେ ପଛରୁ ଆସୁ ଅବିନାଶ ଗାୟତ୍ରୀକୁ ଆକଟ କରିବାକୁ ଚେଷ୍ଟା କଲାବେଳେ ନନ୍ଦିନୀ କହେ, 'ଭାଇ, ତୁ କାହିଁକି ମଝିରେ ବାହାରୁଛୁ କହିଲୁ, ସେ ମୋ ଭାଉଜ । ଆମେ କଥା ହେଉଛୁ । ତୁ ଯା ତୋ ଅଫିସ ଯିବୁ, ଦିନ

ଆସି ଦଶଟା ହେବାକୁ ଗଲାଣି ତୁ ଆହୁରି ଘରେ ଅଛୁ ?' ନନ୍ଦିନୀ କିନ୍ତୁ ସବୁ ବୁଝିବାକୁ ସମୟ ପାଏନାହିଁ । ସେ ଫେରିଯାଏ ।

ନିତିଦିନ କୌଣସି ନା କୌଣସି କାମରେ ଘର ଲୋକଙ୍କୁ ଅସୁବିଧାରେ ପକାଇବା ଭଳି କାମ କରୁଥାଏ ଗାୟତ୍ରୀ । ତେଣେ ଅବିନାଶ ଘରର ବଢୁଥିବା ଖର୍ଚ୍ଚକୁ ଦେଖି ନିଜ ଚାକିରୀ ବ୍ୟତୀତ ଅନ୍ୟାନ୍ୟ କିଛି ପଢ଼ାପଢ଼ି କରୁଥାଏ । ଘରେ ରୋଷେଇ ହେବାପରେ ଗାୟତ୍ରୀ ନିଜ ପାଇଁ ଖାଇବା ନେଇ ନିଜ ରୁମକୁ ଚାଲିଯାଏ । ଦିନେ ଦିନେ ବହୁତ ଗୁଡ଼ାଏ ଜିନିଷ ନିଜେ ରୋଷେଇ କରିପକାଏ ଏବଂ ଖାଇବା ସରିବା ପରେ ବଳକା ଖାଦ୍ୟକୁ ୱାସ୍ ବେସିନରେ ପକାଇ ଦେଇଥାଏ । ଏ ସବୁ ଦେଖି ବାସନ୍ତି ଦେବୀଙ୍କ ମନ ଦୁଃଖ ହୁଏ ହେଲେ ସେ କିଛି କହିପାରନ୍ତି ନାହିଁ । ଶାଶୁ ସରସ୍ୱତୀଦେବୀ ଆଶ୍ୱାସନା ଦିଅନ୍ତି, ଯେ ସବୁ କିଛି ଭଲ ହେଇଯିବ । ଧୈର୍ଯ୍ୟ ଧରି ରହ, ଦିନେ ସେ ନିଜ ଭୁଲ ବୁଝିବ ।

ରାଜକିଶୋର ବାବୁ ଆମିଷପ୍ରିୟ ହେଲେ ସୁଦ୍ଧା, ଯେଉଁଦିନ ଘରେ ଟିକେ ଆମିଷ ହୁଏ, ଗାୟତ୍ରୀ ନିଜେ ପ୍ଲେଟରେ ଭରିକରି ନେଇଯାଏ ଏବଂ ଅନ୍ୟମାନଙ୍କ କଥା ସୁଦ୍ଧା ଚିନ୍ତା କରେନି । ଏଥିରେ ପରିବାରର ସମସ୍ତେ ଆହତ ହୁଅନ୍ତି । ଏମିତି ପରିସ୍ଥିତି ହୁଏ ଦିନେ ରାତ୍ରୀଭୋଜନ ପରେ ଅବିନାଶ ଓ ଗାୟତ୍ରୀ ମଧ୍ୟରେ ଝଗଡ଼ା ହୁଏ । ଗାୟତ୍ରୀ କହେ ତାକୁ କିଛି ଟଙ୍କା ଦରକାର ସେ ପାର୍ଲର୍ ଯିବ, ଲୁଗା ଡ୍ରାଇୱାସ୍ କରିବ । ଏଥିରେ ଉତ୍କ୍ଷିପ୍ତ ଅବିନାଶ କହେ, 'ସବୁବେଳେ ଖାଲି ଟଙ୍କା ଟଙ୍କା । ମୋ ଜୀବନଟାକୁ ନର୍କ କରିଦେଇଛ । ଘରେ କେହି ଶାନ୍ତିରେ ନାହାନ୍ତି ।' ଗାୟତ୍ରୀ କହେ, 'ମୋତେ ବାହା ହେବା ବେଳେ ଜାଣିନଥିଲ କି ? ମୁଁ କେଉଁ ଘରର ଝିଅ ?' ଏମିତି କଥା ବଢ଼େ ଆଉ କ୍ରୋଧିତା ଗାୟତ୍ରୀ ନିଜ ନଖରେ ଅବିନାଶର ଶରୀରକୁ ରାମ୍ପି ପକାଏ । ପରଦିନ ଏ ସବୁ ଦେଖି ରାଜକିଶୋର ବାବୁ ବହୁତ ବ୍ୟଥିତ ହୁଅନ୍ତି । କିନ୍ତୁ ଅନ୍ୟୋପାୟ ନଥିବାରୁ ନିରବ ରହିବାକୁ ଶ୍ରେୟ ବୋଲି ଧରିନିଅନ୍ତି ।

ଦଶହରା ଛୁଟିରେ ବଡ଼ପୁଅବୋହୂ ଆଉ ନାତିମାନେ ଆସନ୍ତି । ଘର ଖୁସିରେ ଫାଟି ପଡୁଥିବା ବେଳେ ଗାୟତ୍ରୀ ନିଜ କୋଠରିରୁ ବାହାରିବାକୁ ମନା କରିଦେଇ ଅଲଗା ରହିବା ଦ୍ୱାରା ଘରେ ଏକ ପ୍ରକାର ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୁଏ । ଗାୟତ୍ରୀ ରହୁଥିବା କୋଠରୀରେ ଗହଳି କରିବା ପରେ

ପିଲ୍ମାନଙ୍କ ଉପରେ ଉତ୍କ୍ଷିପ୍ତ ଗାୟତ୍ରୀ ବଡ଼ଭାଇଙ୍କ ପୁଅ ସାର୍ଥକକୁ ଗ୍ଟପୁଡ଼ାଟିଏ ମାରଦଏ । ହେଲେ ବଡ଼ବୋହୁ ନଳନୀ ଏହାକୁ ନେଇ କୌଣସି ଅପ୍ରୀତକର ପରସ୍ଥିତ କରେନାହିଁ, ବରଂ ନଜ ପୁଅକୁ ବୁଝେଇ ଦଏ ଯେ ଖୁଡ଼ୀଙ୍କ ରୁମରେ ଆସି ଗହଳ କର ଖଟରେ ଡିଆଁଡେଇଁ କଲେ ସେ ବୁଝେଇବା ପାଇଁ ଗ୍ଟପୁଡ଼ାଟିଏ ମାରଦେଇଥିବେ । ସାର୍ଥକ ନଜ ଭୁଲ ବୁଝିପାର ଗାୟତ୍ରୀକୁ 'ସର ଖୁଡ଼ୀ' ବୋଲ୍ କୁହେ ଏବଂ ସମସ୍ତେ ରୁମ ଛାଡ଼ି ଗ୍ଟଲଯାଆନ୍ତ ।

ମାର୍ଗଶୀର ମାସ ଆସେ ଘରେ ସବୁ ମହଳାମାନେ ଏକାଠି ହୋଇ ଲକ୍ଷ୍ମୀ ପୂଜା କରନ୍ତ ହେଲେ ଗାୟତ୍ରୀ କୌଣସି ପ୍ରକାର ପରବର୍ତ୍ତନ ହୁଏନାହିଁ । ସେ ଉଠି ବ୍ରଶ କରବାପାଇଁ ଗଲ୍ବେଳେ ଘରେ ଏକତ୍ରତ ମହଳା ମାନଙ୍କୁ ମା ଲକ୍ଷ୍ମୀ ପୁରଣରୁ ଶୁଣାଉଥାନ୍ତ;

*ଗୁରୁବାରେ ଯେଉଁ ନାରୀ ପିନ୍ଧେ ଶୁକ୍ଳ ଲୁଗା*

*ଐଶ୍ବର୍ଯ୍ୟ ସଂପଦ ପାଏ  ହୁଅଇ ସୁଭଗା  ।*

ଗାୟତ୍ରୀ ସେ ସବୁକୁ ଶୁଣି ଶୁଣି ରୋ୍ଷେଇଘରକୁ ଗ୍ଟଲଯାଏ ନଜ ପାଇଁ ଗ୍ଟ କରବାପାଇଁ । କେହ ତା'କୁ କଛ କହନ୍ତ ନାହିଁ । ପ୍ରତଦନ ଏମିତ ପୂଜା ହୁଏ । ପରଦନ ସକାଳୁ ମଧ ମା ବସି ସମସ୍ତଙ୍କୁ ଶୁଣାଉଥାନ୍ତ;

*କରେ ଲକ୍ଷ୍ମୀବ୍ରତ, ଲକ୍ଷ୍ମୀବାରେ ଉପବାସ*

*ବଢ଼ଇ ତାହାର ଧନ ଜନ ଆୟୁ ଯଶ  ।*

ଗାୟତ୍ରୀ ସବୁ ଶୁଣେ କଛ କହେନ । ଏମିତ ପୂଜା ଗ୍ଟଲୁଥିବା ସମୟରେ ବଡ଼ପୁଅର ଅଫିସରୁ ତାର ପଦୋନ୍ନତର ସମାଗ୍ଟର ମିଳେ । ଏହ ଖବର ଶୁଣିବାପରେ ନଳନୀ କହେ ଏ ସବୁ ଲକ୍ଷ୍ମୀପୁରଣ ଶୁଣିବା ପରେ ହିଁ ହେଇଛ । ସମସ୍ତେ ଭକ୍ତିରେ ଲକ୍ଷ୍ମୀପୁରଣ ପଢ଼ନ୍ତ । ଏହା ଦେଖିବାପରେ ଗାୟତ୍ରୀ ମନରେ ପରବର୍ତ୍ତନ ଆସେ । ସେ ଜାଣିବାକୁ ପାଏ ଯେ ଲକ୍ଷ୍ମୀପୁରଣ ଦ୍ଵାର ହିଁ ବଡ଼ଭାଇଙ୍କ ପଦୋନ୍ନତ ହୋଇଛ । ସେ ମଧ ମନେ ମନେ ଚନ୍ତା କରେ ଏହା କରବାକୁ । ଏ ଗରୀବ ଅବସ୍ଥାରୁ ମୁକ୍ତିପାଇବାକୁ ପଡ଼ିବ ହିଁ ପଡ଼ିବ । ପରଦନ ମା ପଢୁଥାନ୍ତ ;

*ଯେଉଁ ନାରୀ ନିଜ ପତିଠାରେ ରୋଷ ବହେ*

*ସ୍ୱାମୀ ଯାହା ବୋଲେ ତାହା ନ କରେ କେବେ ହେଁ*

*ଏମନ୍ତ ନାରୀର ମୁଖ ଲକ୍ଷ୍ମୀ ନ ଦେଖନ୍ତି*

*କାଙ୍ଗାଳିନୀ ହୋଇ ବାରଦ୍ୱାରେ ସେ ବୁଲନ୍ତି*

*ଯେଉଁ ନାରୀ ସ୍ୱାମୀଙ୍କୁ ଦେବତା ସମ ମଣି*

*ସେବା କରି ତୋଷୁଥାଏ ମତିଚନ୍ଦ୍ର*

ଏହା ଶୁଣିବାପରେ ଗାୟତ୍ରୀ ମାନସିକ ଭାବରେ ବଦଳି ଯାଏ, ଅବିନାଶ ପ୍ରତି ତା ରୁକ୍ଷ ବ୍ୟବହାର ବି ଶାନ୍ତ ହୋଇଯାଇଥାଏ । ସେ ଦିନକୁ ଦିନ ଶାନ୍ତ ହୋଇ ଆସେ । ପର ପାଳି ଗୁରୁବାର ଦିନ ପ୍ରାତଃରୁ ଉଠି ସେ ବି ଗୁରୁବାର ପୂଜା କରିବାକୁ ବାହାରି ପଡ଼େ । ସମସ୍ତେ ତାକୁ ଦେଖି ଅବାକ୍ ହୋଇଯାଆନ୍ତି, ହେଲେ ସେ କହେ ସେ ବି ଗୁରୁବାର ପୂଜା କରିବ । ଏହା ଶୁଣି ନଣନ୍ଦ ନନ୍ଦିନୀ ବହୁତ ଖୁସି ହୋଇଯାଏ । ସେ ବି ବସି ବୁଢ଼ୀ ଶାଶୁମା ପଢୁଥିବା ପୁରାଣ ଶୁଣେ;

*ପରଷିବା ବେଳେ ପକ୍ଷପାତ ଯେ ନ କରଇ*

*ସ୍ୱାମୀ ପୁତ୍ର ସମସ୍ତଙ୍କୁ ବାଣ୍ଟି ସମାନରେ*

*ପତିର ଆଜ୍ଞାକୁ କେବେ ନ ପକାଏ ତଳେ*

*ସ୍ୱାମୀ ଦୁଃଖେ ଦୁଃଖୀ ସୁଖୀ ହୋଇ ଚଳେ*

ପୁରାଣ ଶୁଣିବାପରେ ଘରେ ସମସ୍ତଙ୍କୁ ନିଜ ହାତରେ ଅନ୍ନ ପରଷିଦିଏ ଗାୟତ୍ରୀ । ତା'ର ଏତେ ପରିବର୍ତ୍ତନ ଦେଖି ସମସ୍ତେ ବହୁତ ଖୁସି ହୁଅନ୍ତି । ଘରର ସାନ ବୋହୂ ପ୍ରଥମ ଥର ଘର ଲୋକଙ୍କୁ ସ୍ନେହରେ ଖାଦ୍ୟ ପରଷିଲା ଦେଖି ରାଜକିଶୋର ବାବୁ ଖୁସିରେ ଅଧୀର ହୋଇପଡ଼ନ୍ତି ଏବଂ ବାସନ୍ତୀକୁ କୁହନ୍ତି ଆଲମିରାକୁ କିଛି ଟଙ୍କା ଆଣି ଗାୟତ୍ରୀ ହାତରେ ଦିଅ । ଗାୟତ୍ରୀ ଯେ ହଠାତ୍ ଏତେ ବଦଳିଯିବ କେହି ଆଶା କରିନଥିଲେ । ହେଲେ ସବୁ କିଛି ସମ୍ଭବ ହୋଇପାରେ ବୋଲି ଶାଶୁ ସରସ୍ୱତୀଦେବୀ

କହିଥିବା କଥା ମନେ ପକାଇ ବାସନ୍ତୀ ଦେବୀ ବହୁତ ଖୁସି ହୋଇଯାଆନ୍ତି ।

ଘରେ ପରିବେଶ ଅନେକ ବଦଳିଯାଇଛି, ହେଲେ ଅବିନାଶ ଏ ସବୁ ବିଷୟରେ କିଛି ଜାଣିନି । ସକାଳୁ ଉଠି ଅଫିସ ଯାଉଛି ଯେ ଫେରିଲା ବେଳକୁ ରାତି, ତେଣୁ ଘରେ କଣ ହେଉଛି ବା ନ ହେଉଛି ସେ ସବୁ ବିଷୟରେ ସେ ଜାଣେନି ଅବଶ୍ୟ ବିଗତ ଦିନମାନଙ୍କରେ ଘରେ ହୋଇଥିବା ସମସ୍ତ ଅଶାନ୍ତିପାଇଁ ନିଜକୁ ଦାୟୀ ବୋଲି ମନେ କରି ସେ ନିରବ ରହିବା ଶିଖିଦେଇଛି । ଗାୟତ୍ରୀର ଦାବୀ ଆଗରେ ମୁଣ୍ଡ ନୁଆଇଁ ନୁଆଇଁ ସେ ବି ବହୁତ ଦବି ଯାଇଛି । ମନେ ମନେ ଚିନ୍ତା କରୁଛି, ସେ ଗାୟତ୍ରୀପ୍ରତି ଅନ୍ୟାୟ କରିଛି ନିଶ୍ଚୟ । ଯେତେହେଲେ ବି ଗାୟତ୍ରୀ ବଡ଼ଘର ଝିଅ, ସେ ବାହା ହେବାପୂର୍ବରୁ ତା'ର ଚାଲିଚଳନ ଇତ୍ୟାଦି ବିଷୟରେ ଜାଣି ରଖିବା ଉଚିତ ହୋଇଥିଲା । ଅଫିସରେ ବିଳମ୍ବ ପର୍ଯ୍ୟନ୍ତ ବସି ରହି ଅଧିକ କାମ କରିବା ବେଳେ ସହକର୍ମୀମାନଙ୍କ କୌଣସି ପ୍ରଶ୍ନର ଉତ୍ତର ଦେବାକୁ ସକ୍ଷମ ହେଉନି ସେ । ଦିନେ ସେ ଚିନ୍ତା କରୁଛି, ବହୁତ ହୋଇଗଲା । ସେ ଆଉ ପାରିବ ନାହିଁ । ଗାୟତ୍ରୀର ଦୁନିଆ ଆଉ ତା'ର ଦୁନିଆ ସମ୍ପୂର୍ଣ୍ଣ ଅଲଗା ।

ରାତିରେ ଘରକୁ ଫେରି ଶୋଇବାକୁ ଯିବାବେଳେ ସେ ଗାୟତ୍ରୀକୁ କୁହେ ଯଦି ଗାୟତ୍ରୀ ଚାହେଁ ତେବେ ସେ ତାକୁ ଛାଡ଼ପତ୍ର ଦେବାପାଇଁ ରାଜି । କାରଣ ଗରୀବଘରେ କେତେ ଚେଷ୍ଟା କଲେ ବି ତା ମନଲାଖି କୌଣସି ଜିନିଷଟିଏ କିଣିବା ପାଇଁ ସେ ସକ୍ଷମ ନାହିଁ । ନିଜର ମନର ସବୁ କଥା କହିଦେଲା ପରେ ଗାୟତ୍ରୀ ଭେ ଭେ ହୋଇ କାନ୍ଦିପକାଏ । ଗାୟତ୍ରୀର କାନ୍ଦିବାର କାରଣ ଅବିନାଶ ବୁଝିପାରେନି । ହେଲେ ପରମୁହୂର୍ତ୍ତରେ ବାସନ୍ତୀ ଦେବୀ ଆସି ଗାୟତ୍ରୀକୁ ବୋଧ କରନ୍ତି ଓ ସବୁ କଥା ଶୁଣି ଅବିନାଶକୁ ଗାଳି ଦିଅନ୍ତି । ଗାୟତ୍ରୀର ପରିବର୍ତ୍ତନ କଥା ଶୁଣିବାପରେ ଅବିନାଶ ଆଶ୍ଚର୍ଯ୍ୟ ହୋଇଯାଏ । ମନେ ମନେ ଭଗବାନଙ୍କୁ ଅନେକ ଧନ୍ୟବାଦ ଜଣାଏ ।

ଦିନ ବିତି ଚାଲିଥାଏ । ଏକମାତ୍ର ଅଲିଅଳି ଝିଅକୁ ହରାଇ ପିତା ରାକେଶ ଭାଙ୍ଗିପଡ଼ନ୍ତି । ହେଲେ ପତ୍ନୀଙ୍କ ସମ୍ମୁଖରେ କୌଣସି ପ୍ରକାର କଥା କହିବାକୁ ଭୟ କରନ୍ତି । ଦିନେ ସେ ଧୈର୍ଯ୍ୟ ହରାଇ ଘୋଷଣା କରନ୍ତି ସେ ଝିଅକୁ ଦେଖିବାକୁ ଯିବେ । ପତ୍ନୀ ମନା କରିବା ସତ୍ତ୍ୱେ ସେ ଶୁଣିବାକୁ ମନା କରିଦେଇ କୁହନ୍ତି ସଂଧ୍ୟାରେ ମୁଁ ଝିଅକୁ ଦେଖିବାକୁ ଯିବି, ଯଦି ତୁମେ ଯିବାକୁ ଚାହୁଁଛ ଆସିପାର । ଶ୍ରଦ୍ଧାଞ୍ଜଳୀ

ଦେବୀ ଝିଅକୁ ଫୋନ କରି ଘରର ଠିକଣା ବୁଝନ୍ତି । ବାପାମା ଆସିବେ ବୋଲି ଖୁସିରେ ଗାୟତ୍ରୀ ଘରେ ସମସ୍ତଙ୍କୁ ଜଣାଇ ଦିଏ । ବାସନ୍ତୀ ଦେବୀ କୁହନ୍ତି, ଆମେ ତ ଗରୀବ ଲୋକ, ତୋ ବାପାମା'ଙ୍କୁ ଭଲ ଲାଗିବା ଭଳି ସମ୍ମାନ କଲା ଭଳି କିଛି ଦ୍ରବ୍ୟ ଦେଇପାରିବୁ କି ନାହିଁ । ହେଲେ ତୁ କହି ତୋ ବାପା ମା'ଙ୍କୁ କଣ ଭଲ ଲାଗେ, ସେ ସବୁ ଆଣିଦେବା । ଗାୟତ୍ରୀ କହେ ବାପାଙ୍କୁ କାକରା ଭଲ ଲାଗେ । ମାମା ତ କରି ଜାଣନ୍ତି ନି । ତେଣୁ ବେଳେ ବେଳେ ସେ କିଣି ଆଣି ଖାଆନ୍ତି । ତେଲ ଜିନିଷ ବୋଲି ମାମା ଖାଇବାକୁ ଦିଅନ୍ତି ନାହିଁ । ବାସନ୍ତୀ ଦେବୀ ଖରାବେଳେ ବସି କାକରା ପିଠା ତିଆରି କରନ୍ତି । ଗାୟତ୍ରୀ ସେଥିରେ ସହାୟତା କରେ । ଅବିନାଶକୁ ଫୋନ କରି ଜଣାଇ ଦିଅନ୍ତି, ସନ୍ଧ୍ୟା ହେଉ ହେଉ ଘରକୁ ଫେରିବା ପାଇଁ ।

ସନ୍ଧ୍ୟାରେ ଠିକଣା ସମୟରେ ଗାୟତ୍ରୀର ବାପାମା ଆସନ୍ତି ସତ ହେଲେ ସାହି ଓ ଘରର ଅବସ୍ଥା ଦେଖି ଶ୍ରଦ୍ଧାଞ୍ଜଳି ଦେବୀ ମୁହଁ ମୋଡ଼ନ୍ତି । ଗାୟତ୍ରୀ ବାପାମାଙ୍କ ପାଦଛୁଇଁ ଆଶୀର୍ବାଦ ନେଲାବେଳେ ତା କାନରେ କହନ୍ତି, ମୋ ଘରର ଚାକରାଣୀ ବି ତୋ ଠୁ ଭଲ ପୋଷାକ ପିନ୍ଧୁଛି । ତୁ ଏ ସବୁ କଣ ପିନ୍ଧିଛୁ ? ଗାୟତ୍ରୀ କିଛି କହିବା ପୁର୍ବରୁ ବାସନ୍ତୀ ଦେବୀ ଇଶାରାରେ ତାକୁ ତୁନି କରିଦିଅନ୍ତି । କଥା କଥାରେ ଖୁଣିବା କାମ କରୁଥାନ୍ତି ଶ୍ରଦ୍ଧାଞ୍ଜଳୀ ଦେବୀ । ବାସନ୍ତୀ ଦେବୀ ତାଙ୍କୁ ସମୁଦୁଣୀ ବୋଲି ସମ୍ବୋଧନ କରିବାପରେ ଉତ୍କ୍ଷିପ୍ତ ହୋଇପଡ଼ନ୍ତି ସେ । ହେଲେ ବାସନ୍ତୀ ଦେବୀ କୌଣସି କଥା ମନକୁ ନ ନେଇ ଚା କରିବାପାଇଁ ଭିତରକୁ ଯିବାବେଳେ ଗାୟତ୍ରୀ ମନା କରି କହେ ମୁଁ ନେଇ ଆସିବି । ଗାୟତ୍ରୀ ଚା ନେଇ ଆସିବା ଦେଖି ଶ୍ରଦ୍ଧାଞ୍ଜଳି ଦେବୀ କୁହନ୍ତି ଚାକରବାକର ନାହାନ୍ତି କି ? ଗାୟତ୍ରୀ ହସିଦେଇ କୁହେ, ମୋ ହାତ ତିଆରି ଚା ପିଇକି କୁହ କେମିତି ହୋଇଛି । ବାପାଙ୍କ ପାଇଁ ଦିନବେଳେ ବସି ତିଆରି କରିଥିବା କାକରା ନେଇ ଆସେ । କାକରା ଦେଖି ରାକେଶବାବୁ ଖାଇବା ପାଇଁ ମନ ବଳେଇଥିଲେ ସୁଦ୍ଧା ସ୍ୱାସ୍ଥ୍ୟ ଖରାପ ହେବ କହି ଶ୍ରଦ୍ଧାଞ୍ଜଳି ଦେବୀ ସେଥିରୁ ବାରଣ କରନ୍ତି । ଅଳ୍ପ ସମୟ ରହି ସେମାନେ ଚାଲି ଯାଆନ୍ତି । ଦିନସାରା ବସି କରିଥିବା ପରିଶ୍ରମ ସବୁ ବୃଥା ହେଲା । ସେ ଯା ହେଉ ଅନେକ ଦିନ ପରେ ବାପାମା ଙ୍କୁ ଦେଖି ସେ ଖୁସି ହୁଏ ।

କିଛି ଦିନ ପରେ ଶ୍ରଦ୍ଧାଞ୍ଜଳି ଦେବୀ ଫୋନ କରନ୍ତି ହେଲେ ଗାୟତ୍ରୀ ଫୋନ ଧରିବାକୁ ମନା

କରିଦେବାପରେ ଅବିନାଶ ଫୋନ ଉଠାଏ । 'ମାମା ନମସ୍କାର' ବୋଲି କହିବା ପୂର୍ବରୁ ଶ୍ରଦ୍ଧାଞ୍ଜଳି ଦେବୀ କୁହନ୍ତି ମଙ୍ଗଳବାର ସନ୍ଧ୍ୟାରେ ହୋଟେଲ୍ କ୍ରାଉନରେ ଆମ ମ୍ୟାରେଜ୍ ଆନିଭର୍ସାରି ଅଛି ସମସ୍ତେ ମିଶି ଆସିବ । ଫୋନ ବନ୍ଦ କରି ଦିଅନ୍ତି । ଗାୟତ୍ରୀ ସିଧା ମନା କରିଦିଏ ସେ ଯିବନି ବୋଲି । ଘରକୁ ଆସି ଆମ ପରିବାରକୁ ଅସମ୍ମାନ କରି ଯାଇଛନ୍ତି ଏବେ ପୁଣି କୋଉ ସାହାସରେ ଫୋନ କରୁଛନ୍ତି ବୋଲି ସେ ଯୁକ୍ତି କରୁଥିବା ବେଳେ ଶ୍ୱଶୁର ରାଜକିଶୋର ବାବୁ ବାରଣ କରି କହନ୍ତି, ସେମାନେ ହେଲେ ବାପାମା । ସେମାନଙ୍କ ଉପରେ ରାଗ ରଖିବା ଭଲ କଥା ନୁହେଁ । ସେ ଅବିନାଶକୁ ଦାୟିତ୍ୱ ଦିଅନ୍ତି ଉତ୍ସବରେ ଯିବାପାଇଁ କିଛି ଉପହାର ଆଣିବାପାଇଁ, ହେଲେ ଗାୟତ୍ରୀ ନିଜ ମା'ଙ୍କ ଅଭ୍ୟାସକୁ ଭଲକରି ଜାଣିଥିବାରୁ କହେ କେବଳ ଫୁଲତୋଡ଼ା ନେଇଯିବା ।

ମଙ୍ଗଳବାର ସନ୍ଧ୍ୟାରେ ସପରିବାର ରାଜକିଶୋର ବାବୁ ହୋଟେଲ୍ କ୍ରାଉନ୍‌ରେ ପହଞ୍ଚିଯାଆନ୍ତି, ହେଲେ ଶ୍ରଦ୍ଧାଞ୍ଜଳି ଦେବୀଙ୍କ ବ୍ୟବହାର ପୂର୍ବପରି ରୁକ୍ଷ ଥିବା ଦେଖି ଗାୟତ୍ରୀ ସମସ୍ତଙ୍କୁ ଗୋଟିଏ ସ୍ଥାନରେ ବସାଇଦେଇ କୁହେ, ଆମେ ଶୀଘ୍ର ଖାଇଦେଇ ଫେରିଯିବା । ଏତିକିବେଳେ ଶ୍ରଦ୍ଧାଞ୍ଜଳୀ ଦେବୀ ନିଜର ଜଣେ ଧନୀ ବାନ୍ଧବୀ ସହ ଆସି ବାସନ୍ତୀ ଦେବୀଙ୍କୁ ନିଜ ଝିଅର ଶାଶୁ ବୋଲି ଚିହ୍ନା କରାଇ ଦିଅନ୍ତି । ସୋନାଲି ଗାୟତ୍ରୀର ସ୍ୱାମୀଙ୍କ ବିଷୟରେ ଯାହା ବି ପ୍ରଶ୍ନ କରନ୍ତି ସେ ସବୁର ଉତ୍ତର ଶ୍ରଦ୍ଧାଞ୍ଜଳୀ ଦେବି ହିଁ ଦିଅନ୍ତି ଏବଂ କୁହନ୍ତି ମୋ ଝିଅକୁ ତ ଫସେଇ ଦେଲେ । ବାସନ୍ତୀ ଦେବୀଙ୍କୁ ଏ ସବୁ ବହୁତ ଖରାପ ଲାଗୁଥିଲେ ସୁଦ୍ଧା ସେ ଗାୟତ୍ରୀର ଖୁସି ପାଇଁ କିଛି କୁହନ୍ତି ନାହିଁ, ହେଲେ ଏ ସବୁକୁ ଦେଖି ଗାୟତ୍ରୀ ନିଜ କ୍ରୋଧ ସମ୍ଭାଳି ନପାରି ଚିତ୍କାର କରି ଉଠେ । ଶ୍ରଦ୍ଧାଞ୍ଜଳୀ ଦେବୀ କୁହନ୍ତି ଏଇ ଥାର୍ଡ଼ କ୍ଲାସ ଲୋକଙ୍କ ସହ ରହି ରହି ତୁ ବି ସେମିତ ହେଇଗଲୁଣି । ଗାୟତ୍ରୀ ହସିଦେଇ କହେ, ମାମା ଯାହାକୁ ତୁମେ ଥାର୍ଡ଼ କ୍ଲାସ କହୁଛ ସେ ଯେଉଁ ଘରେ ରହୁଛନ୍ତି ସେଇଟା ସ୍ୱର୍ଗ ସେ କଥା ତୁମେ ବୁଝିପାରିବନି । ତୁମକୁ ଖାଲି ଟଙ୍କା ଲୁଗା, ଘର ଆଉ ଗାଡ଼ି ଦିଶେ, ହେଲେ ସେ ଯାହା ଦେଖନ୍ତି ତାହା ତମେ କେବେ ଦେଖିପାରିବନି ।

ଶ୍ରଦ୍ଧାଞ୍ଜଳୀ ଦେବୀ କୁହନ୍ତି, ଏଇ ଲୋକମାନଙ୍କ ସହ ରହି ତୁ ତୋର ସଂସ୍କୃତ ସଭ୍ୟତା ଭୁଲିଗଲୁ ? ଆମେ ତୋତେ କେତେ ବଡ଼ ହାଇ ସୋସାଇଟି ଲାଇଫ୍ ଦେଇଥିଲୁ, ହେଲେ ତୁ କଣ

କଲୁ ? ଏ ସବୁ ଶୁଣି ଗାୟତ୍ରୀ କହେ, ହଁ ହାଇ ସୋସାଇଟି ଦେଇଥିଲ ? ସେଇଥିପାଇଁ ଭଲ କଣ ମନ୍ଦ କଣ ମୁଁ କେବେ ଶିଖି ପାରିନଥିଲି । ତୁମେ ଆଜ ଯେମିତ କହୁଛ ମୁଁ ବି ଦିନେ ସେମିତ କହୁଥିଲି । ମୋ ଦୃଷ୍ଟିରେ ସମୟର ମୂଲ୍ୟ କିଛି ନଥିଲା କି ଲୋକଙ୍କ ମୂଲ୍ୟ କିଛି ନଥିଲା । ହେଲେ ଏଇ ମା ମୋତେ ଯେଉଁ ଶିକ୍ଷା ଦେଇଛନ୍ତି, ସଂସ୍କାର ଦେଇଛନ୍ତି ସେଇଥି ପାଇଁ ଆଜ ମୁଁ ନିଜକୁ ନେଇ ଗର୍ବ ଅନୁଭବ କରୁଛି । ଧନରତ୍ନ ଥିଲେ କେହି ବଡ଼ ହୋଇଯାଆନ୍ତି ନି । ବଡ଼ ହୁଅନ୍ତି, ଦୟା, କ୍ଷମା, ସେବା, ଭକ୍ତି, ସଂସ୍କାର ଆଉ ଶିଷ୍ଟାଚାରର ଦ୍ୱାରା । ମୁଁ ଅତ୍ୟନ୍ତ ଦୁଃଖର ସହ କହୁଛି ମୋ ମା ପାଖରେ ଏ ସବୁ କିଛି ବି ନାହିଁ ।

ଏହା ସବୁ ହେଉଥିବା ବେଳେ ନିର୍ବାକ ଗୃହିଁ ରହିଥିଲେ ବାସନ୍ତୀ ଦେବୀ ହେଲେ ଅବିନାଶ ଆସି ଗାୟତ୍ରୀଙ୍କୁ ଏ ସବୁ କରିବାରୁ ବାରଣ କରେ । କହେ ଏହା ଆମ ସଂସ୍କୃତି ନୁହେଁ । ବଡ଼ ମାନଙ୍କ ସମ୍ମୁଖରେ ଠିଆ ହୋଇ ଉଚ୍ଚ ସ୍ୱରରେ କହିବା ଆମ ପରମ୍ପରା ନୁହେଁ । ଏହା ଶୁଣି ଗାୟତ୍ରୀ ନିଜ ଔଦ୍ଧତ୍ୟପାଇଁ ବାପା ମା'ଙ୍କ ଠାରୁ କ୍ଷମା ପ୍ରାର୍ଥନା କରେ । ଗାୟତ୍ରୀର ପରିବର୍ତ୍ତନ ଦେଖି ବାପା ରକେଶ ନିଜକୁ ଗର୍ବିତ ମନେ କରି ଝିଅକୁ କୁଣ୍ଢେଇ ଧରି ପକାନ୍ତି । ମନେ ମନେ ଭାବନ୍ତି ଯା ହେଉ ମୋ ଝିଅ ଅନ୍ତତଃ ଭଲ ଘରେ ପହଞ୍ଚିଯାଇଛି । ସେ ଅବିନାଶକୁ ବି ଭିଡ଼ି ଧରି ପକାନ୍ତି । ଶ୍ରଦ୍ଧାଞ୍ଜଳି ଦେବୀ ନିଜକୁ ଅପମାନିତା ଅନୁଭବ କରୁଥିବା ବେଳେ ବାସନ୍ତୀ ଦେବୀ ତାଙ୍କ ହାତଧରି କୁହନ୍ତି, ଗାୟତ୍ରୀ ଭଳି ଝିଅଟିଏ ଜନ୍ମ କରି ନିଜ ମଥାକୁ ତଳକୁ କରି କାହିଁକି ଠିଆ ହୋଇଛନ୍ତି, ଏତେ ସଂସ୍କାରୀ ଝିଅର ମା ନିଶ୍ଚୟ ଗର୍ବିତ ଅନୁଭବ କରିବା ଉଚିତ । ଶ୍ରଦ୍ଧାଞ୍ଜଳି ଦେବୀ ବାସନ୍ତୀ ଦେବୀଙ୍କ ହାତକୁ ଭିଡ଼ିଧରି କାନ୍ଦିପକାନ୍ତି । ଆଜ ମୋ ଝିଅ ମୋତେ ଅନେକ କିଛି ଶିକ୍ଷା ଦେଇଦେଲା । ଆପଣଙ୍କ ଆଶୀର୍ବାଦ ପାଇବା ପରେ ସେ ଏ ସବୁ କରିପାରିଲା । ମୋର ଭୁଲ ହୋଇଛି । ମୁଁ କ୍ଷମାପ୍ରାର୍ଥୀ ବୋଲି କୁହନ୍ତି ସେ । ସମସ୍ତେ ଶ୍ରଦ୍ଧାଞ୍ଜଳି ଦେବୀଙ୍କୁ ବୁଝାନ୍ତି, ଏବଂ ଉତ୍ତପ୍ତ ପରିବେଶରେ ସୃଷ୍ଟି ହୋଇଥିବା ସନ୍ଧ୍ୟାଟି ଶେଷରେ ମଧୁର ଆଭସର ସହ ସମାପ୍ତ ହୁଏ ।

ଅବିନାଶ ପ୍ରତିଯୋଗୀତାମୂଳକ ପରୀକ୍ଷା ଦେଇ ସଫଳ ହେବାପରେ ନିଜ ପରିବାରକୁ ଏକ ଉନ୍ନତ ସୁଖ ସୁବିଧା ଦେବାକୁ ସକ୍ଷମ ହୁଏ । ସମସ୍ତେ ଖୁସିରେ ରହନ୍ତି ।

ବ୍ରହ୍ମପୁର

# ସାମାଜିକ ଦାୟିତ୍ୱ : ଡାକ୍ତର

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ



ବିଗତ ଦିନରେ ଭାରତର ଡାକ୍ତରମାନେ କାହିଁକି ଏତେ ରୁଗ୍ଣ ବୋଲି ରାଷ୍ଟ୍ରୀୟ ସ୍ତରରେ ଏକ କାର୍ଯ୍ୟକ୍ରମ (ସତ୍ୟମେବ ଜୟତେ)ରେ ଅଭିନେତା ପ୍ରଯୋଜକ ଅମୀର ଖାନ ବିଷୋଦଗାର କରିଥିଲେ । ଏହାର ପରିଣାମ କଣ ହେଲା ବା ନ ହେଲା ତାହା ଅବଶ୍ୟ ଗବେଷଣାସାପେକ୍ଷ । ଗତ ମାସରେ ଭାରତରେ ଅନ୍ୟୁନ ତିନୋଟି ଘଟଣାରେ କର୍ତ୍ତବ୍ୟରତ ଡାକ୍ତରଙ୍କ ଉପରେ ମରଣାନ୍ତକ ଆକ୍ରମଣ କରାଗଲା, ଏହାର ତଦନ୍ତ କେତେଦୂର ହେଇଛି କିଏ ଗିରଫ ହୋଇଛି ଏ ସବୁ ବିଷୟରେ ଆମେ ଅନଭିଜ୍ଞ । ହେଲେ କଥା ଉଠୁଛି ଡାକ୍ତରଙ୍କୁ ଆକ୍ରମଣ କରିବା ପଛରେ କାରଣ କଣ ରହିପାରେ ।

ଲକ୍ଷ୍ନୌର ଏକ ଘରୋଇ ହସପିଟାଲରେ ଜଣେ ଅଶୀବର୍ଷ ବୟସ୍କ ରୋଗୀଙ୍କୁ ଭର୍ତ୍ତି କରାଗଲା । ଆଜୀବନ ମଦ୍ୟପାନ କରି ତାଙ୍କର ଯକୃତ ଅକାମି ହୋଇଯାଇଥିଲା, ସେଇଥିପାଇଁ ତାଙ୍କର ପେଟରେ ପାଣି ଜମା ହେଉଥିଲା, ନିଃଶ୍ୱାସ ନେବାକୁ ଅସୁବିଧା ହେଉଥିଲା । ବୃକକ୍ କାମ କରୁନଥିଲା, ସର୍ବୋପରି କୁହାଯାଇ ପାରେ ଯେ ସେ ମୃତ୍ୟୁର ଖୁବ ନିକଟବର୍ତ୍ତୀ ହୋଇ ସାରିଥିଲେ । ସେହିପରି ଜଣେ ରୋଗୀଙ୍କୁ ଚିକିତ୍ସା ଯୋଗାଇଦେବା ପାଇଁ ହୁଏତ ଅନେକ ହସପିଟାଲ ବା ଡାକ୍ତର ମନା କରିଦେଇପାରନ୍ତି । କାରଣ ଏହିପରି ରୋଗୀଙ୍କର ବଞ୍ଚିବାର ପ୍ରତିଶତ ନଗଣ୍ୟ । କିନ୍ତୁ ଦାୟିତ୍ୱବୋଧ ହିଁ ସେହିପରି ଜଣେ ରୋଗୀଙ୍କୁ ହସପିଟାଲରେ ରଖିବା ପାଇଁ ବାଧ କରିଥିଲା । ଚିକିତ୍ସା ବି ଚାଲିଥିଲା । ଏଠାରେ କହିବା ଉଚିତ ହେବ ଯେ ସେହି ରୋଗୀଜଣକ ହସପିଟାଲକୁ ଆସିବା ପୂର୍ବରୁ ଅନେକ ଡାକ୍ତର ଓ ଅଣଡାକ୍ତରଙ୍କ ଦ୍ୱାରା ଚିକିତ୍ସିତ ହୋଇ ସାରିଥିଲେ । ସେମାନେ ସମସ୍ତେ ରୋଗୀର ବଞ୍ଚିବା ଆଶା କ୍ଷୀଣ ବୋଲି ଜଣାଇ ବଡ଼ ଡାକ୍ତରଖାନାକୁ ନେବାପାଇଁ କହିଥିଲେ । ରୋଗୀଙ୍କ ଚିକିତ୍ସା ଚାଲୁଥିବା ବେଳେ ସେ ମୃତ୍ୟୁବରଣ

କରିଥିଲେ । ସାଧାରଣତଃ ରୋଗୀ ମୃତ୍ୟୁବରଣ କଲେ, ଦାୟିତ୍ୱରେ ଥିବା ଡାକ୍ତର ତାଙ୍କୁ ମୃତବୋଲି ଘୋଷିତ କରି ପରିଜନଙ୍କୁ ରୋଗୀଙ୍କ ଶରୀର ହସ୍ତାନ୍ତର କରନ୍ତି । ହେଲେ ସେ ଦିନ ବିଭାଗ ମୁଖ୍ୟ ନିଜେ ଆସି ସେଇ ମୃତ ରୋଗୀଙ୍କୁ ପରୀକ୍ଷା କରିଥିଲେ ଏବଂ ମୃତ ବୋଲି ଘୋଷଣା କରିବାପରେ ରୋଗୀଙ୍କ ପରିଜନ ମାନେ ଉତ୍ୟକ୍ତ ହୋଇ ଡାକ୍ତରଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ । ଏଥି ସହିତ ଡାକ୍ତରଙ୍କ ମୋବାଇଲ, କିଛି ଟଙ୍କା, ହାତଘଣ୍ଟା ଆଦି ଛଡ଼ାଇ ନେଇଥିଲେ । ଏହି ସବୁ ଘଟଣା ହସପିଟାଲରେ ଲାଗିଥିବା ସିସିଟିଭି କ୍ୟାମେରାରେ ରେକର୍ଡିଂ ହୋଇଛି ଏବଂ ଦେଶବ୍ୟାପୀ ଡାକ୍ତରସଂଘ ମାନଙ୍କୁ ବିଭିନ୍ନ ଉପାୟରେ ଯୋଗାଇ ଦିଆଯିବା ପରେ ଏହାକୁ ନେଇ ତୀବ୍ର ପ୍ରତିକ୍ରିୟା ଦେଖାଦେଇଛି ।

ଅଧିକାଂଶ କ୍ଷେତ୍ରରେ ବଡ଼ ଡାକ୍ତରଖାନା ମାନଙ୍କରେ କାମ କରୁଥିବା ଡାକ୍ତରମାନେ ଏହିପରି ରୋଗୀଙ୍କ ଚିକିତ୍ସା କରିବାପାଇଁ ବାଧ୍ୟ ହୁଅନ୍ତି, ଯେଉଁମାନେ ଅନେକ ସ୍ଥାନରେ ବିଫଳ ହେବାପରେ ରୋଗୀଙ୍କୁ ଏହି ବଡ଼ ଡାକ୍ତରଖାନା ମାନଙ୍କୁ ଆଣିଥାନ୍ତି । ଅର୍ଥାତ ରୋଗୀକୁ ବିଭିନ୍ନ ଡାକ୍ତର ଓ ଅଣଡାକ୍ତରଙ୍କ ଦ୍ୱାରା ଚିକିତ୍ସିତ କରିବା ପରେ ଯେତେବେଳେ ରୋଗୀର ପରିଜନମାନେ ନିରୁତ୍ସାହିତ ହୋଇଯାଆନ୍ତି, ସେମାନେ ଶେଷ ଆଶା ସ୍ୱରୂପ ରୋଗୀକୁ ବଡ଼ ଡାକ୍ତରଖାନାକୁ ନେଇ ଆସନ୍ତି, ଯେତେବେଳେ ରୋଗୀକୁ ବଞ୍ଚାଇ ରଖିବା ହୁଏତ ସମ୍ଭବ ହୋଇନପାରେ । ଏବଂ ରୋଗୀ ମୃତ୍ୟୁବରଣ କଲେ ଆକ୍ରୋଶର ଶୀକାର ହୁଅନ୍ତି କର୍ତ୍ତବ୍ୟରତ ଡାକ୍ତର ।

ସ୍ୱାସ୍ଥ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ । କିନ୍ତୁ ଆମ ଲୋକମାନେ ଏଥିପ୍ରତି ସାଧାରଣତଃ ଯତ୍ନଶୀଳ ନୁହନ୍ତି । ଦେହ ଖରାପ ହେଲେ, ମେଡ଼ିସିନ୍ ଷ୍ଟୋରକୁ ଯାଇ ନିଜେ ନିଜେ ଔଷଧ ନେଇ ଆସିବା, କିମ୍ବା ଅଣଡାକ୍ତର / କ୍ୱାକ୍ ମାନଙ୍କ ଦ୍ୱାରା ଚିକିତ୍ସା କରାଇବା ଭଳି କାମ କରନ୍ତି । ବେଳେ ବେଳେ ବହୁତ ବଡ଼ ବଡ଼ ରୋଗର ଅତି ନଗଣ୍ୟ ଲକ୍ଷଣମାନ ଥାଏ । ସେ ସବୁକୁ ସହଜରେ ଜାଣିବା ବା ରୋଗ ନିଦାନ କରିବା ଭଳି କ୍ଷମତା ସମସ୍ତଙ୍କ ପାଖରେ ନଥାଏ । ତଥାପି ଆମ ଲୋକମାନେ ଏହି ସବୁ ଲକ୍ଷଣପ୍ରତି ଧ୍ୟାନ ଦିଅନ୍ତି ନାହିଁ । ଏବଂ ଚିକିତ୍ସାପ୍ରତି ବିମୁଖ ରହନ୍ତି, ଯେତେବେଳଯାଏଁ ଅବସ୍ଥା ଅସମ୍ଭାଳ ହୋଇନାହିଁ । ସେତେବେଳେ ସେମାନେ ଡାକ୍ତରଙ୍କ ପରାମର୍ଶ ଲୋଡ଼ନ୍ତି, ଯେତେବେଳେ ଆଉ କୌଣସି ଚିକିତ୍ସା ବିକଳ୍ପ ନଥାଏ, ଏବଂ ରୋଗୀ ମୃତ୍ୟୁବରଣ କଲେ ସମସ୍ତ ଦୋଷ ଡାକ୍ତରଙ୍କ ଉପରେ ଲଦି

ଦିଅନ୍ତି ।

ଏବେ ଗୋଟିଏ ଘଟଣା କହିବାକୁ ଉଚିତ ମନେ କରୁଛି । ବିଗତ କିଛି ଦିନ ତଳେ ନେପାଳ ଓ ସଂଲଗ୍ନ ଭାରତବର୍ଷର ଅନେକ ସ୍ଥାନରେ ଭୂମିକମ୍ପ ଅନୁଭୂତ ହୋଇଥିଲା ଏବଂ ଏଥିରେ ଶତାଧିକ ଲୋକ ପ୍ରାଣ ହରାଇଥିଲେ, ଭାରତରେ ଯଦିଓ ଏହାର କୌଣସି ଭୟଙ୍କର ପ୍ରଭାବ ପଡ଼ିନଥିଲା ତଥାପି କିଛି ରାଜ୍ୟରେ ଏହା ବହୁତ ଅଧିକ ଜଣାପଡ଼ିଥିଲା । ବିହାରର ପାଟନା ମେଡ଼ିକାଲ କଲେଜରେ ସେଇଦିନ ପୂର୍ବାହ୍ନରେ ଚାଲିଥିଲା କିଛି ଅପରେସନ, ଯେତେବେଳେ ଏହି ଭୂମିକମ୍ପ ହେଲା । ପ୍ରଭାବ ଏତେ ଭୟଙ୍କର ଥିଲା ଯେ ଅପରେସନ ଥିଏଟରଟା ସମ୍ପୂର୍ଣ୍ଣ ଥରିଯାଇ ଜିନିଷପତ୍ର ଏଣେତେଣେ ପଡ଼ିଗଲା । ଏହାକୁ ଦେଖି ସେଠାରେ ଥିବା ନର୍ସ, ଆଟେଣ୍ଡାଣ୍ଟ ଆଉ ଅନ୍ୟାନ୍ୟ କର୍ମଚାରୀ ଭୟଭୀତ ହୋଇ ଦଉଡ଼ି ବାହାରକୁ ପଳାଇଗଲେ । କିନ୍ତୁ ଅପରେସନ କରୁଥିବା ଡାକ୍ତରଙ୍କ ଦଳ ହଠାତ୍ କଣ କରିବେ ଜାଣିପାରିଲେ ନାହିଁ । ସେମାନେ ନିଜ ଜୀବନ ବଞ୍ଚାଇବାପାଇଁ ବାହାରକୁ ଯିବା ଉଚିତ ଥିଲା କି ? ମୁଖ୍ୟ ସର୍ଜନ କିନ୍ତୁ ରୋଗୀକୁ ଛାଡ଼ିଦେଇ ବାହାରକୁ ଯିବାକୁ ମନା କରିଦେଲେ, ସେ କହିଲେ ଏହା ତାଙ୍କର ନୈତିକ ଦାୟିତ୍ୱ । ରୋଗୀର ସର୍ବାଙ୍ଗୀନ ଚିକିତ୍ସା ବ୍ୟବସ୍ଥା ତାଙ୍କର ଦାୟିତ୍ୱ ତେଣୁ ସେ ବାହାରକୁ ଯିବେ ନାହିଁ । ଅନ୍ୟ ଡାକ୍ତରମାନେ ମଧ୍ୟ ସେହି ରୁମରେ ରହିଥିଲେ । ଭୂମିକମ୍ପ ହେଉଥିଲେ ସୁଦ୍ଧା ସେମାନେ ରୋଗୀକୁ ଏକା ଛାଡ଼ିଦେଇ ବାହାରକୁ ଗଲେ ନାହିଁ । ଏହିପରି ହୋଇଥିଲା ମେଡ଼ିକାଲ କଲେଜରେ ହେଉଥିବା ଅନ୍ୟୁନ ଚାରିଟି ଅପରେସନ ରୁମରେ । କୌଣସି ରୁମରେ ଡାକ୍ତରମାନେ ନିଜ ରୋଗୀକୁ ମରିବା ପାଇଁ ଛାଡ଼ିଦେଇ ଚାଲିଯାଇନଥିଲେ ।

ଯେତେବେଳେ ସମୁଦାୟ ହସପିଟାଲ ହଲୁଥିଲା ସେତେବେଳେ ଡାକ୍ତରମାନେ ହାତରେ ଗ୍ଲୋଭ୍ ଓ ମୁହଁରେ ମୁଖା ପିନ୍ଧି ଛିଡ଼ା ହୋଇଥିଲେ ରୋଗୀକୁ ବଞ୍ଚାଇବା ପାଇଁ, ସେମାନେ ଚାହିଁଥିଲେ ସୁଦ୍ଧା ନିଜ ଘରକୁ ଫୋନ କରି ଭଲମନ୍ଦ ବୁଝିବା ପରି ଅବସ୍ଥାରେ ନଥିଲେ । ଅସହାୟ ଅବସ୍ଥାରେ ସମୁଦାୟ ଡାକ୍ତର ଗୋଷ୍ଠୀ ଥିଲେ । ଭୂମିକମ୍ପ ସରିବାପରେ ମଧ୍ୟ କିଛି କର୍ମଚାରୀ ରୁମ ଭିତରକୁ ଆସିବାକୁ ମନା କରିଦେଇଥିଲେ ତେଣୁ କେବଳ ଡାକ୍ତରମାନଙ୍କ ସହାୟତରେ ଅସ୍ତ୍ରୋପଚାର ସରିଥିଲା ।

ଯେପରି ଦିନକୁ ଦିନ ରୋଗୀଙ୍କ ନିଜ ଲୋକଙ୍କ ଦ୍ୱାରା ଡାକ୍ତରମାନଙ୍କ ଉପରେ ମରଣାନ୍ତକ

ଆକ୍ରମଣ ହେଉଛି, ସେହିପରି ସମୟରେ ଡାକ୍ତରମାନେ ଚାହିଁଥିଲେ ନିଜ ସୁରକ୍ଷାକୁ ପ୍ରାଥମିକତା ଦେଇ ସେମାନେ ଅସ୍ତ୍ରୋପଚାର ଗୃହରୁ ବାହାରକୁ ଆସିପାରିଥାନ୍ତେ । ପ୍ରତିଶୋଧ ପରାୟଣ ହୋଇପାରିଥାନ୍ତେ, କିନ୍ତୁ ସେମାନେ ସେ ସବୁ କିଛି କରିନଥିଲେ, କାରଣ ଡାକ୍ତରୀ ଶିକ୍ଷା ନେଉଥିବା ବେଳେ ସର୍ବଦା ଗୋଟିଏ କଥାପ୍ରତି ସମସ୍ତେ ବିଶେଷ ଧ୍ୟାନ ଦେବାକୁ ଉତ୍ସାହିତ କରିଥିଲେ, ତାହା ହେଉଛି, ରୋଗୀର ସୁବିଧା । ସବୁବେଳେ ରୋଗୀର ସୁବିଧାକୁ ପ୍ରାଥମିକତା ଦେବାକୁ କୁହାଯାଇଥିଲା । ବାକି ସବୁକିଛି ପଛରେ । ସେଇଥିପାଇଁ ଅନ୍ୟ ଯେ କୌଣସି ଚାକିରୀରେ ଏମେର୍ଜେନ୍‌ସି ଡ୍ୟୁଟି ପାଇଁ ଦିନ କାଳ ନିର୍ଦ୍ଧାରିତ ହୋଇଥିବା ବେଳେ ଡାକ୍ତରମାନଙ୍କ କ୍ଷେତ୍ରରେ ସବୁବେଳେ ଏମେର୍ଜେନ୍‌ସି ଲାଗୁ । ନିଜ କର୍ତ୍ତବ୍ୟ ସାରିଦେଇ ଘରକୁ ଫେରିଥିବା ଡାକ୍ତରମାନଙ୍କ ମନରେ ସବୁବେଳେ ସେଇ ରୋଗୀମାନଙ୍କ ସ୍ୱାସ୍ଥ୍ୟ ଚିନ୍ତା ଥାଏ ଯାହାକୁ ସେମାନେ ଚିକିତ୍ସା କରନ୍ତି ଏବଂ ବେଳେ ବେଳେ ନିଜ ବ୍ୟକ୍ତିଗତ ସୁଖସୁବିଧାକୁ ପଛରେ ପକେଇ ସେମାନେ ନିଜ ଚିକିତ୍ସା କ୍ଷେତ୍ରକୁ ଫେରିଆସନ୍ତି, କେବଳ ରୋଗୀଙ୍କ ଭଲମନ୍ଦ ବୁଝିବାପାଇଁ । ଅଥଚ ସେଇ ରୋଗୀ ଜଣକ ମରିଗଲେ ପରିବାର ବନ୍ଧୁବର୍ଗ ଡାକ୍ତରଙ୍କୁ ଦୋଷାରୋପ କରିବାକୁ ପଛାନ୍ତି ନାହିଁ ।

ବିଗତ ଦିନରେ ହୋଇଥିଲା କିଛି ଘଟଣା ପରେ ଦେଶବ୍ୟାପୀ ଡାକ୍ତରମାନେ ଏହା ହୃଦୟଙ୍ଗମ କରିସାରିଲେଣି ଯେ କୌଣସି ରୋଗୀ ଯେ ମୃତ୍ୟୁ ଆସନ୍ନ ତାକୁ ଡାକ୍ତରଖାନାରେ ରଖିବା ଉଚିତ ହେବନାହିଁ । କାରଣ ଏହିପରି ରୋଗୀର ଚିକିତ୍ସା ସମୟରେ ମୃତ୍ୟୁହେବା ସ୍ୱାଭାବିକ ଘଟଣା । କିନ୍ତୁ କୌଣସି ଡାକ୍ତର ରୋଗୀଙ୍କ ପରିଜନଙ୍କ ଆକ୍ରୋଶର ଶୀକାର ହେବାକୁ ଚାହାନ୍ତି ନାହିଁ ।

# ହସ ବଟିକା

ଡ: କୁଳାଙ୍ଗାର

## ମୁଲିଆ ଆମେ

ଲେବର ପେଏନ ନେଇ ମା ମୋତେ
ଜନମ ଦେଇଚି ସିନା ;
ଜୀବନଟା ସାରା ଲେବର ହୋଇ ମୁଁ
ପାଏ ନାନା କଦର୍ଥନା !



ବିଦ୍ୟାଳୟ ଯେବେ ଗଲି ମୁଁ ପିଠିରେ
ବୋହିଲି ବହିର ବସ୍ତା;
ବଡହୋଇ ବାହା ହେଇଗଲା ପରେ
ଜୀବନ ମୋ ହେଲା ଶସ୍ତା !



ନିତି ମୁଁ ଖଟୁଚି ଗୃହସ୍ଥ ଶ୍ରମିକ
ଲାଜ ଓ ଡରର କ୍ଷେତରେ;
ଉପରକୁ ମୁଁ ଗୃହସ୍ୱାମୀ ସିନା
ଭିତରେ ମୁଲିଆ ସତରେ ! !

-ଡଃ.କୁଳାଙ୍ଗାର

# ଭୂ...ଭୟ

ପଇସା ହେବାରୁ ଗାଁ ଯାଉନି ମୁଁ
ଉଇ ଚାଳଘର ଖୁଣ୍ଟରେ;
ବ୍ୟାଙ୍କରୁ ଋଣ କରି ସହରରେ
ରହୁଚି ଆପାର୍ଟମେଣ୍ଟରେ !
ଏବେ ମୂଷା ଚାଲିଗଲେ ଖଟରେ,
ଭୂମିକମ୍ପ ଡରେ ଏକ ଓ ଦୁଇ
ହେଯାଉଚି ମୋ ପେଣ୍ଟରେ ! !



ଡଃ.କୁଳାଙ୍ଗାର
କ୍ରିଂକ୍ରିଂ-୯୩୩୮୫୮୧୩୦୯
dr.kulangar@gmail.com

# ସୁନାସତ

ଏବେ ଟିଭି ଓ କାଗଜେ ସବୁଠୁ ଅଧିକ
ବିଜ୍ଞାପନଦ୍ୟନ୍ତି ସୁନା ଦୋକାନୀ;
କୋଉଠଉଁ ଆଣି ସାଧବ ବୋହୂ ଓ
ସୌଭାଗ୍ୟବତୀକୁ ମଣ୍ଡନ କରି
ଅଳଙ୍କାରଦ୍ୟନ୍ତି ଏଡ଼େ ସେ ଦାନୀ ?
ପରୀକ୍ଷା କରି କେହି ଦେଖେନି,
ସୁନା ଦୋକାନୀଙ୍କ ସୁନାରେ ଥାଏ
କେତେ ସୁନା ଓ କେତେ ଯେ ଗିନି ! !



Dr.Kulangar
Editor
HASA EXPRESS
M-9338581309
dr.kulangar@gmail.com

# ଫଳା-ଫଳ

ବାପା କହିଲେ- ଆଉ କେତଦିନ
ତିରିଶିରେ ବାହାରିବ ଫଳ
ସତ କହ କେମିତି ହୋଇଚି ?
ଝିଅ କହିଲା- ଆମ ଶ୍ରେଣୀ
ମନୋଜଠୁ ସବୁ ତ ଟିପିକି ଲେଖିଚି !
ବାପା କହିଲେ- ସିଏ ସବୁ ଠିକ୍ ଲେଖିଥିବ
ବୋଲି କେମିତି ଜାଣିଲୁ ତୁହି ?
ଝିଅ କହିଲା- ଯଦି ମୁଁ ଫେଲ୍ ହେଲି
ତାକୁ ଆଉ ମେସେଜ କି ମିସ୍‌କଲ୍
ଜମାରୁ ଦେବିନାହିଁ !



ଡଃ. କୁଳାଙ୍ଗାର
ସଂଯୋଜକ, ଓଡ଼ିଆ ହାସ୍ୟକବି ସମ୍ମିଳନୀ
କ୍ରିଂ କ୍ରିଂ - ୯୩୩୮୫୮୧୩୦୯
email: dr.kulangar@gmail.com
www.hasyakabisammilani.hpage.com

# ଆଶୀର୍ବାଦ

କମଳକାନ୍ତ ସୁବୁଦ୍ଧି



ଖୋର୍ଦ୍ଧାଜଲ୍ଲା ମଧ୍ୟ ଚଲକା ଅଞ୍ଚଳ
ପବତ୍ର ମୋର ଏ ଗାଁ,
ଗାଁ ନୁହେଁ ସିଏ ମାଆଟିଏ ମୋର
ନଇର ପଗ୍ ତା’ ନାଁ  ।୧ ।
ଏଇ ଗାଆଁ ଧାରେ ଧାରେ ଲ୍‌ଗିଅଛ
ନାମ ଅଟେ ତା ଚଲକା,
ମଗ୍‌ଳ ମାଳନୀ ନଳାମ୍ବୁ ଚଲକା
କେହ ନୁହେଁ ତା ପରକା  ।୨ ।
ହ୍ରଦ ନୁହେଁ ସିଏ ଆହାର ସେ ଦଏ
ଉଦର ପୋଷେ ଧୀବର
ମାଛର ଅଭ୍‌ବ ଦେଖ୍‌ନାହିଁ କେବେ
ଆଶୀର୍ବାଦ ଥିବ ମା’ର  ।୩ ।
କୂଳରେ ବାବା ‘ହରହର’ ମଝିରେ
ଅଛ ମାଆ କାଳଯାଇ
ସେ ଗାଁ କୁ ସର୍ବଦା ସାହା ହୋଇଥାଏ
ବପଦ ନ ଆସି ଥାଇ  ।୪ ।
ଜଗନ୍ନାଥ ଦନେ ବଜେ କରଥିଲେ
ଏହ ପୂଣ୍ୟ ନଇରରେ
କଛଦନ ରହ ହରହର ସାଥେ
ଚହ୍ନ ରଖିଲେ ଏଠାରେ  ।୫ ।
ଦୟାର ସାଗର ବାବା ହରହର
ପୂଣ୍ୟର ସେ ଗନ୍ତାଘର
ତା ପାଦେ ଆମର କୋଟି ନମସ୍କାର
ରହଥାଉ ନରନ୍ତର  ।୬ ।

ନଇର, ଖୋର୍ଦ୍ଧା

ଆହ୍ୱାନର ଆଗାମୀ ସଂସ୍କରଣ ଜୁନ୍ ମାସରେ ପ୍ରକାଶିତ ହେବ । ନିଜ ଦ୍ୱାରା ଲିଖିତ କବିତା ଓ କାହାଣୀ ଶୀଘ୍ର ଆମ ନିକଟକୁ ପଠାନ୍ତୁ ।

ଆପଣଙ୍କ ଲିଖିତ କବିତା, କାହାଣୀ, ଭ୍ରମଣ କାହାଣୀ, ଶିଶୁକଥା, ଜୀବନ କଥା, ଇତିହାସ, ରୋଷେଇ, ଘରକରଣା, ସ୍ୱାସ୍ଥ୍ୟ, ବ୍ୟଙ୍ଗ ଇତ୍ୟାଦି ଆପଣ ଇ-ମେଲ୍ ଦ୍ୱାରା ଆମ ନିକଟକୁ ପଠାଇ ପାରିବେ ।

ଆମ ଇ-ମେଲ୍ ଠିକଣା :

# aahwaan@gmail.com

ଚିଠି ମାଧ୍ୟମରେ ଲେଖା ପ୍ରେରଣ କରିବା ଠିକଣା

## ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ସମ୍ପାଦକ, 'ଆହ୍ୱାନ ଇ-ପତ୍ରିକା'

ବିମାନଗର, ୨ୟ ଗଳି, ବ୍ରହ୍ମପୁର, ୭୬୦୦୧୦, ଓଡ଼ିଶା
ଫୋନ : ୯୦୪୦୯୮୫୪୬୩ / ୯୮୬୧୯୬୨୧୬୦

ଆହ୍ୱାନ ଇ-ପତ୍ରିକା ଓଡ଼ିଶାରୁ ପ୍ରକାଶିତ ପ୍ରଥମ  ଏବଂ ଏକମାତ୍ର ସଂପୂର୍ଣ୍ଣ ଓଡ଼ିଆରେ ପ୍ରକାଶିତ ସାହିତ୍ୟ ଇ-ପତ୍ରିକା । ଏହା ପ୍ରତ୍ୟେକ ମାସର ପ୍ରଥମ ସପ୍ତାହରେ ପ୍ରକାଶିତ ହୋଇଥାଏ ।  ବେଳେ ବେଳେ ପୂଜା ପର୍ବପର୍ବାଣୀ ସମୟରେ ସମୟୋପଯୋଗୀ ବିଶେଷ ସଂସ୍କରଣମାନ ମଧ୍ୟ ପ୍ରକାଶିତ ହୁଏ । ଓଡ଼ିଆ ସାହିତ୍ୟର ବିଭିନ୍ନ ବିଭାଗ ଯଥା, ଗଳ୍ପ, କବିତା, ପ୍ରବନ୍ଧ, ରମ୍ୟ ରଚନା, ଶିଶୁ ରଚନା, ଭ୍ରମଣ କାହାଣୀ ଇତ୍ୟାଦି ଏଥିରେ ପ୍ରକାଶିତ ହୁଏ ।

ଏହି ପତ୍ରିକାରେ ଲେଖା ପ୍ରକାଶିତ କରିବା ପାଇଁ ନୂଆ ଓ ପୁରୁଣା ଉଭୟ ସାହିତ୍ୟକାରଙ୍କୁ ପ୍ରୋତ୍ସାହନ ଦିଆଯାଇଥାଏ ।  ଯେହେତୁ ଏହି ପତ୍ରିକା ନିଃଶୁଳ୍କ ବିତରଣ ନିମିତ୍ତ ଉଦ୍ଦିଷ୍ଟ ତେଣୁ ଲେଖକ, ଲେଖିକାମାନଙ୍କୁ କୌଣସି ପ୍ରକାରର ପ୍ରୋତ୍ସାହନ ରାଶି ଦିଆଯାଏ ନାହିଁ ।  ପାରିଶ୍ରମିକ ଆଶା କରୁଥିବା ଲେଖକ ଲେଖିକାମାନେ ନିଜ ଲେଖା ବ୍ୟବସାୟିକ ପତ୍ରପତ୍ରିକାକୁ ପଠାଇ ପାରିବେ ।

ଏହି ପତ୍ରିକା ପ୍ରତ୍ୟେକ ମାସରେ ଇଣ୍ଟରନେଟ୍‌ରେ ନିଃଶୁଳ୍କ ପଢ଼ିବା ପାଇଁ ଉପଲବ୍ଧ ହୋଇଥାଏ । ପାଠକ ଚାହିଁଲେ ଏହି ପତ୍ରିକାର ଗୋଟିଏ ପ୍ରତିଲିପି ନିଜ କଂପ୍ୟୁଟରରେ ଡ଼ାଉନ୍‌ଲୋଡ୍ କରି ପାରିବେ ।

ଲେଖକ ଲେଖିକାମାନେ ନିଜ କୃତି ଆମ ନିକଟକୁ ଡ଼ାକଦ୍ୱାରା କିମ୍ବା ଇ-ମେଲ୍ ଦ୍ୱାରା ପଠାଇପାରିବେ ।  ଡ଼ାକ ଦ୍ୱାରା ପଠାଉଥିଲେ ନିଜ ଲେଖାକୁ ଧଳା କାଗଜର ଗୋଟିଏ ପାର୍ଶ୍ୱରେ ନିର୍ଭୁଲ ହସ୍ତାକ୍ଷରରେ ଲେଖି ପଠାନ୍ତୁ, କିମ୍ବା ଟାଇପ୍ କରି ମଧ୍ୟ ପଠାନ୍ତୁ ।  ଇ-ମେଲ୍ ଦ୍ୱାରା ପଠାଉଥିଲେ ଲେଖାକୁ ଲେଖି ସାରିବା ପରେ ସ୍କାନିଂ କରି ଆମ ଇ-ମେଲ୍ ଠିକଣାରେ ପଠାନ୍ତୁ ।

ଆହ୍ୱାନର ପ୍ରକାଶନ ସଂପୂର୍ଣ୍ଣ ପରିବେଶ ଅନୁକୂଳ, କାରଣ ଏହାଦ୍ୱାରା କାଗଜର ବ୍ୟବହାର କମ ହୋଇଥାଏ,  ଯେଉଁଥିପାଇଁ ଗଛ କାଟିବାକୁ ପଡ଼େନାହିଁ । ଆମେ ପରିବେଶ ପ୍ରଦୁଷଣ ବିରୋଧ କରୁ ।

ଆହ୍ୱାନ ଇ-ପତ୍ରିକାରେ ଲେଖା ପ୍ରକାଶିତ କରିବାପାଇଁ ଯଦି ଆପଣ ଇଚ୍ଛୁକ ତେବେ ନିଜ ଲିଖିତ କୃତିକୁ ଆପଣ ଆମ ନିକଟକୁ ପଠାନ୍ତୁ । ଯେହେତୁ ଏହି ପତ୍ରିକା ଇଣ୍ଟରନେଟରେ ପ୍ରକାଶିତ ହୁଏ ଏବଂ ପ୍ରତ୍ୟେକ ମାସରେ ଶହସ୍ରାଧିକ ଓଡ଼ିଆଙ୍କ କମ୍ପ୍ୟୁଟରରେ ଶୋଭାପାଏ ତେଣୁ ଏହି ପତ୍ରିକାପାଇଁ ଲେଖା ମଧ୍ୟ ଇଣ୍ଟର୍‌ନେଟ ମାଧ୍ୟମରେ ହିଁ ଗ୍ରହଣ କରାଯାଏ  । ଯଦି ଆପଣ ଇ-ମେଲ୍ ଦ୍ୱାରା ଆମ ନିକଟକୁ

ଲେଖା ପଠାଇ ପାରିବେ ନାହିଁ, ତେବେ ଆପଣ ନିଜ ଲେଖା ଧଳା କାଗଜରେ ଗୋଟିଏ ପାର୍ଶ୍ୱରେ ନିର୍ମଳ ହସ୍ତାକ୍ଷରରେ ଲେଖି ଆମ ନିକଟକୁ ନିମ୍ନ ଠିକଣାରେ ପଠାଇ ପାରିବେ ।

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ
ବୀମା ନଗର - ୨ୟ ଗଳି
ଆମ୍ବପୁଆ, ବ୍ରହ୍ମପୁର - ୭୬୦୦୧୦
ଓଡ଼ିଶା, ଫୋନ୍: ୯୦୪୦୯୮୫୪୬୩ / ୯୮୬୧୯୬୨୧୬୦

ଯଦି ଆପଣ ଇଣ୍ଟର୍‌ନେଟ୍ ମାଧ୍ୟମରେ ଲେଖା ପଠାଇବାକୁ ଚାହାନ୍ତି ତେବେ ନିଜ ଲେଖାକୁ ଟାଇପ୍ (ଓଡ଼ିଆ ୟୁନିକୋଡ୍ ଫଣ୍ଟରେ ଟାଇପ୍ କରିବେ ଯଥା ଅପ୍ରାନ୍ତ ଓଡ଼ିଆ / ଗୁଗୁଲ୍ ଓଡ଼ିଆ ଟ୍ରାନ୍‌ସ୍‌ଲିଟେରେସନ୍) କରି Microsoft Word Document ରେ ଆମ ନିକଟକୁ ପଠାନ୍ତୁ, କିମ୍ବା ଲେଖାକୁ ସ୍କାନ୍ କରି ଜେପିଇଜି ଫର୍ମାଟରେ ଇମେଲ୍ Attachment କରି ପଠାନ୍ତୁ । ଆମ ଇ-ମେଲ୍ ଠିକଣା ହେଲା - aahwaan@gmail.com

ଏହି ପତ୍ରିକା ଉନ୍ନତି ହେତୁ ଆପଣଙ୍କ ସହାୟତା ଆମର ଏକାନ୍ତ କାମ୍ୟ ।

ଧନ୍ୟବାଦ

**ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ**

ପ୍ରତିଷ୍ଠାତା-ସମ୍ପାଦକ, 'ଆହ୍ୱାନ'

**https://www.facebook.com/odiaparibar**

## ଜୟ ଓଡ଼ିଆ । ଜୟ ଓଡ଼ିଶା । ଜୟ ଜଗନ୍ନାଥ

ଯଦି ଏହି ସଂସ୍କରଣରେ କୌଣସି ତ୍ରୁଟିଥାଏ ତାହେଲେ ସେଥିପାଇଁ ସମ୍ପାଦକ କ୍ଷମାପ୍ରାର୍ଥୀ ।